କଟକ
ମଙ୍ଗଳବାର ୧୦ ନଭେମ୍ବର, ୨୦୨୬
ପ୍ରାତଃ ସଂସ୍କରଣ

November 10, 2026 Cuttack
Vol - XXIV, Issue - 218
Price: Rs.5/- (8 Pages)
e-mail : pratidin.daily@gmail.com

Postal Regd. No: BN /134/24-26
RNI No- ODIODI/2003/10995

ପ୍ରତିଦିନ

www.pratidintv.com
e-paper:
www.pratidinepaper.com

PRATIDIN Odia Daily
ସବୁବେଳେ ଆପଣଙ୍କ ସାଥିରେ

୧୫ରେ ଆସିବେ ଉପରାଷ୍ଟ୍ରପତି

ଭୁବନେଶ୍ୱର,୯।୧୧(ନି.ପ୍ର): ଉପରାଷ୍ଟ୍ରପତି ସି ପି ରାଧାକ୍ରିଷ୍ଣନ ଆସନ୍ତା ୧୫ ତାରିଖରେ ଓଡ଼ିଶା ଗସ୍ତରେ ଆସୁଥିବା ଜଣାପଡ଼ିଛି। ଉପରାଷ୍ଟ୍ରପତି ୧୬ ତାରିଖରେ ବିଧାନସଭାରେ ନବ ନିର୍ବାଚିତ ବିଧାୟକଙ୍କ ପାଇଁ ଆୟୋଜିତ ହେଉଥିବା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେବେ।




ଜେଲ ଗଲେ ଭାସ୍କର ରାଓ

ରାୟଗଡ଼ା,୯।୧୧(ନି.ପ୍ର): ନିକଟରେ ବିଜେଡ଼ିର ପୂର୍ବତନ ରାଜ୍ୟସଭା ସାଂସଦ ଏନ୍ ଭାସ୍କର ରାଓଙ୍କ ବାସଭବନ ଓ ବିଭିନ୍ନ ଠିକଣାରେ ଇଓଡବ୍ଲ୍ୟୁର ଚଢାଉ ହୋଇଥିଲା। ଏବେ ଏକ ହତ୍ୟା ମାମଲାରେ ଭାସ୍କର ରାଓଙ୍କୁ ଜେଲ୍ ଯିବାକୁ ପଡ଼ିଛି।

ରାୟଗଡ଼ାର ଆଦିବାସୀ ନେତା ଭାଗୀରଥି ମାଣ୍ଡାଙ୍ଗୀଙ୍କୁ ଅପହରଣ ଓ ହତ୍ୟା ମାମଲାରେ ଜେଲ ଯାଇଛନ୍ତି ଭାସ୍କର ରାଓ। ୨୦୧୦ ଡିସେମ୍ବରରେ ମାଣ୍ଡାଙ୍ଗୀ ନିଖୋଜ ହୋଇଯାଇଥିଲେ। ସେ ମଧ୍ୟ ମାଆ ମଝିଘରିଆଣୀ ମନ୍ଦିରର ଜଣେ ଟ୍ରଷ୍ଟି। ନିଖୋଜ ପରେ ଆନ୍ଧ୍ରପ୍ରଦେଶର ଏକ ଜଳଭଣ୍ଡାର ନିକଟରେ ହାତ ଗୋଡ଼ ବନ୍ଧା ଅବସ୍ଥାରେ ତାଙ୍କର ମୃତଦେହ ମିଳିଥିଲା। ଏନେଇ ଥାନାରେ ମାମଲା ରୁଜୁ ହୋଇଥିଲା। ପରେ ଏହି ମାମଲା ହସ୍ତାନ୍ତର କରାଯାଇଥିଲା କ୍ରାଇମ ବ୍ରାଞ୍ଚକୁ। ମାମଲାରେ ଭାସ୍କର ରାଓଙ୍କ ସମେତ ୬ଜଣଙ୍କ ନାମ ରହିଥିଲା। ସେମାନଙ୍କ ମଧ୍ୟରେ ଜଣଙ୍କର ମୃତ୍ୟୁ ହୋଇଯାଇଥିବା ଜଣାଯାଇଛି। ଏହି ମାମଲାରେ ହାଇକୋର୍ଟରୁ ଆଗୁଆ ଜାମିନ ପାଇଥିଲେ ଭାସ୍କର ରାଓ। ଏବେ ୧୬ ବର୍ଷ ପରେ ଭାଗୀରଥି ମାଣ୍ଡାଙ୍ଗୀ ହତ୍ୟା ମାମଲା ନୂଆ ମୋଡ଼ ନେଇଛି।

ଭାଗୀରଥିଙ୍କ ଭାଇ ଜଗନ୍ନାଥ ମାଣ୍ଡାଙ୍ଗୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସର୍ବୋଚ୍ଚ ନ୍ୟାୟାଳୟ ହାଇକୋର୍ଟଙ୍କ ଜାମିନ ମଞ୍ଜୁରକୁ ଖାରଜ କରିଦେବା ସହ ଦୁଇ ସପ୍ତାହ ମଧ୍ୟରେ ସ୍ଥାନୀୟ କୋର୍ଟରେ ହାଜର ହେବାକୁ ଭାସ୍କର ରାଓ ଓ ଅନ୍ୟ ଅଭିଯୁକ୍ତଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ଭାସ୍କର ରାଓ ରାୟଗଡ଼ା ଏସ୍‌ଡିଜେଏମ୍ କୋର୍ଟରେ ହାଜର ହୋଇଛନ୍ତି। କୋର୍ଟ ତାଙ୍କର ଜାମିନ ଆବେଦନ ଖାରଜ କରି ତାଙ୍କୁ ବିଚାର ବିଭାଗୀୟ ହେପାଜତକୁ ପଠାଇ ଦେଇଛନ୍ତି। ଭାସ୍କର ରାଓଙ୍କ ସମେତ ୪ଜଣ ମଧ୍ୟ ରହିଛନ୍ତି। ଆଉ ଜଣେ ଆତ୍ମସମର୍ପଣ କରିନଥିବା ଜଣାଯାଇଛି।



୨୮ରେ ଓଡ଼ିଶା ଆସିବେ ଅମିତ ଶାହ



ଭୁବନେଶ୍ୱର,୯।୧୧(ନି.ପ୍ର): କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ଆସନ୍ତା ୨୮ରେ ଓଡ଼ିଶା ଗସ୍ତରେ ଆସିବେ ବୋଲି ଜଣାଯାଇଛି। ଏହା ତାଙ୍କର ଦିନିକିଆ ଓଡ଼ିଶା ଗସ୍ତ। ଗସ୍ତ ସମୟରେ ସେ ପୂର୍ବାଞ୍ଚଳ ପରିଷଦ ବୈଠକରେ ଯୋଗ ଦେବେ। ଓଡ଼ିଶାରେ ହେବାକୁ ଯାଉଛି ପୂର୍ବାଞ୍ଚଳ ପରିଷଦ ବୈଠକ। ବୈଠକରେ ମଧ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମିଲ ହୋଇପାରନ୍ତି।

ଜାନୁଆରୀରେ ୫ ରାଜ୍ୟ ବିଧାନସଭା ନିର୍ବାଚନ ସମ୍ଭାବନା

ନୂଆଦିଲ୍ଲୀ,୯।୧୧(ବିଜୟ ସୁଦ୍): ୨୦୨୬ ଜାନୁଆରୀରେ ୫ ରାଜ୍ୟରେ ହୋଇପାରେ ବିଧାନସଭା ନିର୍ବାଚନ। ଏହାର ସମ୍ଭାବନା ରହିଛି। ଏହି ୫ ରାଜ୍ୟ ହେଲା ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ, ପଞ୍ଜାବ, ମଣିପୁର ଓ ଗୋଆ। ସୂଚନା ଅନୁଯାୟୀ, ନିର୍ବାଚନ ଆୟୋଗଙ୍କ ଏହିସବୁ ରାଜ୍ୟ ଗସ୍ତ ପରେ ନିର୍ବାଚନ ଘୋଷଣା ହୋଇପାରେ। ଚଳିତ ନଭେମ୍ବର ଶେଷ ବେଳକୁ ନିର୍ବାଚନ ଆୟୋଗ ଏହି ୫ ରାଜ୍ୟ ଗସ୍ତ କରିପାରନ୍ତି।

ଇସ୍ରାଏଲରେ ଆଇସେନକୋଟଙ୍କ ସରକାର, ପ୍ରକ୍ରିୟା ଆରମ୍ଭ



ନୂଆଦିଲ୍ଲୀ,୯।୧୧(ନି.ପ୍ର): ଇସ୍ରାଏଲରେ ଆରମ୍ଭ ହୋଇଛି ନୂଆ ସରକାର ଗଠନ ପ୍ରକ୍ରିୟା। ୧୨୦ ଆସନ ବିଶିଷ୍ଟ ଇସ୍ରାଏଲ ସଂସଦ ପାଇଁ ନିର୍ବାଚନ ସରିଯାଇଥିଲେ ମଧ୍ୟ ସରକାର ଗଠନ ପାଇଁ ଆବଶ୍ୟକ ହେଉଥିବା ୬୧ ଆସନ କୌଣସି ପାର୍ଟି ଓ ଗଠବନ୍ଧନ ହାସଲ କରିପାରିନାହାନ୍ତି। ଏପରିକି ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ଦଳ ମଧ୍ୟ। ଶେଷରେ ସରକାର ଗଠନ ପ୍ରକ୍ରିୟା ଆରମ୍ଭ କରିଛନ୍ତି ରାଷ୍ଟ୍ରପତି ଆଇଜାକ ହରଜୋଗ୍। ୟାଶର ପାର୍ଟି ନେତା ଗାଦୀ ଆଇସେନକୋଟଙ୍କୁ ସରକାର ଗଠନ ଦାୟିତ୍ୱ ଅର୍ପଣ କରିଛନ୍ତି। ୨୮ ଦିନ ମଧ୍ୟରେ ସେ ସରକାର ଗଠନ କରିବେ। ନିରାଶ ହୋଇଛନ୍ତି ନେତାନ୍ୟାହୁ।

ଆରବ ପାର୍ଟି ସହାୟତାରେ ସରକାର ଗଠନ କରିପାରନ୍ତି ଆଇସେନକୋଟ। ଆରବ ପାର୍ଟିର ୧୯ ସାଂସଦ ନିର୍ବାଚିତ ହୋଇଛନ୍ତି। ୟାଶର ପାର୍ଟି ସହ ଆରବ ପାର୍ଟି ହାତ ମିଳାଇଲେ ସେମାନଙ୍କ ସଂଖ୍ୟା ୬୭ରେ ପହଞ୍ଚିଛି। ମେଜରିଟିଠାରୁ ୬ ଅଧିକ। ନେତାନ୍ୟାହୁଙ୍କ ପକ୍ଷରେ ୪୬ ସାଂସଦଙ୍କ ସମର୍ଥନ ରହିଛି। ଆରବ ପାର୍ଟିକୁ ସରକାର ଗଠନ ପ୍ରକ୍ରିୟା ଦୂରେଇ ରଖିବାକୁ ନେତାନ୍ୟାହୁ ଡାକରା ଦେଇଥିଲେ ବି ଏହାକୁ ଭ୍ରୁକ୍ଷେପ କରିନାହିଁ ୟାଶର ପାର୍ଟି। ଇରାନ ଯୁଦ୍ଧର ପ୍ରଭାବ କେବଳ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟି ଉପରେ ପଡ଼ିନାହିଁ, ଇସ୍ରାଏଲରେ ନେତାନ୍ୟାହୁଙ୍କ ପାର୍ଟି ଉପରେ ମଧ୍ୟ ପଡ଼ିଛି।

ଡେବ୍ରିଗଡ଼ ଅଭୟାରଣ୍ୟରେ ମହାବଳ

ସମ୍ବଲପୁର,୯।୧୧(ନି.ପ୍ର): ଡେବ୍ରିଗଡ଼ ଅଭୟାରଣ୍ୟରେ ପ୍ରବେଶ କରିଛି ଏକ ମହାବଳ ବାଘ (ଆର୍‌ବିଟି)। ସିସିଟିଭି କ୍ୟାମେରାରୁ ଏହାର ଉପସ୍ଥିତି ସ୍ପଷ୍ଟ ହୋଇଛି। ଦେଉଁଆ–ଲଖନପୁର ଦେଇ ଏହି ମହାବଳ ବାହାର ରାଜ୍ୟରୁ ଆସି ଡେବ୍ରିଗଡ଼ରେ ପ୍ରବେଶ କରିଥିବା ଜଣାପଡ଼ିଛି। ତା'ର ଫଟୋକୁ ଏନ୍‌ଟିସିଏ ଏବଂ ଡବ୍ଲ୍ୟୁଆଇଆଇକୁ ପଠାଯିବ ବୋଲି ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡର ଡିଏଫଓ ଅଂଶୁ ପ୍ରଜ୍ଞା ଦାସ ସୂଚନା ଦେଇଛନ୍ତି। କ୍ୟାମେରା ଟ୍ରାପ୍‌ରେ ଉତ୍ତୋଳିତ ଫଟୋର ବିଶ୍ଳେଷଣ ପରେ ଜଣାପଡ଼ିବ ଏହି ମହାବଳ କେଉଁଠାରୁ ଆସିଛି ଏବଂ ସେ ମେଲ୍ ନା ଫିମେଲ୍। ମହାବଳର ଗତିବିଧି ଉପରେ ନଜର ରଖିବାକୁ ଅଭୟାରଣ୍ୟରେ ୧୦୦ ଟ୍ରାପ୍ କ୍ୟାମେରା ଲଗାଯାଇଛି। ମୁତୟନ ହୋଇଛନ୍ତି ସ୍ୱତନ୍ତ୍ର ଭାବେ ୨୭ ପାଟ୍ରୋଲିଂ ଟିମ୍। ପୂର୍ବରୁ ୨୦୨୨ରୁ ୨୦୨୪ ମଧ୍ୟରେ ଏକ ମହାବଳ ବାଘ ପ୍ରାୟ ଦେଢ଼ ବର୍ଷ ଧରି ଡେବ୍ରିଗଡ଼ ଅଭୟାରଣ୍ୟରେ ରହିଥିଲା। ପରବର୍ତ୍ତୀ ସମୟରେ ବାଘଟି ଛତିଶଗଡ଼ର ଗୋମର୍ଦ୍ଦା ଅଭୟାରଣ୍ୟରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ପ୍ରାଣ ହରାଇଥିଲା।

ଫୁଟିଲା ବାଣ ବଢ଼ିଲା ବାୟୁ ପ୍ରଦୂଷଣ

ଭୁବନେଶ୍ୱର,୯।୧୧(ନି.ପ୍ର): ଦୀପାବଳିରେ ନିୟମକୁ ଫୁ' କରି ପ୍ରବଳ ବାଣ ଫୁଟିବା ଫଳରେ ଭୁବନେଶ୍ୱର ସମେତ ବିଭିନ୍ନ ସହରରେ ବଢ଼ିଯାଇଛି ବାୟୁ ପ୍ରଦୂଷଣ ମାତ୍ରା। ଭୁବନେଶ୍ୱର, ରାଉରକେଲା, ପୁରୀ, ଜଟଣୀ, କୋଣାର୍କରେ ଏକ୍ୟୁଆଇ (ଏୟାର କ୍ୱାଲିଟି ଇଣ୍ଡେକ୍ସ) ୧୦୦୦ରୁ ଅଧିକ ବଢ଼ିଯାଇଛି। ଭୁବନେଶ୍ୱରରେ ହାରାହାରି ୧୨୦୦ ପାର୍ ହୋଇଯାଇଥିବାବେଳେ ରାଉରକଲାରେ ୧୩୧୬, ପୁରୀରେ ୧୧୪୭, କୋଣାର୍କରେ ୧୦୬୯, ଜଟଣୀରେ ୧୦୧୮ ରହିଛି ଏକ୍ୟୁଆଇ। ରାଜଧାନୀରେ ସ୍ଥିତି ଏଭଳି ହୋଇଥିଲା ଯେ, ଦୀପାବଳି ଦିନ ରାତି ୧୨ଟା ପରେ ୨୦ ଫୁଟ୍ ଦୂରତା ମଧ୍ୟ ଦୃଶ୍ୟମାନ ହୋଇନଥିଲା। ବିଜେବି ନଗରରେ ରାତି ସାଢ଼େ ୧୧ଟା ସୁଦ୍ଧା ଏକ୍ୟୁଆଇ ରହିଥିଲା ୧୧୮୭। ଜାଗମରାରେ ୧୧୪୦, ବାପୁଜୀନଗରରେ ୧୨୦୭, ଶାସ୍ତ୍ରୀ ନଗରରେ ୧୨୯୧, ଲକ୍ଷ୍ମୀ ସାଗରରେ ୧୧୧୮ ରହିଥିବାବେଳେ ବାଳକାଟିରେ ରହିଥିଲା ୧୧୧୯ ଓ ହଂସପାଳରେ ୯୨୬। ଶନିବାର ସକାଳ ସମୟରେ ସ୍ଥିତିରେ ସାମାନ୍ୟ ସୁଧାର ହୋଇଥିଲେ ବି ଏହାର ପ୍ରଭାବ ଗୋଟିଏ ସପ୍ତାହ ଯାଏ ରହିବେ ବୋଲି କୁହାଯାଉଛି। ଏନେଇ ଚିନ୍ତା ପ୍ରକଟ କରିଛନ୍ତି ପରିବେଶବିତ୍। ବାଣର ଧୂଆଁ ଓ ବିଷାକ୍ତ ଗ୍ୟାସ୍‌ରେ ହୋଇଥିବା ବାୟୁ ପ୍ରଦୂଷଣର ପ୍ରଭାବ ମଣିଷ ସମେତ ପଶୁପକ୍ଷୀ, ବୃକ୍ଷଲତା ଉପରେ ମଧ୍ୟ ପଡ଼ିପାରେ। ଜଳ ଓ ମୃତ୍ତିକା ମଧ୍ୟ ପ୍ରଭାବିତ ହୋଇପାରେ। ବିଭିନ୍ନ ରୋଗକୁ ଏହା ଆମନ୍ତ୍ରଣ କରିପାରେ।



ନମସ୍ତେ

ଭିନ୍ନ ଏକ ଚରିତ୍ରରେ ଜେନେଲିଆ



ଜେନେଲିଆ ଡିସୌଜାଙ୍କ ବଲିଉଡ୍ କ୍ୟାରିୟର 'ତୁଝେ ମେରୀ କସମ'ରୁ ଆରମ୍ଭ ହୋଇଥିଲା। ଏଥିରେ ତାଙ୍କର ନାୟକ ସାଜିଥିଲେ ରିତେଶ ଦେଶମୁଖ। ଏବେ ଜେନେଲିଆଙ୍କୁ ଦର୍ଶକ ଏକ ଭିନ୍ନ ଚରିତ୍ରରେ ପରଦା ଉପରେ ଦେଖିବାକୁ ପାଇବେ। ଏହି ଫିଲ୍ମରେ ଆକ୍ସନ ଭରି ରହିଛି। ତା' ସହ ଲଭ୍, ଇମୋଶନ ମଧ୍ୟ ଅଛି। ଉକ୍ତ ସିନେମାର ଟାଇଟଲ ରହିଛି 'ଗନ୍‌ମାଷ୍ଟର ଜି ୯'। ଏହାର ମୁଖ୍ୟ ଭୂମିକାରେ ଅଛନ୍ତି ଇମ୍ରାନ ହାଶ୍‌ମୀ। ନିକଟରେ ଏହାର ଏକ ରୋମାଣ୍ଟିକ ଗୀତ ରିଲିଜ୍ ହୋଇ ବେଶ୍ ଭାଇରାଲ ହୋଇଛି। ଉକ୍ତ ଟ୍ରାକ୍‌ଟି ହେଲା 'ଦର୍ଦ୍ଦ ଏ ଦିଲ୍'। ଇମ୍ରାନ ଏବଂ ଜେନେଲିଆଙ୍କୁ ନେଇ ଏହି ଡୁଏଟ୍‌ର ପିକ୍ଚରାଇଜେଶନ କରାଯାଇଛି। ଗୀତଟିକୁ କମ୍ପୋଜ କରିଛନ୍ତି ହିମେଶ ରେଶମିୟା ଏବଂ ଆକାସା ସିଂ। ଦୁହେଁ ମଧ୍ୟ ଏହି ଗୀତଟି ପାଇଁ କଣ୍ଠଦାନ କରିଛନ୍ତି। ଗୀତଟିକୁ ରଚନା କରିଛନ୍ତି ସୋନିଆ କପୁର ରେଶମିୟା। ଖାସ୍ କଥା ହେଲା ଉକ୍ତ ଟ୍ରାକ୍‌ଟି ସବୁ ପ୍ଲାଟଫର୍ମକୁ ମିଶାଇ ୩୦୦ ମିଲିୟନ୍‌ରୁ ଅଧିକ ଭ୍ୟୁ ପାଇଛି। ଏହି ଫିଲ୍ମରେ ଅପରଶକ୍ତି ଖୁରାନା ଅଭିଷେକ ସିଂଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଚିତ୍ରଟିର ନିର୍ଦ୍ଦେଶନା ଦେଇଛନ୍ତି ଆଦିତ୍ୟ ଦତ୍ତ। ପ୍ରଯୋଜନା କରିଛନ୍ତି ଦୀପକ ମୁକୁଟ, ହୁନର ମୁକୁଟ ଏବଂ ସଙ୍ଗୀତା ଆହିର। ଏହି ଆକ୍ସନ ରୋମାନ୍ସ ଫିଲ୍ମଟି ଚଳିତ ମାସ ୨୭ ତାରିଖରେ ବିଶ୍ୱବ୍ୟାପୀ ରିଲିଜ୍ ହେବ।

ପାଣିରେ ଚଲାଇଲେ ବାଇକ୍



ରାସ୍ତାରେ ମୋଟରସାଇକେଲ ଦୌଡୁଥିବାର ତ ଦେଖିଥିବେ, କିନ୍ତୁ କେବେ ଭାବିଛନ୍ତି କି କୌଣସି ବାହନ ପାଣି ଉପରେ ମଧ୍ୟ ଚାଲିପାରିବ ବୋଲି? କଥାଟି ଉପରେ ବିଶ୍ୱାସ ହେଉନଥିବ। ହେଲେ ଚୀନ୍‌ର ଜଣେ ଉଦ୍ୟୋଗପତି ନିଜର ଏକ ସ୍ୱତନ୍ତ୍ର ଭାବରେ ମୋଡିଫାଏଡ୍ ମୋଟରସାଇକେଲକୁ ପାଣିରେ ଦୌଡ଼ାଇ ଏହି ଚମତ୍କାର କରି ଦେଖାଇଛନ୍ତି। ସେ ପୁଣି ଅଳ୍ପକିଛି ଦୂରତା ନୁହେଁ, ପାଣି ଉପରେ ବାଇକ୍ ସାହାଯ୍ୟରେ ସେ ୪୦.୭୪ କିଲୋମିଟର ଦୂରତା ଅତିକ୍ରମ କରିଛନ୍ତି। ଆଉ ତାଙ୍କର ଏହି ସଫଳତାକୁ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ବି ସ୍ଥାନ ମିଳିଛି। ଏହି ଅନନ୍ୟ ରେକର୍ଡ ସୃଷ୍ଟି କରିଥିବା ବ୍ୟକ୍ତିଙ୍କ ନାମ ହେଉଛି ଝାଙ୍ଗ ଶୁଏ। ସେ ଚୀନ୍‌ର ଜଣେ ଶୁଣାମୋଟରସାଇକେଲ କମ୍ପାନୀ ଜେଡ୍‌ଏକ୍ସମୋଟୋ ପ୍ରତିଷ୍ଠାତା। ୩୬ ବର୍ଷୀୟ ଝାଙ୍ଗ ଅକ୍ଟୋବର ୨୫ରେ ଚ୍ୟାଲେଞ୍ଜ ସମୟରେ ସୁରକ୍ଷାର ସମ୍ପୂର୍ଣ୍ଣ ବ୍ୟବସ୍ଥା କରାଯାଇଥିଲା। ଝାଙ୍ଗଙ୍କ ସହଯୋଗୀ ବୋଟ୍ ଏବଂ ମେଡିକାଲ ଟିମ୍ ଉପସ୍ଥିତ ଥିଲେ। ସେ ନଦୀରେ ସ୍ଥିର କରାଯାଇଥିବା ରାସ୍ତାର ଛଅଟି ରାଉଣ୍ଡ ସମ୍ପୂର୍ଣ୍ଣ କରିଥିଲେ। ଏହି ସମୟରେ ଅନେକ କଠିନ ମୋଡ଼ ଆସିଥିଲା ଏବଂ ସେ ବେଶ୍ ଥକିପଡ଼ିଥିଲେ ମଧ୍ୟ। ତଥାପି ସେ ମନୋବଳ ଦୃଢ଼ ରଖିଥିଲେ।

ତେବେ ଝାଙ୍ଗଙ୍କୁ ଏହି ସଫଳତା ଗୋଟିଏ ଥରରେ ମିଳିନଥିଲା। ୧୧ ବର୍ଷ ବୟସରେ ସେ ପ୍ରଥମଥର ପାଇଁ ପାଣି ଉପରେ ମୋଟରସାଇକେଲ ଚଲାଇବାର ସ୍ୱପ୍ନ ଦେଖିଥିଲେ। ଏଥିପାଇଁ ସେ ପ୍ରାରମ୍ଭିକ ପର୍ଯ୍ୟାୟରେ ଚାରିଥର ଚେଷ୍ଟା କରିଥିଲେ। ହେଲେ ପ୍ରତିଥର ବିଫଳତାର ସମ୍ମୁଖୀନ ହୋଇଥିଲେ। କ୍ରମାଗତ ବିଫଳତା ସତ୍ତ୍ୱେ ଝାଙ୍ଗ ହାର୍ ମାନିନଥିଲେ। ସେ ନିଜ ଟିମ୍ ସହିତ ପ୍ରାୟ ୫ ମାସ ଧରି ପ୍ରସ୍ତୁତି କରିଥିଲେ। ଶେଷରେ ସେ ପାଣି ଉପରେ ବାଇକ୍ ଚଲାଇ ରେକର୍ଡ କରିବାରେ ସଫଳ ହେଲେ।



ବିଶାଳକାୟ ସୁନା ଝୁମୁକା

କାନର ଝୁମୁକା ନାରୀର ସୌନ୍ଦର୍ଯ୍ୟ ବୃଦ୍ଧି କରେ। ସେଥିପାଇଁ ତ ନାରୀର ଭାରି ପ୍ରିୟ ଝୁମୁକା। ଖାସ୍‌କରି ସୁନାର ଝୁମୁକା ପ୍ରତି ଥାଏ ନାରୀର ବେଶି ଦୁର୍ବଳତା। ସୁନାର ଝୁମୁକା ଯେତେ ବଡ଼ ହୁଏ ନାରୀର ସୁନ୍ଦରତା ସେତେ ବଢେ। ତେଣୁ ବଡ଼ କାନର ଝୁମୁକା ଦେଖିଲେ ଲୋଭ ବଢିଯାଏ। ହେଲେ ଦୁବାଇର ଏକ ଜ୍ୱୁଏଲାରୀ କମ୍ପାନୀ ତିଆରି କରିଛି ଏମିତି ଏକ ବିରାଟକାୟ ସୁନାର ଝୁମୁକା ଯାହାକୁ ଦେଖିଲେ ଆଖି ଝଲସିଯିବ, ଲୋଭ ବଢିବ। ହେଲେ କାନରେ ତାକୁ ପିନ୍ଧି ହେବନି। କାରଣ ଏହା ହେଉଛି ପୃଥିବୀର ସବୁଠାରୁ ବଡ଼ ଝୁମୁକା। 'ମୟୂର ସହସ୍ର' ନାମକ ୨୨ କ୍ୟାରେଟ ସୁନାର ଏହି ଝୁମୁକାର ମୋଟ ଓଜନ ହେଉଛି ୧୬.୪୧୪ କିଗ୍ରା। ଲମ୍ବ ୧.୨୧୫ ମିଟର ଏବଂ ବ୍ୟାସ ୦.୭୮୨ ମିଟର। ୪୫ ଜଣ କାରିଗର ମାସ ମାସ କଠିନ ପରିଶ୍ରମ କରି ୪୮୪୦ ଘଣ୍ଟାରେ ଏହାକୁ ତିଆରି କରିଛନ୍ତି। ଏହି ଝୁମୁକାକୁ ଦୁବାଇ ଗୋଲ୍ଡ ଡିଷ୍ଟ୍ରିକ୍ଟରେ ପ୍ରଦର୍ଶିତ କରାଯାଇଥିଲା। ଏହି ସୁନା ଝୁମୁକା ପୃଥିବୀରେ ସବୁଠାରୁ ବଡ଼ ଏବଂ ସବୁଠାରୁ ଭାରୀ ସୁନା ଝୁମୁକା ଭାବରେ ଦୁଇଟି ଗିନିଜ୍ ୱାର୍ଲ୍ଡ ରେକର୍ଡ ସୃଷ୍ଟି କରିଛି।



ଉପକାରୀ ପିଙ୍ଗୁଳି ପତ୍ର

ପିଙ୍ଗୁଳି ଖାଇବାକୁ ଅବା କାହାକୁ ଭଲ ନଲାଗେ। ଶରୀର ପାଇଁ ଖୁବ୍ ଉପକାରୀ ପିଙ୍ଗୁଳିକୁ ଗାଁମାନଙ୍କରେ ଜାମୁ, ଚାଉଳିଆ ମଧ୍ୟ କହିଥା'ନ୍ତି। ଗାଁଗହଳିରେ ପ୍ରାୟତଃ ପ୍ରତି ବାଡ଼ିରେ ପିଙ୍ଗୁଳି ଗଛଟିଏ ଲାଗିଥିବା ଦେଖିଥିବେ। ଲୋକ ବଡ଼ ଆନନ୍ଦରେ ପିଙ୍ଗୁଳି ତୋଳି ଖାଆନ୍ତି। କୁଣିଆ ଆସିଲେ ସାଙ୍ଗରେ ଝୁଡିଏ ପିଙ୍ଗୁଳି ତୋଳି ପଠାନ୍ତି। ହେଲେ ଏହି ପିଙ୍ଗୁଳି ପତ୍ରର ଗୁଣବତ୍ତା ବିଷୟରେ ଖୁବ୍ କମ୍ ଲୋକ ଜାଣିଥିବେ। ପିଙ୍ଗୁଳି ପତ୍ର ଶରୀର ପାଇଁ ମହୌଷଧିର କାମ କରେ। ପ୍ରତିଦିନ ସକାଳୁ ପିଙ୍ଗୁଳି ପତ୍ର ଚୋବାଇ ଖାଇଲେ ଶରୀରକୁ ଅନେକ ଲାଭ ମିଳିଥାଏ। ପିଙ୍ଗୁଳିରେ ପୋଟାସିୟମ୍, ଭିଟାମିନ୍, ଭିଟାମିନ୍ ସି, ମିନେରାଲ୍, ଲାଇକୋପିନ୍, ଫାଇବର୍ ଭଳି ଗୁଣ ଗଚ୍ଛିତ ହୋଇ ରହିଥାଏ। ଏହି ଫଳର ପତ୍ର ଚୋବାଇଲେ ପାଟିରେ ହୋଇଥିବା ଛାଲ ସମସ୍ୟା ଦୂର ହେବା ସହ ହଜମ ଶକ୍ତି ବଢେ। ସକାଳୁ ଖାଲି ପେଟରେ ପିଙ୍ଗୁଳି ପତ୍ର ଚୋବାଇଲେ କୋଲେଷ୍ଟ୍ରୋଲ୍ କଣ୍ଟ୍ରୋଲରେ ରୁହେ। ଡାଏବେଟିସକୁ କଣ୍ଟ୍ରୋଲ୍ କରିବାରେ ମଧ୍ୟ ଏହା ସହାୟକ ହୁଏ। ଜଣେ ଡାଏବେଟିସ୍ ରୋଗୀ ପ୍ରତିଦିନ ପିଙ୍ଗୁଳି ପତ୍ର ସେବନ କରିବା ଉଚିତ୍।

ପିଙ୍ଗୁଳି ପତ୍ରରେ ଭିଟାମିନ୍ ସି ଭରପୂର ମାତ୍ରାରେ ଥିବାରୁ ଏହାକୁ ଚୋବାଇ ଖାଇବା ଦ୍ୱାରା ଇମ୍ୟୁନିଟି ଶକ୍ତି ବୃଦ୍ଧି ହୋଇଥାଏ। ଏହାଦ୍ୱାରା ଶରୀରକୁ ସଂକ୍ରମଣ ରୋଗ ପ୍ରବେଶ କରିପାରେନାହିଁ। ସକାଳୁ ଖାଲି ପେଟରେ ପିଙ୍ଗୁଳି ପତ୍ର ଚୋବାଇ ଖାଇଲେ ବର୍ଦ୍ଧିତ ଓଜନକୁ ମଧ୍ୟ କମ୍ କରିପାରିବେ। ଓଜନକୁ ନିୟନ୍ତ୍ରଣରେ ଆଣିବାକୁ ଚାହୁଁଥିଲେ ପିଙ୍ଗୁଳି ପତ୍ର ଖାଆନ୍ତୁ। ପ୍ରାୟତଃ ପ୍ରତି ଘରର ଏକ ବଡ଼ ସମସ୍ୟା ହେଉଛି ଖାଇବା ପରେ ହଜମ ନହେବା। ତା'ହେଲେ ପିଙ୍ଗୁଳି ପତ୍ର ଭଲ ବିକଳ୍ପ ହୋଇପାରିବ। ଖାଲି ପେଟରେ ଏହି ପତ୍ର ଚୋବାନ୍ତୁ ପେଟ ସମସ୍ୟା ଦୂର ହେବା ସଙ୍ଗେ ପାଚନ ପ୍ରକ୍ରିୟା ଭଲ ହେବ। ପିଙ୍ଗୁଳି ପତ୍ରକୁ କାଢ଼ା କରି ମଧ୍ୟ ସେବନ କରିପାରିବେ।

ପ୍ରତିଦିନ ୪୫ ମିନିଟ୍ ଚାଲନ୍ତୁ ବ୍ଲଡ୍ ସୁଗାରରେ ପରିବର୍ତ୍ତନ ଆଣନ୍ତୁ





ପ୍ରତିଦିନ ୪୫ ମିନିଟ୍ ଚାଲିବା ଦ୍ୱାରା ରକ୍ତ ଶର୍କରା (ବ୍ଲଡ୍ ସୁଗାର) ସ୍ତରରେ ଗୋଟିଏ ସକାରାତ୍ମକ ପରିବର୍ତ୍ତନ ଆସିଥାଏ, ଯାହା ଡାଏବେଟିସ୍ ପରିଚାଳନା ଏବଂ ଶରୀରିକ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ବୋଲି ନିକଟରେ ହୋଇଥିବା ଗବେଷଣା ପରିଚାଳନାରେ ଜଣାପଡ଼ିଛି।

ନିୟମିତ ଚାଲିବା, ଖାସ୍ କରି ୪୫ ମିନିଟ୍ ପ୍ରତିଦିନ, ଟାଇପ-୨ ଡାଏବେଟିସ୍‌ରେ ପୀଡ଼ିତ ବ୍ୟକ୍ତିଙ୍କ ପାଇଁ ରକ୍ତ ଶର୍କରା ସ୍ତରକୁ ନିୟନ୍ତ୍ରଣରେ ରଖିବାରେ ସାହାଯ୍ୟ କରେ। ଗବେଷକମାନେ ଜଣାଇଛନ୍ତି, ଏହି ସମୟ ଚାଲିବା ଶରୀରର ଇନ୍‌ସୁଲିନ୍ ସମ୍ବେଦନଶୀଳତା ବଢ଼ାଇଥାଏ ଏବଂ ଗ୍ଲୁକୋଜକୁ କୋଷରେ ଅଧିକ ଦକ୍ଷତାରେ ଉପଯୋଗ କରିବାକୁ ସକ୍ଷମ କରେ। ଫଳରେ ଖାଲି ପେଟରେ ରକ୍ତ ଶର୍କରା ସ୍ତର ବଢିବା କମିଥାଏ ଏବଂ ପୋଷ୍ଟ-ମିଲ୍ ଶର୍କରା ସ୍ତର ମଧ୍ୟ ନିୟମିତ ରହିଥାଏ।

ଡାକ୍ତର ଏବଂ ଡାୟାବେଟିସ୍ ନିୟନ୍ତ୍ରଣ ବିଶେଷଜ୍ଞଙ୍କ ଅନୁଯାୟୀ, ପ୍ରତିଦିନ ୪୫ ମିନିଟ୍ ଚାଲିବା ଏକ ସରଳ କିନ୍ତୁ କାର୍ଯ୍ୟକାରୀ ଉପାୟ, ଯାହା ଡାଏବେଟିସ୍‌ର ପ୍ରଭାବକୁ ହ୍ରାସ କରିପାରେ। ଏହା ଶରୀରର ମେଟାବୋଲିଜମ୍‌କୁ ସୁଧାରିଥାଏ ଏବଂ ହାର୍ଟ ଡିଜିଜ୍ ଓ ଅନ୍ୟାନ୍ୟ ଜଟିଳତାର ବିକାଶ କମାଇଥାଏ।

କିପରି କଟିବ ଆଜିର ଦିନ

୧୦ ନଭେମ୍ବର ୨୦୨୬

ମେଷ: କର୍ମକ୍ଷେତ୍ରରେ ସହମତିରେ କାର୍ଯ୍ୟ କରିବା ହିତକର ହେବ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତାଜନିତ ସନ୍ତାନଙ୍କ କୃତି ଓ କୃତିତ୍ୱରେ ଖୁସି ହୋଇପାରନ୍ତି। କର୍ମକ୍ଷେତ୍ରରେ ସ୍ଥଗିତ କାମପାଇଁ କୈଫିୟତ୍ ଦେବାକୁ ପଡ଼ିପାରେ।

ବୃଷ: ସକାଳୁ ଦୀର୍ଘଦିନରୁ ଅପେକ୍ଷା କରିଥିବା ଶୁଭ ଖବର ପାଇ ଖୁସି ହେବେ। ସାମାଜିକ ସ୍ତରରେ ନିଜର ଲୋକଙ୍କ ବ୍ୟବହାରକୁ ନାପସନ୍ଦ କରିପାରନ୍ତି। କର୍ମକ୍ଷେତ୍ରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

ମିଥୁନ: ପାରିବାରିକ କ୍ଷେତ୍ରରେ କୌଣସି ସମସ୍ୟାକୁ ସହଜରେ ସମାଧାନ କରିବାରେ ସଫଳ ହେବେ। ପୂର୍ବ ନିର୍ଦ୍ଧାରିତ ଯୋଜନାନୁସାରେ ସାଙ୍ଗସାଥୀଙ୍କ ସହ ଭ୍ରମଣ ସୁଯୋଗ ଲାଭ କରିବେ। ଶିକ୍ଷା କ୍ଷେତ୍ରରେ ଶୀର୍ଷସ୍ଥାନ ଅଳଙ୍କୃତ କରିବେ।

କର୍କଟ: ବାଣିଜ୍ୟ, ଶିଳ୍ପ, ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବାରେ ପଡ଼ୋଶୀଙ୍କ ଅବଦାନ ରହିବ। ପରିବାରରେ କଳହଜନିତ ବିତର୍କ ଲାଗିପାରେ। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ପାଇଁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

ସିଂହ: ଯାତ୍ରା କାଳରେ ସତର୍କରେ ନଚଳିଲେ ବିବାଦରେ ପଡ଼ିପାରନ୍ତି। ସଭାସମିତିରେ, ସାହିତ୍ୟାଲୋଚନା, କଳାସଂସ୍କୃତି ସଙ୍ଗକୁ ବୈଷୟିକ କ୍ଷେତ୍ରରୁ ଉପକୃତ ହେବେ। ବନ୍ଧୁଙ୍କ ସାନ୍ନିଧଲାଭରୁ ଏକାନ୍ତତାବୋଧ ହ୍ରାସ ପାଇବ।

କନ୍ୟା: ଜମିଜମା, ଗୃହସୀମା, କିମ୍ବା ଘରଭଡାକୁ କେନ୍ଦ୍ରକରି ସାମାନ୍ୟ ଝଗଡା ସୃଷ୍ଟି ହୋଇପାରେ। ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ପରିବାରରେ ଖର୍ଚ୍ଚ ପରିମାଣ ବୃଦ୍ଧି ହେତୁ ଚିନ୍ତିତ ରହିପାରନ୍ତି।

ତୁଳା: କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହିବା ଭଲ। ପରିବାରରେ ଶାନ୍ତି ବଜାୟ ରଖିବା ସକାଶେ ସ୍ୱାର୍ଥତ୍ୟାଗ ଜରୁରୀ ହୋଇପାରେ। କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ପ୍ରଶଂସିତ ହେବାର ସୌଭାଗ୍ୟ ଅର୍ଜନ କରିବେ।

ବିଛା: ଯାତ୍ରା ସମୟରେ, ବନ୍ଧୁ ମିଳନରେ, ଆଲୋଚନା କିମ୍ବା ସଭା ସମିତିରେ ଆଗ୍ରହୀ ହୋଇପାରନ୍ତି। କର୍ମକ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ଟେନ୍‌ସନ୍ ବଢ଼ିପାରେ। ମକଦ୍ଦମାରେ ବିଜୟ ଆଶା ଯୋଗୁ ଉତ୍‌ଫୁଲ୍ଲିତ ହେବେ।

ଧନୁ: ଅର୍ଥ ପ୍ରଲୋଭନ ଦ୍ୱାରା କାମ ହାସଲ କରିପାରିବେ। ବନ୍ଧୁ ଓ ପରିଜନଙ୍କ ସହିତ ହଠାତ୍ ଦେବଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ରହିଛି। ଅର୍ଥ ସଙ୍କଟ ଯୋଗୁ ପରିବାରର ଖର୍ଚ୍ଚକାଟ୍‌ର ବ୍ୟବସ୍ଥା କରିପାରନ୍ତି।

ମକର: ଶିଳ୍ପ, ବାଣିଜ୍ୟ, ପରିବହନ ତଥା ବ୍ୟବସାୟିକ ଦିଗରୁ ଲାଭବାନ ହେବେ। ଯାନ ବାହାନରେ ସତର୍କ ରହିବା ଭଲ ହେବ, ଅନ୍ୟଥା ସମସ୍ୟା ଆସିପାରେ। ସଭାସମିତିରେ ବନ୍ଧୁଙ୍କ ସହ ମତପାର୍ଥକ୍ୟ କାରଣରୁ ଅଶାନ୍ତି ଉପୁଜିବାର ସୂଚନା ରହିଛି।

କୁମ୍ଭ: ପାରିବାରିକ କ୍ଷେତ୍ରରେ କାହାର ଛୋଟ କଥାକୁ ଧରି ବସିବା ଠିକ୍ ହେବନି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରୁ ଲାଭବାନ୍ ହେବେ। ଛାତ୍ରଛାତ୍ରୀମାନେ ପ୍ରଶଂସିତ ହେବେ ଓ ମହିଳା ସମ୍ମାନିତ ହେବେ।

ମୀନ: ଆଗାମୀ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ପ୍ରସ୍ତୁତିପର୍ବ ଜୋରଦାର କରିପାରନ୍ତି। କୌଣସି ଆତ୍ମୀୟଙ୍କ ପରୋକ୍ଷ ସମାଲୋଚନାରେ କ୍ଷୁବ୍ଧ ହେବେ। କର୍ମଜୀବନ ବୃଦ୍ଧି ପାଇବା କାରଣରୁ ପରିବାରର ଆବଶ୍ୟକତାକୁ ପାସୋରି ଦେଇପାରନ୍ତି।

ପିପିଲି, ଡେଲାଙ୍ଗ ବିଶ୍ୱନାଥ ମୁଣ୍ଡିଆର ହେବ ନବକଳେବର

ପ୍ରକଳ୍ପର ଶୁଭ ଶିଳାନ୍ୟାସ କଲେ ଉପମୁଖ୍ୟମନ୍ତ୍ରୀ

ଡେଲାଙ୍ଗ, ୯।୧୧ (ନି.ପ୍ର): ନୂଆ ରୂପ ପାଇବ ପୁରୀ ଜିଲ୍ଲା ଡେଲାଙ୍ଗର ପ୍ରସିଦ୍ଧ ଧାର୍ମିକ ଓ ପର୍ଯ୍ୟଟନସ୍ଥଳୀ ବିଶ୍ୱନାଥ ମୁଣ୍ଡିଆ। ମୁଣ୍ଡିଆର ସାମଗ୍ରିକ ବିକାଶ ପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ହେବାକୁ ଥିବା ଉନ୍ନୟନ ପ୍ରକଳ୍ପର ଶୁଭ ଶିଳାନ୍ୟାସ କରାଯାଇଛି। ରାଜ୍ୟ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ, ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏହି ଶିଳାନ୍ୟାସ ଉତ୍ସବରେ ପୁରୀ ସାଂସଦ ଡଃ ସମ୍ବିତ ପାତ୍ର ଓ ଡେଲାଙ୍ଗ–ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଦୀର୍ଘଦିନ ଧରି ଅଞ୍ଚଳବାସୀଙ୍କ ପକ୍ଷରୁ ହୋଇଆସୁଥିବା ଦାବି ପୂରଣ ହେବାକୁ ଯାଉଥିବାରୁ ସ୍ଥାନୀୟ ଅଞ୍ଚଳରେ ଖୁସିର ମାହୋଲ ସୃଷ୍ଟି ହୋଇଛି।



ପ୍ରସ୍ତାବିତ ଉନ୍ନୟନ ପ୍ରକଳ୍ପରେ ବିଶ୍ୱନାଥ ମୁଣ୍ଡିଆ ଉପରକୁ ଯାନବାହନ ଯାତାୟାତ ପାଇଁ ପକ୍କା ରାସ୍ତା ନିର୍ମାଣ, ଆଲୋକୀକରଣ ବ୍ୟବସ୍ଥା, ପାନୀୟ ଜଳ ସୁବିଧା, ଯାତ୍ରୀଙ୍କ ପାଇଁ ବିଶ୍ରାମଗୃହ, ପୁରାତନ ପାହାଚର ନବୀକରଣ ଏବଂ ଆକର୍ଷଣୀୟ ଲୁହା ବାଡ଼ ନିର୍ମାଣ ଆଦି କାର୍ଯ୍ୟ ସାମିଲ ରହିଛି। ଏହି ସମସ୍ତ କାର୍ଯ୍ୟ ସମ୍ପନ୍ନ ହେଲେ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ଯାତାୟାତ ସହ ରହଣି କ୍ଷେତ୍ରରେ ଅଧିକ ସୁବିଧା ମିଳିପାରିବ। ଏଥିସହ ବିଶ୍ୱନାଥ ମୁଣ୍ଡିଆ ରାଜ୍ୟର ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ଭାବେ ପରିଚିତି ଲାଭ କରିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି। ଅନ୍ୟପକ୍ଷରେ ଏହି ଅବସରରେ ମହିଳା ସଶକ୍ତୀକରଣ ଦିଗରେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା । ବିଧାୟକ ଆଶ୍ରିତ ପଟ୍ଟନାୟକ ନିଜ ବକ୍ତବ୍ୟରେ ବିଶ୍ୱନାଥ ମୁଣ୍ଡିଆର ବିକାଶ ଦ୍ୱାରା ଅଞ୍ଚଳର ଧାର୍ମିକ ମହତ୍ତ୍ୱ ବୃଦ୍ଧି ସହ ପର୍ଯ୍ୟଟନର ନୂଆ ସମ୍ଭାବନା ସୃଷ୍ଟି ହେବ ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଡେଲାଙ୍ଗ ବିଡିଓ ସମୀର ବେହେରା, ତହସିଲଦାର ଦେବୀରଞ୍ଜନ ଆଚାର୍ଯ୍ୟ, ସିଡିପିଓ ମମତା ନାୟକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ଜନପ୍ରତିନିଧି, ଶ୍ରଦ୍ଧାଳୁ ଓ ବହୁ ସଂଖ୍ୟାରେ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ବିଶ୍ୱନାଥ ମୁଣ୍ଡିଆର ଏହି ମହତ୍ତ୍ୱାକାଂକ୍ଷୀ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଡେଲାଙ୍ଗର ଧାର୍ମିକ ପର୍ଯ୍ୟଟନକୁ ନୂଆ ପରିଚୟ ମିଳିବା ସହ ସ୍ଥାନୀୟ ଅଂଚଳବାସୀ ଙ୍କ ଅର୍ଥନୀତିରେ ଅଭିବୃଦ୍ଧି ଘଟିବ। ଏଥିସହ ମହିଳାଙ୍କ ଜୀବିକା ଓ ଆର୍ଥିକ ସ୍ୱାବଲମ୍ବନ ଦିଗରେ ମଧ୍ୟ ଏହା ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ ବୋଲି ବୁଦ୍ଧିଜୀବୀ ମାନେ ଆଶା ପ୍ରକଟ କରିଛନ୍ତି ।

କାର୍ତ୍ତିକରେ ଦଶପଲ୍ଲା– ପୁରୀ ମେମୁ ଟ୍ରେନ୍‌ରେ ଅତିରିକ୍ତ ବଗି ସଂଯୋଗ ଦାବି

ନୟାଗଡ଼, ୯।୧୧ (ନିପ୍ର): ପବିତ୍ର କାର୍ତ୍ତିକ ମାସରେ ଶ୍ରଦ୍ଧାଳୁ ଓ ସାଧାରଣ ଯାତ୍ରୀଙ୍କ ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ଦଶପଲ୍ଲା–ପୁରୀ ମେମୁ ଟ୍ରେନ୍‌ରେ ଅତିରିକ୍ତ ବଗି ସଂଯୋଗ ଅଥବା ସ୍ୱତନ୍ତ୍ର କାର୍ତ୍ତିକ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ କରାଇବାକୁ ଦାବି କରିଛି ନୟାଗଡ଼ ନାଗରିକ ମଞ୍ଚ।

ଏ ସମ୍ପର୍କରେ ନାଗରିକ ମଞ୍ଚର ସଭାପତି ପ୍ରମୋଦ ପଟ୍ଟନାୟକ ଓ ସମ୍ପାଦକ ଲକ୍ଷ୍ମୀଧର ସାହୁଙ୍କ ସମେତ ଉପସଭାପତି ପ୍ରଦୀପ କୁମାର ସାହୁ ସହ ସମ୍ପାଦକ ପ୍ରଶାନ୍ତ କୁମାର ପଟ୍ଟନାୟକ, ବରିଷ୍ଠ ସଦସ୍ୟ ପ୍ରଫୁଲ୍ଲ କୁମାର ନାୟକ, କୈଳାସ ଚନ୍ଦ୍ର ରଥ, ସୁରେନ୍ଦ୍ର କୁମାର ପ୍ରଧାନ, ଉମାକାନ୍ତ ମିଶ୍ର, ଦେବରାଜ ପଣ୍ଡା ପ୍ରମୁଖ ପୂର୍ବାହ୍ନରେ ନୟାଗଡ଼ ଟାଉନ୍ ଷ୍ଟେସନ୍‌ରେ ପହଞ୍ଚି ଷ୍ଟେସନ୍ ପରିଚାଳକ ପ୍ରତାପ ଚନ୍ଦ୍ର ସାହୁଙ୍କ ଜରିଆରେ ଖୋର୍ଦ୍ଧା ରୋଡ୍ ଡିଭିଜନ୍‌ର ଡିଭିଜନାଲ ରେଳ ପ୍ରବନ୍ଧକ (ଡିଆର୍‌ଏମ୍)ଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। କାର୍ତ୍ତିକ ମାସରେ ପୁରୀ ଯାତ୍ରା କରୁଥିବା ଭକ୍ତ ଓ ଯାତ୍ରୀଙ୍କ ସଂଖ୍ୟା ଅହେତୁକ ବୃଦ୍ଧି ପାଇଥିବା ବେଳେ ଟ୍ରେନ୍‌ରେ ଥିବା ବର୍ତ୍ତମାନର ବଗି ସଂଖ୍ୟା ବାରମ୍ବାର ଦାବି ସତ୍ତ୍ୱେ ବୃଦ୍ଧି ପାଉନାହିଁ। ଫଳରେ ବୃଦ୍ଧବୃଦ୍ଧା, ମହିଳା ଓ ସାଧାରଣ ଯାତ୍ରୀ ଅତ୍ୟନ୍ତ ଭିଡ଼ ମଧ୍ୟରେ ବିପଦପୂର୍ଣ୍ଣ ଅବସ୍ଥାରେ ଯାତାୟାତ କରୁଛନ୍ତି।



ଏହି ସମସ୍ୟାର ସମାଧାନ ପାଇଁ ଚାଲୁଥିବା ଦଶପଲ୍ଲା– ପୁରୀ ମେମୁ ଟ୍ରେନ୍‌ରେ ତୁରନ୍ତ ଅତିରିକ୍ତ ବଗି ସଂଯୋଗ କରିବା ସହିତ ଆବଶ୍ୟକ ସ୍ଥଳେ ଭିଡ଼ ସମୟରେ ସ୍ୱତନ୍ତ୍ର କାର୍ତ୍ତିକ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ କରାଇବାକୁ ଫୋରମ୍ ଦାବି କରିଛି। ଜନସାଧାରଣଙ୍କ ଯାତାୟାତ ସୁବିଧା ଓ ଯାତ୍ରୀ ସୁରକ୍ଷାକୁ ଗୁରୁତ୍ୱ ଦେଇ ରେଳ ବିଭାଗ ତୁରନ୍ତ ଏହି ଦାବି ପ୍ରତି ସକାରାତ୍ମକ ପଦକ୍ଷେପ ଗ୍ରହଣ କରିବାକୁ ନୟାଗଡ଼ ସିଟିଜେନ୍ସ ଫୋରମ୍ ଅନୁରୋଧ କରିଛି।

ନୀଳମାଧବ ମନ୍ଦିର ପଶ୍ଚିମ ଦ୍ୱାରରେ ଫେଲ୍ ମାରିଛି ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା

କଣ୍ଟିଲୋ, ୯।୧୧ (ନି.ପ୍ର): କଣ୍ଟିଲୋସ୍ଥିତ ପ୍ରସିଦ୍ଧ ଶ୍ରୀଶ୍ରୀ ନୀଳମାଧବ ମନ୍ଦିରର ପଶ୍ଚିମ ଦ୍ୱାରରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ଫେଲ୍ ମାରିଥିବା ଦେଖିବାକୁ ମିଳିଛି। ମନ୍ଦିରର ଶୋଭା ବର୍ଦ୍ଧନ ପାଇଁ ବିଗତ ୨ ବର୍ଷ ତଳେ ଲଗାଯାଇଥିବା ଆଲୋକ ଖରାପ ହେବାପରେ ବାରମ୍ବାର ଦୈନିକ ଖବରକାଗଜ ପ୍ରତିଦିନ ରେ ଖବର ପ୍ରସାରଣ ପରେ ଗତ ତିନିମାସ ତଳେ ପୁନଶ୍ଚ ଲଗାଯାଇଥିବା ଆଲୋକ ଉନ୍ନତ ମାନର ହୋଇନଥିବା କାରଣରୁ ଏବେ ତାହା ଅକାମୀ ହୋଇ ପଡି ରହିଛି । ଫଳରେ ରାତ୍ର କାଳରେ ମନ୍ଦିର ଶ୍ରୀହୀନ ଭଳି ଲାଗୁଛି। ମନ୍ଦିରର ସୌନ୍ଦର୍ଯ୍ୟ ବୃଦ୍ଧି ସହିତ ରାତ୍ରି ସମୟରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଯାତାୟାତକୁ ସୁବିଧାଜନକ କରିବା



ପାଇଁ ଆଲୋକ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଏହା ଠିକ୍ ଭାବେ କାର୍ଯ୍ୟ କରୁନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

ବିଶେଷକରି ସନ୍ଧ୍ୟା ଓ ରାତ୍ରି ସମୟରେ ପଶ୍ଚିମ ଦ୍ୱାର ଅଞ୍ଚଳ ଅନ୍ଧକାରମୟ ରହୁଥିବାରୁ ଭକ୍ତ, ପର୍ଯ୍ୟଟକ ଓ ସ୍ଥାନୀୟ ଲୋକମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଦ୍ୱାର ଦେଇ ଯାତାୟାତ କରୁଥିବା ଲୋକଙ୍କ ସୁରକ୍ଷା ମଧ୍ୟ ଚିନ୍ତାର ବିଷୟ ପାଲଟିଛି। ଏ ସମ୍ପର୍କରେ ମନ୍ଦିର ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ତୁରନ୍ତ ଦୃଷ୍ଟି ଦେଇ ଆଲୋକ ବ୍ୟବସ୍ଥାର ମରାମତି କରିବା ସହ ଆବଶ୍ୟକ ସ୍ଥାନରେ ନୂତନ ଲାଇଟ୍ ଲଗାଇବାକୁ ସାଧାରଣରେ ଦାବି ହେଉଛି। ଏହି ପବିତ୍ର ଧାର୍ମିକ ପୀଠର ସୌନ୍ଦର୍ଯ୍ୟ ଓ ମର୍ଯ୍ୟାଦା ରକ୍ଷା ପାଇଁ ଉପଯୁକ୍ତ ଆଲୋକ ବ୍ୟବସ୍ଥା ଅତ୍ୟନ୍ତ ଜରୁରୀ।

ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ୭୭ ତମ ରୋଭର ରେଞ୍ଜର ପ୍ରତିଷ୍ଠା ଦିବସ ପାଳିତ

ଖୋର୍ଦ୍ଧା, ୯।୧୧ (ନିପ୍ର): ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରେ ୭୭ତମ ସ୍କାଉଟ୍ ଗାଇଡ୍ ରୋଭର ରେଞ୍ଜର ସ୍ଥାପନ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଲର୍ଡ଼ ବେଡ଼େନ୍ ପାୱେଲଙ୍କ ଦ୍ୱାରା ସ୍ଥାପିତ ଏହି ଅନୁଷ୍ଠାନରେ ସ୍ଥାପନ ଦିବସ ବିଶ୍ୱର ୨୧୬ ଦେଶରେ ୬୦ କୋଟି ସ୍କାଉଟ୍ ଗାଇଡ଼ଙ୍କ ଦ୍ୱାରା ପାଳିତ ହୋଇଯାଇଛି । ୪ ରୁ ୧୦ବର୍ଷ –କବ୍‌ଫୁଲ୍‌ଫୁଲ୍, ୧୦ ରୁ ୧୫ବର୍ଷ – ସ୍କାଉଟ୍ ଗାଇଡ୍ , ୧୬ ରୁ ୨୫ ବର୍ଷ ରୋଭର୍ ରେଞ୍ଜର ବିଦ୍ୟାର୍ଥୀ ଏହାର ସଦସ୍ୟ । ତରୁଣ ଶିକ୍ଷାର୍ଥୀଙ୍କ ମଧ୍ୟରେ ସେବା, ଶୃଙ୍ଖଳା, ନେତୃତ୍ୱ ନେବାର କଳା ଜାତୀୟତା, ଦେଶପ୍ରେମ ଭାବ ସୃଷ୍ଟି କରିବା ଏହି ଆନ୍ତର୍ଜାତୀୟ ସଂଗଠନର



ମୂଳ ଲକ୍ଷ୍ୟ । ଅଧ୍ୟକ୍ଷା ଡ଼. ପୂର୍ଣ୍ଣିମା ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ପ୍ରାକ୍ତନ କୁଳପତି, ସ୍ତମ୍ଭକାର ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ମୁଖ୍ୟ ଅତିଥି, ପ୍ରାକ୍ତନ ଜିଲ୍ଲା ଅର୍ଗାନାଇଜିଙ୍ଗ୍ କମିଶନର ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ, ସମ୍ମାନୀତ ଅତିଥି ରୂପେ ଯୋଗ ଦେଇଥିଲେ । ଉଦ୍ଭିଦ ବିଜ୍ଞାନ ବିଭାଗରେ ପ୍ରାଧ୍ୟାପିକା ରେଞ୍ଜର ଲିଡ଼ର୍ ତରୁଲତା ମଲ୍ଲିକ୍ ସ୍ୱାଗତ ଭାଷଣ ଦେବା ପରେ ଆମ୍ରକୁଞ୍ଜରେ ସ୍କାଉଟ୍ ପତାକା ଉତ୍ତୋଳନ କରାଯାଇଥିଲା। ମୁଖ୍ୟ ଅତିଥି ମେଜର ମହାନ୍ତି ଓ ମୁଖ୍ୟ ବକ୍ତା ପ୍ରାଧାପକ ଶ୍ରୀ ଦାସ ୧୯୯୮ ରେ ବରୁଣେଇ ଠାରେ ଆୟୋଜିତ ତୃତୀୟ ସାର୍କ ଓ ତ୍ରୟୋଦଶ ଜାତୀୟ ଜାମ୍ବୁରୀରେ ଏହିମହାବିଦ୍ୟାଳୟର ରୋଭର ରେଞ୍ଜର ମାନଙ୍କର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ଏହିକାର୍ଯ୍ୟକ୍ରମକୁ ରେଞ୍ଜର ସ୍ଫୂର୍ତି ସାଗରିକା ହାତୀ, ଓ ରୋଭର ସାଇମନ୍ ବେହେରା ପରିଚାଳନା କରିଥିଲେ। ଧନ୍ୟବାଦ ପ୍ରଦାନ କରିଥିଲେ ସହ–ରୋଭର ଲିଡ଼ର ରାଜେଶ ବାହାଦୁର । ଉତ୍ସବରେ ବହୁ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଯୋଗ ଦେଇଥିଲେ ।

ଗୋମାଂସ ବୋଝେଇ ଗାଡ଼ି ଜବତ, ଚାଳକ ଅଟକ

କଣାସ, ୯।୧୧(ନିପ୍ର): କଣାସରେ ପୁଣି ଗୋମାଂସ ବୋଝେଇ ଏକ ଏଇଚର ଗାଡ଼ି ଜବତହେଇଛି। ପୁରୀ ଚନ୍ଦନପୁର ପଟୁ ନିରାକାରପୁର ଆଡ଼େ ନୂଆ ଜଗନ୍ନାଥ ସଡକରେ ଯାଉଥିବା ବେଳେ ସକାଳ ପ୍ରାୟ ଆଠଟା ସମୟରେ ରାଇଗର ପୁର ଛକ ନିକଟରେ ସ୍ଥାନୀୟ ଯୁବକମାନେ ଖବର ପାଇ ଗାଡ଼ିକୁ ଅଟକ ରଖିଥିଲେ । ଗାଡ଼ିରେ ଥିବା ଚାଳକକୁ ଧରିଥିଲେ ।ପରେ ଗଡିଶାଗୋଦା ଥାନାକୁ ଖବର ଦେଇଥିଲେ ।ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଚାଳକକୁ ଉଦ୍ଧାର କରି ଥାନାକୁ ନେଇଥିଲା ।



ଗୋମାଂସ କେଉଠୁ ଆସିଲା ସେ ସମ୍ପର୍କରେ ପୁଲିସ ଚାଳକକୁ ଥାନାରେ ପଚରା ଉଚରା କରିଥିଲା । ମାଂସ ବୋଝେଇ ଏଇଚରରେ ତେଲେଙ୍ଗନା ନମ୍ବର ପ୍ଲେଟ୍ ଲାଗିଥିବା।ପ୍ରାୟ ତିନି ଟନ୍ ଗୋମାଂସ ଥିବା ଅନୁମାନ କରା ଯାଉଛି । ଗତ ମାସରେ ମଧ୍ୟ କଣାସ ଅଞ୍ଚଳରେ ନୂଆ ଜଗନ୍ନାଥ ସଡକର ମେଗାପାନିୟ ଜଳ । ପ୍ରକଳ୍ପ ନିକଟରୁ ଜବତ ହେଇଥିଲା ଗୋମାଂସ ବୋଝେଇ ଗାଡି । ଏ ସମ୍ପର୍କରେ ଥାନାଧିକାରୀ ଦିଲ୍ଲୀପ କୁମାର ଧଳ କହନ୍ତି ଚାଳକ ସଠିକ୍ ଭାବେ ସ୍ଥାନ କହିପାରୁନି। କେବଳ ତିରିଶି କିଲୋମିଟର ଦୂରରୁ ଆଣିଥିବା କହୁଛି। କେସ ନଂ ୨୪୮ /୨୬ରେ ମାମଲା ରୁଜୁ କରି ଚାଳକକୁ କୋର୍ଟ ଚାଲାଣ କରା ଯାଇଛି।

ଥାନା ଅଧିକାରୀଙ୍କ ନିଆରା ଦୀପାବଳି ପାଳନ



ଚିଲିକା, ୯।୧୧ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ଥାନା ଅଧିକାରୀ ଶ୍ରଦ୍ଧା ନାୟକ ଏକ ନିଆରା ଢଙ୍ଗରେ ଦୀପାବଳି ପାଳନ କରିଛନ୍ତି। ସମସ୍ତେ ନିଜ ପରିବାରଙ୍କ ସହ ଦୀପାବଳି ପାଳନ କରିଥିବା ବେଳେ ବାଲୁଗାଁ ଥାନା ଅଧିକାରୀ କୁଣ୍ଠୀରପଡା ନିକଟରେ ଥିବା ଜରାଶ୍ରମରେ ବାଲୁଗାଁ ଥାନାର କର୍ମଚାରିଙ୍କୁ ନେଇ ଜରାଶ୍ରମ ଅନ୍ତେବାସୀଙ୍କ ସହ ଦୀପାବଳି ପାଳନ କରିଛନ୍ତି।ଏହି କାର୍ଯ୍ୟକ୍ରମରେ ନାଚୁଣୀ ଥାନା ଅଧିକାରୀ ବିଭୁତି ଭୂଷଣ ମହାପାତ୍ର, ସମାଜସେବୀ ସୁକାନ୍ତ ବିଶ୍ୱାଳ ଆଦି ଯୋଗ ଦେଇଥିଲେ । ବାଲୁଗାଁ ଥାନା ଅଧିକାରୀ ଶ୍ରଦ୍ଧା ନାୟକ ବୃଦ୍ଧା ମା ମାନଙ୍କୁ ପାଦ ଛୁଇଁ ନମନ କରି ସେମାନଙ୍କୁ ନିଜ ହାତରେ ମିଠା ଖୁଆଇଥିଲେ। ଏବଂ ସେମାନଙ୍କ ସହ ମିଶି ଦୀପ ପ୍ରଜ୍ୱଳନ କରି ସେମାନଙ୍କ ମୁହଁରେ ହସ ଫୁଟାଇ ଥିଲେ। ଯେଉଁ ବୃଦ୍ଧ ଓ ବୃଦ୍ଧା ପିତା ମାତା ମାନଙ୍କୁ ଦୀପାବଳି ପରି ଏକ ପବିତ୍ର ଆଲୋକ ପର୍ବରେ ନିଜର ପିଲାମାନେ ଭୁଲି ଗଲେ ସେମାନଙ୍କୁ ବାଲୁଗାଁ ଥାନା ଅଧିକାରୀ ଶ୍ରଦ୍ଧା ନାୟକ ସତେ ନିଜର ପରିବାର ସଦୃଶ ଭାବି ଆପଣାର କରିପାରିଲେ। ଏତାଦୃଶ ଜନ ମଙ୍ଗଳ କାମକୁ ଜରାଶ୍ରମ ଅନ୍ତେବାସୀ ଓ ବାଲୁଗାଁ ଜନ ସାଧାରଣ ବାଲୁଗାଁ ଥାନା ଅଧିକାରୀଙ୍କୁ ଭୁରି ଭୁରି ପ୍ରଶଂସା କରିଛନ୍ତି।

ବୃଉଙ୍ଗ ବିସ୍ଥାପିତଙ୍କ ସହ ଜିଲ୍ଲାପାଳଙ୍କ ଆଲୋଚନା

ଦଶପଲ୍ଲା, ୯।୧୧ (ନି.ପ୍ର): ନୟାଗଡ ଜିଲ୍ଲାର ବୃହତ ବୃଉଙ୍ଗ ଜଳସେଚନ ପ୍ରକଳ୍ପ ହେବା ଦ୍ୱାରା ପ୍ରାୟ ୪୧ଟି ଗ୍ରାମ ପ୍ରଭାବିତ ହେବେ। ତେବେ ଭିଟାମାଟି ହରାଇବାକୁ ଥିବା ବିସ୍ଥାପିତଙ୍କୁ ନେଇ ଆଜି କୁଲୁରୁକୁମ୍ଭା ପଞ୍ଚାୟତ ସ୍ଥିତ ଗୁରହା ଗ୍ରାମରେ ବୃଉଙ୍ଗ ନଦୀବନ୍ଧ ବାସଚ୍ୟୁତ ସଂଗ୍ରାମ ସମିତି ମଞ୍ଚ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଜିଲ୍ଲାପାଳ ମଧୁମିତା ରଥ ପହଞ୍ଚି ବିସ୍ଥାପିତଙ୍କ ସହିତ ସିଧାସଳଖ ଆଲୋଚନା କରିଥିଲେ। ବୃଉଙ୍ଗ ପ୍ରକଳ୍ପ ସମ୍ପର୍କରେ ସେ ବିସ୍ତୃତ ଭାବେ ଆଲୋଚନା କରିବା ସହ ବିସ୍ଥାପିତ ହେବାକୁ ଥିବା ଲୋକମାନଙ୍କ ପାଇଁ ସରକାର ଯେଉଁ ସବୁ ସୁବିଧା ସୁଯୋଗ ଯୋଗାଇ ଦେବାପାଇଁ ବ୍ୟବସ୍ଥା କରିଛନ୍ତି, ସେ ଉପରେ



ବିଶେଷ ଆଲୋଚନା କରିଥିଲେ। ଏହି ଅବସରରେ ପୂର୍ବରୁ ବିସ୍ଥାପିତମାନେ ଦେଇଥିବା ୧୮ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ସେଥିମଧ୍ୟରୁ ଯେଉଁ ସୁବିଧା ଗୁଡ଼ିକ ସରକାରଙ୍କ ନିୟମାବଳୀରେ ନାହିଁ, ସେ ନେଇ ଜିଲ୍ଲାପାଳ ସରକାରଙ୍କ ସହ ଆଲୋଚନା କରି ଜଣାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଜିଲ୍ଲାପାଳଙ୍କ ସମେତ ଅତିରିକ୍ତ ତହସିଲଦାର ଚନ୍ଦ୍ର ଶେଖର ବାରିକ, ଦଶପଲ୍ଲା ବିଡ଼ିଓ ଶରତ କୁମାର ମଲ୍ଲିକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ଗୁଡ଼ିକର ସମାଧାନ ନେଇ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ବୃଉଙ୍ଗ ନଦୀବନ୍ଧ ବାସଚ୍ୟୁତ ସଂଗ୍ରାମ ସମିତି ମଞ୍ଚର ସମ୍ପାଦକ ବସନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଆୟୋଜନ କରାଯାଇଥିବା ବେଳେ ପରାମର୍ଶଦାତା ଶାନ୍ତନୁ କୁମାର ନାଏକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବୈଠକରେ ବହୁ ସଂଖ୍ୟାରେ ପ୍ରଭାବିତ ଗ୍ରାମର ଲୋକେ ଉପସ୍ଥିତ ଥିବା ଜଣାପଡିଥିଲା।

ଠାକୁରାଣୀଙ୍କ ମନ୍ଦିର ତୋରଣ ନିର୍ମାଣକୁ ନେଇ ବିବାଦ

କୋଣାର୍କ,୯।୧୧(ନି ପ୍ର): କାକଟପୁର ବ୍ଲକ ଅନ୍ତର୍ଗତ ଅବଦାନ ଗ୍ରାମପଞ୍ଚାୟତର ମା ଚିତ୍ରେଶ୍ୱରୀ ଠାକୁରାଣୀଙ୍କ ମନ୍ଦିର ସମ୍ମୁଖ ତୋରଣ ନିର୍ମାଣ ପାଇଁ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମରେ ୩ଲକ୍ଷ ୫୦ ହଜାର ଟଙ୍କା ସରକାରଙ୍କ ତରଫରୁ ମଞ୍ଜୁର କରାଯାଇଛି ।ଉକ୍ତ କାର୍ଯ୍ୟକୁ ପଞ୍ଚାୟତ ସେମିତି କାକଟପୁରର କନିଷ୍ଠ ଯନ୍ତ୍ରୀ ଭାଗ୍ୟଧର ଧଳଙ୍କ ସମ୍ପତି କ୍ରମେ ବିଜେପିର ବାଲିଦୋକାନ ମଣ୍ଡଳର ପୂର୍ବତନ ସାଧାରଣ ସମ୍ପାଦକ ସୁଶାନ୍ତ କୁମାର କାନୁନଗୋ କରୁଥିଲେ ।ଫଳକ ତିଆରି ପରେ ଯନ୍ତ୍ରୀ ଭାଗ୍ୟଧର ଧଳ ଜିଓ ଟ୍ୟାଗ କରି ଏଷ୍ଟିମେଟ ଦେଇଥିଲେ ।ପରେ ଗୋଡ଼ି, ବାଲି , ଲୁହା ରଡ୍, ଇଟା, ସିମେଣ୍ଟ ଜାଗା ଉପରେ ଜମା କରା ଯାଇଥିଲା ଗତ ୪ତାରିଖ ଦିନ ମିସ୍ତ୍ରୀ ଚିତ୍ରେସେନ୍ କାଣ୍ଡିଙ୍କ ସାହାଯ୍ୟରେ କାର୍ଯ୍ୟ ଆରମ୍ଭ ପାଇଁ ପ୍ରସ୍ତୁତି ଚାଲି ଥିଲା ।ମୂଲିଆ ମାନେ ପହଞ୍ଚ ନ ଥିବାରୁ କାର୍ଯ୍ୟ ବିଳମ୍ବରେ ଆରମ୍ଭ ହୋଇଥିଲା ।ଦିନ ୧୧ଟା ବେଳକୁ ଜାଗା ଉପରେ ମିସ୍ତ୍ରୀ ପକାଇଥିବା ଢୂନ ଦାଗକୁ ଲକ୍ଷ୍ୟ କରି ମୂଲିଆ ଗାତ ଖୋଳବା ବେଳକୁ ଯଦୁପୁର ଗ୍ରାମର ବିଜେଡି କର୍ମୀ ରଞ୍ଜନ ପଣ୍ଡାଙ୍କ ପ୍ରରୋଚନାରେ ବିପିନ ଦୀକ୍ଷିତ , ଲକ୍ଷ୍ମଣ କୁମାର ପଣ୍ଡା ,ସୁଧାଂଶୁ ଶେଖର ପଣ୍ଡା ଆସି ଏ ହେଉଛି ଆମ ଜାଗା, ଆମେ ତୁମକୁ କାମ କରାଇ ଦେବୁ ନାହିଁ ବୋଲି ସମସ୍ତଙ୍କୁ ଗାଳି ଗୁଲଜ କରିବା ସହିତ ତୋରଣ କାର୍ଯ୍ୟକୁ ବଳପୂର୍ବକ ବନ୍ଦ କରି ଅନ୍ୟତ୍ର ଏକ ତୋରଣ ତିଆରି ଆରମ୍ଭ କରିଥିବା ଅଭିଯୋଗ ହୋଇଛି। ତେବେ ଖବର ପାଇ ପୋଲିସ ପହଞ୍ଚିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ଆମ୍ବୁଲାନ୍ସ ଦୁର୍

ପାଦଚିହ୍ନ

ଧୈର୍ଯ୍ୟ ସମସ୍ତ ଆନନ୍ଦ ଏବଂ ଶକ୍ତିର ମୂଳ ଅଟେ ।

ସମ୍ପାଦକୀୟ

ସୁପ୍ରିମ କୋର୍ଟଙ୍କ ନିଷ୍ପତ୍ତି

ଦୁଇଟିରୁ ଅଧିକ ପିଲା ଥିଲେ ପଞ୍ଚାୟତ ନିର୍ବାଚନ ଲଢ଼ି ହେବନାହିଁ ବୋଲି କେତେକ ରାଜ୍ୟରେ ରହିଥିବା ନିୟମକୁ ନେଇ ଅସହମତି ପ୍ରକାଶ କରିଛନ୍ତି ସୁପ୍ରିମକୋର୍ଟ । ବଡ଼ ପୀଠରେ ପୁନର୍ବିଚାର ପାଇଁ ମାମଲାକୁ ପ୍ରଧାନବିଚାରପତିଙ୍କ ନିକଟରେ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜଷ୍ଟିସ ପି ଏସ୍ ନରସିଂହ ଏବଂ ଜଷ୍ଟିସ ଆଲୋକ ଅରାଧେଙ୍କ ପୀଠ ମଙ୍ଗଳା ଭୀମରାଓ ଇଙ୍ଗଲେଙ୍କ ଯାଚିକା ଉପରେ ତାଙ୍କର ନିଷ୍ପତ୍ତି ଶୁଣାଇଛନ୍ତି । ଇଙ୍ଗଲେଙ୍କ କାକୋଡ଼ା ଗ୍ରାମ ପଞ୍ଚାୟତର ସରପଞ୍ଚ ପଦ ନିର୍ବାଚନ ଏହି ଆଧାରରେ ରଦ୍ଦ କରି ଦିଆଯାଇଥିଲା। ସେ ଦୁଇରୁ ଅଧିକ ସନ୍ତାନର ପିତା ହେବା କାରଣରୁ ଏହି ନିର୍ବାଚନ ପାଇଁ ଅଯୋଗ୍ୟ ବୋଲି କୁହାଯାଇଥିଲା । ଏହାକୁ ମହାରାଷ୍ଟ୍ର ଗ୍ରାମ ପଞ୍ଚାୟତ ଅଧିନିୟମ ୧୯୬୯ର ଉଲ୍ଲଙ୍ଘନ ବୋଲି ଗ୍ରହଣ କରାଯାଇଥିଲା। ସୁପ୍ରିମକୋର୍ଟ ତାଙ୍କର ୩୭ ପୃଷ୍ଠା ସମ୍ବଳିତ ନିଷ୍ପତ୍ତିରେ ଜନସଂଖ୍ୟାକୁ ନେଇ ବଦଳି ଯାଇଥିବା ପରିସ୍ଥିତି ଓ



ବର୍ତ୍ତମାନର ନିୟମର ଉଲ୍ଲେଖ ସହ ବିଭିନ୍ନ ଦେଶର ଉଦାହରଣ ମଧ୍ୟ ଦେଇଛନ୍ତି । ୨୦୦୩ର ଜାଭେଦ ବନାମ ହରିୟାଣା ରାଜ୍ୟକୁ ନେଇ ନିଜର ପୁରୁଣା ନିଷ୍ପତ୍ତିର ପୁନର୍ବିଚାର ପାଇଁ ମାମଲାକୁ ବଡ଼ ପୀଠକୁ ପଠାଇ ଦେଇଛନ୍ତି । କେତେକ ରାଜ୍ୟରେ ପଞ୍ଚାୟତ ନିର୍ବାଚନ ପାଇଁ ଦୁଇ ପିଲା ନିୟମ ରହିଥିଲା, କିନ୍ତୁ କିଛି ରାଜ୍ୟରେ ପରବର୍ତ୍ତୀ ସମୟରେ ଏହାକୁ ହଟାଇ ଦିଆଯାଇଥିବା ବେଳେ ଆଉ କିଛି ରାଜ୍ୟରେ ଏହି ନିୟମ ରହିଛି । ସର୍ବୋଚ୍ଚ ନ୍ୟାୟାଳୟ ତାଙ୍କ ନିଷ୍ପତ୍ତିରେ କହିଛନ୍ତି, ୨୦୦୩ରେ ଦେଶର ମୋଟ୍ ପ୍ରଜନନ ହାର ୩.୦୨ ରହିଥିଲା, ପରେ ଏହା ହ୍ରାସ ପାଇ ୧.୯ ରହିଛି । ଜନସଂଖ୍ୟାକୁ ସ୍ଥିର ରଖିବା ପାଇଁ ୨.୧ର ପ୍ରଜନନ ହାରକୁ ପ୍ରତିସ୍ଥାପନ ସ୍ତର ଭାବେ ଗ୍ରହଣ କରାଯାଉଛି । ପ୍ରଜନନ ହାରରେ ଏହି ହ୍ରାସ ପରେ ଦୁଇରୁ ଅଧିକ ପିଲା ଥିଲେ ନିର୍ବାଚନ ଲଢ଼ିବାକୁ ରୋକାଯିବାର ଔଚିତ୍ୟକୁ ନୂଆ ଭାବେ ବିଚାର କରିବାର ଆବଶ୍ୟକତା ରହିଛି । ଯେଉଁ ନିୟମ ରହିଛି ତାହା ନାଗରିକଙ୍କର ଗୋଟିଏ ବର୍ଗକୁ ରାଜନୈତିକ ପ୍ରତିନିଧିତ୍ୱରୁ ବଞ୍ଚିତ କରୁଛି, ଯଦିଓ ପିଲାଙ୍କ ସଂଖ୍ୟା ଏବଂ କୌଣସି ବ୍ୟକ୍ତିଙ୍କ ସାର୍ବଜନିକ ପଦ ସମ୍ଭାଳିବାର କ୍ଷମତା ମଧ୍ୟରେ କୌଣସି ତର୍କସଙ୍ଗତ ସମ୍ବନ୍ଧ ନାହିଁ। ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ କହିଛନ୍ତି, ଆମର ଦୃଢ଼ ମତ ଯେ ଦୁଇରୁ ଅଧିକ ପିଲା ଥିଲେ ଦଣ୍ଡିତ କରୁଥିବା କାନୁନ ତା'ର ପ୍ରାସଙ୍ଗିକତା ହରାଇ ସାରିଛି । ନ୍ୟାୟ ହାସଲ କରିବାପାଇଁ ପରିବର୍ତ୍ତନ ଅନୁରୂପ ନିଜକୁ ମଧ୍ୟ ପରିବର୍ତ୍ତନ କରିବା ଜରୁରୀ । ଏଭଳି ନହେଲେ ଏହା ଅନ୍ୟାୟ । ଭାରତର ଜନସଂଖ୍ୟା ସହ ଜଡ଼ିତ ତଥ୍ୟ ଭବିଷ୍ୟତ ପାଇଁ ବଡ଼ ପରିବର୍ତ୍ତନର ସଂକେତ ଦେଉଛି । ବର୍ତ୍ତମାନର ବାସ୍ତବିକତା ଅନୁରୂପ ନୀତି ନିର୍ଦ୍ଧାରଣ କରିବା ଆବଶ୍ୟକ ।

ଅତୁଟ ରହୁ ବିବାହ ବନ୍ଧନ

ଭାରତରେ ବିବାହର ପବିତ୍ର ବନ୍ଧନକୁ ସାତ ଜନ୍ମର ବନ୍ଧନ ଭାବେ ଗ୍ରହଣ କରାଯାଇଥାଏ । କିନ୍ତୁ ଆଜିର ଆଧୁନିକ ଯୁଗରେ ଦାମ୍ପତ୍ୟ ଜୀବନରେ ବିଚ୍ଛେଦର ମାମଲା ବଢୁଛି । ଏହା ଚିନ୍ତାର ବିଷୟ ହୋଇଥିବାବେଳେ ବିବାହ ବିଚ୍ଛେଦ ଭଳି ସାମାଜିକ ଅସଙ୍ଗତି ଉପରେ ଅଙ୍କୁଶ ଲଗାଇବା ପାଇଁ ଆଗେଇ ଆସିଛି ପାନାଜୀ ସ୍ଥିତ ଗୋଆ କଲେଜ ଅଫ୍ ହୋମ୍ ସାଇନ୍ସର ମାନବ ବିକାଶ ଓ ପରିବାର ଅଧ୍ୟୟନ ବିଭାଗ। ଏହି କଲେଜ 'ମ୍ୟାରେଜ ରେଡ଼ିନେସ : ପ୍ରିପେୟାରିଂ ଫର୍ ହେଲ୍‌ଦି ଆଣ୍ଡ ଲାଷ୍ଟିଂ ରିଲେସନଶିପ' ନାମକ ଏକ ବିଶେଷ ସାର୍ଟିଫିକେଟ କୋର୍ସ ଆରମ୍ଭ କରିଛି । କଲେଜ ଅଧ୍ୟକ୍ଷ ମହେଶ ପାଇଙ୍କ ଅନୁଯାୟୀ, ଏହା ଏକ ପନ୍ଦରଦିନିଆ କୋର୍ସ, ୨ରୁ ୧୭ ଡିସେମ୍ବର ମଧ୍ୟରେ ଆୟୋଜିତ ହେବ । ଏହି କୋର୍ସ କେବଳ ବିବାହର ରୀତି ନୀତିରେ ସୀମିତ ନୁହେଁ, ବରଂ ଏହା ଦୁଇଟି ହୃଦୟ ମଧ୍ୟରେ ପାରସ୍ପରିକ ବୁଝାମଣା ଏବଂ ବୈବାହିକ ଜୀବନର ବାସ୍ତବିକ ଦାୟିତ୍ୱକୁ ଗମ୍ଭୀରତାର ସହ ବୁଝିବା ଉପରେ କେନ୍ଦ୍ରିତ । କଲେଜ ପକ୍ଷରୁ ଏହି ପଦକ୍ଷେପ ଏଭଳି ଏକ ସମୟରେ ନିଆଯାଇଛି ଯେତେବେଳେ ସମାଜରେ ଦାମ୍ପତ୍ୟ ସମ୍ପର୍କର ଡୋର ଦୁର୍ବଳ ହୋଇଯାଉଛି ଏବଂ ବିଚ୍ଛେଦ ମାମଲାରେ ଚିନ୍ତାଜନକ ବୃଦ୍ଧି ହୋଇଚାଲିଛି । ଏହି କଲେଜରେ ଯେଉଁ ବିଶେଷ ସାର୍ଟିଫିକେଟ କୋର୍ସ ଆରମ୍ଭ ହେବାକୁ ଯାଉଛି ସେଥିରେ ଡେଟିଂର ଉଦ୍ଦେଶ୍ୟ ଓ ଗତିଶୀଳତା, ଆତ୍ମଜାଗୃତି ଓ ଆପଣାପଣର ଆବଶ୍ୟକତା, ସମ୍ପର୍କରେ ପୁରୁଷତ୍ୱ ଓ ସ୍ତ୍ରୀତ୍ୱର ପ୍ରଭାବ, ବିବାହ (ସମାରୋହ) ଏବଂ ବୈବାହିକ ଜୀବନ ମଧ୍ୟରେ ମୂଳ ପାର୍ଥକ୍ୟ ଆଦି ଉପରେ ଚର୍ଚ୍ଚା ହେବ।

ଡିଗ୍ରୀ ଅଛି, ମାତ୍ର ଦକ୍ଷତା ନାହିଁ

ଶ୍ରୀବତ୍ସ ନାୟକ

ଯେଉଁ ଉଚ୍ଚ ଜନସଂଖ୍ୟା ଭାରତ ପାଇଁ ଦିନେ ଅଭିଶାପ ଥିଲା ସେହି ଉଚ୍ଚ ଜନସଂଖ୍ୟା ଆଜି ଭାରତ ପାଇଁ ବରଦାନ ସଦୃଶ୍ୟ ପ୍ରତୀୟମାନ ହେଉଛି। ମୋଟ ଜନସଂଖ୍ୟାର ପାଖାପାଖି ୩୬ ପ୍ରତିଶତ ଯୁବକମାନଙ୍କ ସହ ଭାରତ ଆଜି ବିଶ୍ୱର ସବୁଠାରୁ ଅଧିକ ଯୁବଶକ୍ତି ସମ୍ପନ୍ନ ଦେଶରେ ପରିଗଣିତ ହେଉଛି। ଯେଉଁ ସମୟରେ ଏସିଆ ମହାଦେଶର ଅନେକ ବିକଶିତ ରାଷ୍ଟ୍ର ଓ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ବୟସ୍କ ଜନସଂଖ୍ୟା ଜନିତ ସମସ୍ୟା ଦେଇ ଗତି କରୁଛନ୍ତି ଠିକ୍ ସେହି ସମୟରେ ଭାରତ ପାଖରେ 'ଜନସାଂଖ୍ୟିକ ଲାଭାଂଶ' (ଡେମୋଗ୍ରାଫିକ୍ ଡିଭିଡେଣ୍ଡ)ର ଏକ ସୁବର୍ଣ୍ଣ ସୁଯୋଗ ରହିଛି। କାହିଁକି ନା ଯୁବ ଶକ୍ତି ହେଉଛନ୍ତି ରାଷ୍ଟ୍ର ଶକ୍ତି ।

ରାଷ୍ଟ୍ରର ପ୍ରଗତି ଓ ଉନ୍ନତି ଯୁବକମାନଙ୍କ ଉପରେ ନିର୍ଭରଶୀଳ । ସେହି ଯୁବଶକ୍ତିକୁ ନେଇ ୨୦୪୭ ମସିହା ବେଳକୁ ବିକଶିତ ହେବାର ସ୍ୱପ୍ନ ଦେଖୁଛି ଭାରତ । ଏହାକୁ ନେଇ ରୋଡ ମ୍ୟାପ ପ୍ରସ୍ତୁତ କରୁଛନ୍ତି କେନ୍ଦ୍ର ସରକାର । କିନ୍ତୁ ଏହି ସବୁ ଭିତରେ ଗତ ସପ୍ତାହରେ ନୀତି ଆୟୋଗ ଦ୍ୱାରା ପ୍ରକାଶ ପାଇଥିବା ରିପୋର୍ଟରେ ଦର୍ଶାଯାଇଛି ଯେ ଦେଶରେ ଉଚ୍ଚଶିକ୍ଷିତ ଯୁବକମାନଙ୍କ ସଂଖ୍ୟା ବୃଦ୍ଧି ପାଉଥିଲେ ବି ସେମାନଙ୍କ ଅନୁପାତରେ ଉପଯୁକ୍ତ ନିଯୁକ୍ତି ମିଳିପାରୁନାହିଁ। ଶିକ୍ଷା, ଦକ୍ଷତା ଏବଂ ବାସ୍ତବ ବଜାର ଆବଶ୍ୟକତା ମଧ୍ୟରେ ସୃଷ୍ଟି ହୋଇଥିବା ଏହି ବ୍ୟବଧାନ, ଭାରତର ପ୍ରଗତି ପଥରେ ସବୁଠାରୁ ବଡ଼ ପ୍ରତିବନ୍ଧକ ସାଜିଛି।

ନୀତି ଆୟୋଗଙ୍କ ଆକଳନ ଅନୁସାରେ ଭାରତରେ ପ୍ରାୟ ୮.୭ କୋଟି ଯୁବପିଢ଼ି (୧୫ ରୁ ୨୯ ବର୍ଷ) 'ନିଟ୍' (ନଟ୍ ଇନ୍ ଏଜୁକେସନ, ଏମପ୍ଲୋୟମେଣ୍ଟ ଅର ଟ୍ରେନିଂ) ବର୍ଗରେ ଆସୁଛନ୍ତି । ଅର୍ଥାତ୍ ଏହି ବିଶାଳ ଯୁବବର୍ଗ ନା କୌଣସି ବିଦ୍ୟାଳୟ କିମ୍ବା ମହାବିଦ୍ୟାଳୟରେ ପାଠ ପଢୁଛନ୍ତି, ନା କୌଣସି ଚାକିରି ବା ବ୍ୟବସାୟରେ ନିୟୋଜିତ ଅଛନ୍ତି, ନା କୌଣସି କୌଶଳ ତାଲିମ ଗ୍ରହଣ କରୁଛନ୍ତି। ଦେଶରେ ଦିନକୁ ଦିନ ସ୍ନାତକଧାରୀଙ୍କ ସଂଖ୍ୟା ବୃଦ୍ଧି ପାଉଛି । ଯାହା ଦେଶ ପାଇଁ ସଫଳତା ପରିବର୍ତ୍ତେ ସଙ୍କଟର କାରଣ ହେଉଛି।ନୀତି ଆୟୋଗର ଏହି ସଦ୍ୟତମ ରିପୋର୍ଟ୍ ଦର୍ଶାଉଛି ଯେ ଭାରତରୁ ଉତ୍ତୀର୍ଣ୍ଣ ଅଧିକାଂଶ ଛାତ୍ରଛାତ୍ରୀଙ୍କଠାରେ ଉପଯୁକ୍ତ ଦକ୍ଷତାର ଅଭାବ ଯୋଗୁଁ ସେମାନେ ଚାକିରି ପାଇଁ ଯୋଗ୍ୟ ବିବେଚିତ ନ ହୋଇ ବେକାର ରହୁଛନ୍ତି। ଫଳସ୍ୱରୂପ ଭାରତର ଜନସାଂଖ୍ୟିକ ଲାଭାଂଶର ଅପଚୟ ଘଟୁଛି। ବର୍ତ୍ତମାନ ଭାରତର ଗ୍ରାଜୁଏଟମାନଙ୍କ ମଧ୍ୟରେ ବେକାରୀ ହାର ୧୩ ପ୍ରତିଶତ ଯାହା ଜାତୀୟ ହାରାହାରି ବେକାରୀ ହାର ୩.୨ ପ୍ରତିଶତର ଚାରିଗୁଣ ଅଧିକ। ମହିଳାମାନଙ୍କ କ୍ଷେତ୍ରରେ ଏହି ବେକାରୀ ହାର ୨୦.୪ ପ୍ରତିଶତ। ଏହାଠାରୁ ଆହୁରି ଚିନ୍ତାର ବିଷୟ ହେଉଛି, ଭାରତରେ ମାତ୍ର,୮.୨୫ ପ୍ରତିଶତ ଗ୍ରାଜୁଏଟ ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା ସହିତ ଜଡିତ ଚାକିରି ପାଇଥାନ୍ତି । ଯେଉଁମାନେ କର୍ମନିଯୁକ୍ତି ପାଇଥାନ୍ତି ସେମାନଙ୍କ ମଧ୍ୟରୁ ଅଧାରୁ ଅଧିକ ସଂଖ୍ୟକ ମୌଳିକ କିମ୍ବା ଅର୍ଦ୍ଧ କୁଶଳୀ ବୃତ୍ତିଗୁଡିକରେ ଜମା ହୋଇ ରହିଛନ୍ତି। ଏହି ତଥ୍ୟ କେବଳ ପର୍ଯ୍ୟାପ୍ତ ସଂଖ୍ୟକ କୁଶଳୀ କର୍ମ ନିଯୁକ୍ତି ସୃଷ୍ଟି କରିବା କ୍ଷେତ୍ରରେ ସମ୍ପୂର୍ଣ୍ଣ ବିଫଳତାକୁ ଉନ୍ମୋଚନ କରୁନାହିଁ ବରଂ ଉଚ୍ଚ ଶିକ୍ଷାରେ ରହିଥିବା ତ୍ରୁଟି ଗୁଡିକୁ ସମ୍ମୁଖକୁ ଆଣୁଛି । ଯେଉଁ ଡିଗ୍ରୀ ଜୀବିକା ଅର୍ଜନରେ ସାହାଯ୍ୟ କରେ ନାହିଁ କିମ୍ବା ବ୍ୟକ୍ତିର ଦକ୍ଷତା ବୃଦ୍ଧି କରେ ନାହିଁ, ତାହାକୁ ବ୍ୟବହାରିକ ଭାବେ ଅର୍ଥହୀନ ଡିଗ୍ରୀ କୁହାଯାଏ। ବାସ୍ତବରେ ଏହା କୁହାଯାଇପାରେ ଯେ ଭାରତର ଯୁବବର୍ଗ ହାସଲ କରିଥିବା ଡିଗ୍ରୀ ସମ୍ପୂର୍ଣ୍ଣ ଅର୍ଥହୀନ। ଯେଉଁ ଯୁବଶକ୍ତି ଦେଶର ଜାତୀୟ ଆୟ ବୃଦ୍ଧିରେ ମୁଖ୍ୟ ଭୂମିକା ଗ୍ରହଣ କରିବା କଥା, ସେମାନଙ୍କର ଏହିପରି ଅକର୍ମଣ୍ୟ ହୋଇ ରହିବା ଦ୍ୱାରା ଦେଶର ପ୍ରଗତିରେ ବାଧା ସୃଷ୍ଟି ହେବା ସହିତ ଭାରତ ସରକାରଙ୍କର ବିକଶିତ ଭାରତର ସ୍ୱପ୍ନ, ସ୍ୱପ୍ନରେ ରହିଯିବା ଭଳି ମନେ ହେଉଛି ।

ନୀତି ଆୟୋଗଙ୍କ ବିଶ୍ଳେଷଣ ଅନୁସାରେ ଶିକ୍ଷିତ ବେକାରୀ ବୃଦ୍ଧି ପଛରେ ସବୁଠାରୁ ବଡ଼ କାରଣ ହେଉଛି ଆମର ପାରମ୍ପରିକ ଶିକ୍ଷା ପଦ୍ଧତି। ସଦାସର୍ବଦା ଶିକ୍ଷାର ଗୁରୁତ୍ୱକୁ ଉପଲବ୍ଧି କରି ଭାରତ ଯୁଗୋପଯୋଗୀ ଶିକ୍ଷାବ୍ୟବସ୍ଥା ପ୍ରଣୟନ କରିଆସୁଛି। ମାତ୍ର ତାହା ବାସ୍ତବରେ ସେତେଟା ସଫଳ ହେଉନାହିଁ। ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରୁ ବାର୍ଷିକ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ସ୍ନାତକ ଓ ସ୍ନାତକୋତ୍ତର ଡିଗ୍ରୀ ହାସଲ କରି ବାହାରୁଛନ୍ତି। କିନ୍ତୁ ସେମାନଙ୍କ ପାଖରେ ଶିଳ୍ପସଂସ୍ଥା ଆବଶ୍ୟକ କରୁଥିବା ଆଧୁନିକ ଦକ୍ଷତା, କମ୍ପ୍ୟୁଟର ସାକ୍ଷରତା, କ୍ରିଟିକାଲ ଥିଙ୍କିଂ ଏବଂ ବ୍ୟବହାରିକ କୌଶଳ ରହୁନାହିଁ। ଅନେକ ଶିକ୍ଷାନୁଷ୍ଠାନରେ ବ୍ୟବହୃତ ପାଠ୍ୟକ୍ରମ ଆଜିର ଡିଜିଟାଲ୍ ଓ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଯୁଗର ଚାହିଦା ସହ ମେଳ ଖାଉନାହିଁ । ଅନ୍ୟପକ୍ଷରେ ଦେଖିଲେ ଆମ ସମସ୍ତଙ୍କର ମାନସିକତା ଡିଗ୍ରୀ-କେନ୍ଦ୍ରିକ ହୋଇଯାଇଛି ଫଳରେ ସମାଜରେ ଶିକ୍ଷାକୁ କେବଳ ଏକ 'ସାର୍ଟିଫିକେଟ୍' କିମ୍ବା ଡିଗ୍ରୀ ହାସଲ କରିବାର ମାଧ୍ୟମ ଭାବେ ଗ୍ରହଣ କରାଯାଉଛି, କୌଶଳ ଅର୍ଜନର ମାଧ୍ୟମ ଭାବେ ନୁହେଁ। 'ନିଟ୍' ବର୍ଗରେ ଥିବା ୮.୭ କୋଟି ଯୁବକଙ୍କ ମଧ୍ୟରୁ ଏକ ବଡ଼ ଅଂଶ ହେଉଛନ୍ତି ମହିଳା। ଉଚ୍ଚଶିକ୍ଷା କ୍ଷେତ୍ରରେ ମହିଳାମାନଙ୍କ ନାମଲେଖା ବୃଦ୍ଧି ପାଇଥିଲେ ବି, ଶିକ୍ଷା ସମାପ୍ତ ପରେ ସେମାନେ ଶ୍ରମଶକ୍ତିରେ ଯୋଗ ଦେଇପାରୁନାହାନ୍ତି । ସାମାଜିକ ପ୍ରତିବନ୍ଧକ, ସୁରକ୍ଷାର ଅଭାବ, ଏବଂ ପରିବାରର ସାଂସାରିକ ଦାୟିତ୍ୱ ଯୋଗୁଁ ଅନେକ ଶିକ୍ଷିତ ମହିଳା ଘରେ ରହିବାକୁ ବାଧ ହେଉଛନ୍ତି। ମହିଳାମାନଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ ନ କରିବା ପର୍ଯ୍ୟନ୍ତ ବେକାରୀ ସମସ୍ୟାର ସମ୍ପୂର୍ଣ୍ଣ ସମାଧାନ ଅସମ୍ଭବ।

ନିୟମିତ ପାଠ୍ୟକ୍ରମକୁ ଯାଂଚ କରିବା, ପ୍ରକାଶିତ ପାଠ୍ୟକ୍ରମସ୍ତରୀୟ ନିଯୁକ୍ତି, କାର୍ଯ୍ୟରେ ଲାଗି ପାରୁଥିବା ଯୋଗ୍ୟମାନକ ସହିତ ପାରିଶ୍ରମିକ ପ୍ରଦାନ କରାଯାଉଥିବା ଆପ୍ରେଣ୍ଟିସେସିପ୍, ସମସ୍ତ ଆବଶ୍ୟକତା ପୂରଣ କରାଯାଇଥିବା ସରକାରୀ ମହାବିଦ୍ୟାଳୟ ସମୂହ, ପ୍ରଶିକ୍ଷିତ ଧନ୍ଦାମୂଳକ ଶିକ୍ଷକ, ମାପ ଯୋଗ୍ୟ କର୍ମ ନିଯୁକ୍ତି ଫଳାଫଳ ସହିତ ସଂଯୁକ୍ତ ଉଦ୍ୟୋଗ ଭାଗୀଦାରି ଭଳି କେତେକେ ଅପରିହାର୍ଯ୍ୟ ଭାରତ ବର୍ତ୍ତମାନ ଆବଶ୍ୟକ କରୁଛି। ଏହିସବୁ ସଂସ୍କାରଗୁଡିକ ଶ୍ରମ, ଚାକିରି ତଥା ଦକ୍ଷତା ଉନ୍ନତିକରଣ ସହିତ ମିଶ୍ରିତ ହୋଇ ରହିବା ଉଚିତ। ଭାରତ ତାର ଶିକ୍ଷା ବ୍ୟବସ୍ଥାରେ ସମୟାନୁସାରେ ବ୍ୟାପକ ପରିବର୍ତ୍ତନ ଆଣୁଥିଲେ ମଧ୍ୟ ତାହା ସେତେଟା ଫଳପ୍ରଦ ହେଉନାହିଁ। କାହିଁକି ନା ଦୀର୍ଘ ବର୍ଷ ଅନ୍ତରରେ ଭାରତରେ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ହୋଇଥାଏ। ଶିକ୍ଷା ବ୍ୟବସ୍ଥାରେ ସଂସ୍କାରର କଥା ଆସିଲେ ଚୀନକୁ ଉଦାହରଣ ଭାବେ ଆମେ ଦେଖିପାରିବା । ଚୀନ ୨୦୨୧ ରୁ ୨୦୨୫ ମସିହା ମଧ୍ୟରେ ୧୨,୨୦୦ଟି ଅଣ୍ଡର ଗ୍ରାଜୁଏଟ କୋର୍ସକୁ ବନ୍ଦ କରିବା ସହିତ ୧୦,୨୦୦ ଟି ନୂତନ ପାଠ୍ୟକ୍ରମ ସଂଯୋଗ କରିଛି, କିନ୍ତୁ ଏ କ୍ଷେତ୍ରରେ ଭାରତର ପ୍ରଦର୍ଶନ ନୈରାଶ୍ୟଜନକ। ବିଶ୍ୱବିଦ୍ୟାଳୟଗୁଡ଼ିକ ଶିଳ୍ପସଂସ୍ଥାଗୁଡ଼ିକ ସହିତ ସିଧାସଳଖ ଚୁକ୍ତିବଦ୍ଧ ହୋଇ ବଜାର ଚାହିଦା ଅନୁସାରେ ପାଠ୍ୟକ୍ରମ ନିର୍ଦ୍ଧାରଣ କରିବା, ଇଣ୍ଟର୍ନସିପ୍‌କୁ ବାଧ୍ୟତାମୂଳକ କରିବା ଓ ଶିକ୍ଷା ବ୍ୟବସ୍ଥାରେ ଷଷ୍ଠ ଶ୍ରେଣୀରୁ କୌଶଳ-ଭିତ୍ତିକ ଶିକ୍ଷା ସଂଯୁକ୍ତ କରିବାର ଆବଶ୍ୟକତା ରହିଛି। ଏତଦବ୍ୟତୀତ କେବଳ ଚାକିରି ପାଇବାପାଇଁ ଯୁବପିଢ଼ିଙ୍କୁ ଯୋଗ୍ୟ ନ କରି, ଚାକିରୀ ସୃଷ୍ଟି କରିବାପାଇଁ ଷ୍ଟାର୍ଟଅପ୍, ଷ୍ଟାଣ୍ଡଅପ୍ ଇଣ୍ଡିଆ ଭଳି କାର୍ଯ୍ୟକ୍ରମ ଆୟୋଜନ କରିବା ଦରକାର। ମହିଳାମାନଙ୍କ କ୍ଷେତ୍ରରେ ଦେଖିଲେ ସେମାନଙ୍କ ପାଇଁ ସୁରକ୍ଷିତ କାର୍ଯ୍ୟସ୍ଥଳ, ଫ୍ଲେକ୍ସିବଲ୍ ୱର୍କିଂ ଆୱାର (ସୁବିଧାଜନକ କାର୍ଯ୍ୟ ସମୟ) ଏବଂ ଶିଶୁ ଯତ୍ନ କେନ୍ଦ୍ର ପ୍ରତିଷ୍ଠା କରି ସେମାନଙ୍କୁ କାର୍ଯ୍ୟକ୍ଷେତ୍ରକୁ ଆଣିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରିବାର ଆବଶ୍ୟକତା ରହିଛି ।

ନୀତି ଆୟୋଗଙ୍କ ତଥ୍ୟ ଆମ ପାଇଁ ଏକ ସାବଧାନର ଘଣ୍ଟି। ସରକାର, ଶିକ୍ଷାନୁଷ୍ଠାନ ଏବଂ ସମାଜକୁ ମିଳିମିଶି ଶିକ୍ଷାର ଗୁଣବତ୍ତା ବୃଦ୍ଧି ସହ କୌଶଳ ବିକାଶ ଉପରେ ସର୍ବାଧିକ ଗୁରୁତ୍ୱ ଦେବାକୁ ହେବ। ଡିଗ୍ରୀ ଉପରେ ନୁହେଁ, ଦକ୍ଷତା ଉପରେ ଆଧାରିତ ଶିକ୍ଷା ହିଁ ଭାରତର ଯୁବ ସମ୍ବଳକୁ ପ୍ରକୃତ ସମ୍ପତ୍ତିରେ ରୂପାନ୍ତରିତ କରିପାରିବ। ସମୟ ଥାଉଁ ଥାଉଁ ନୀତିଗତ ପରିବର୍ତ୍ତନ ଆଣିବା ନିତାନ୍ତ ଜରୁରୀ ।

ମୋ: ୯୪୩୮୦୭୦୮୪୯

ସ୍ୱାସ୍ଥ୍ୟ ଚେତନାରେ ପୁଣ୍ୟ ମାସ କାର୍ତ୍ତିକ

ଡାକ୍ତର ପ୍ରଫୁଲ୍ଲ କୁମାର ଦାସ

ବର୍ଷକ ବାର ମାସ ମଧ୍ୟରେ କାର୍ତ୍ତିକ ମାସର ସ୍ୱାତନ୍ତ୍ର୍ୟ ଅନନ୍ୟ। ହିନ୍ଦୁ ଧର୍ମରେ ଏହା ଖୁବ ଗୁରୁତ୍ୱ ବହନ କରିଥାଏ। ଚର୍ତୁମାସ୍ୟାର ଶେଷ ପର୍ଯ୍ୟାୟ କାର୍ତ୍ତିକ ମାସ। କାର୍ତ୍ତିକ ମାସକୁ ସମସ୍ତେ ଧର୍ମ ମାସ ଭାବେ ବୁଝନ୍ତି। ପୂଜା ପ୍ରାର୍ଥନା ସହ ମଣିଷର ଖାଦ୍ୟ ଓ ଚିନ୍ତାଧାରା ମଧ୍ୟ ବଦଳି ଯାଇଥାଏ। ସ୍ନାନ, ଦାନ, ପୂଜାର୍ଚ୍ଚନା ପାଇଁ ଏହି ମାସ ଶ୍ରେଷ୍ଠ। କାର୍ତ୍ତିକ ପୂର୍ଣ୍ଣିମା ରାସ ବା ରାହାସ ପୂର୍ଣ୍ଣିମା ନାମରେ ମଧ୍ୟ ପରିଚିତ। ଓଡ଼ିଶାର ଆଚାର ବିଚାର, ଚାଲିଚଳଣ ତଥା ଧର୍ମୀୟ ଭାବନା ସହିତ ଏହି ପର୍ବ ଓତପ୍ରୋତ ଭାବେ ଜଡ଼ିତ। ଅପର ପକ୍ଷରେ ଐତିହାସିକ ଦୃଷ୍ଟିକୋଣରୁ ମଧ୍ୟ ଏହା କମ ଗୁରୁତ୍ୱପୂର୍ଣ୍ଣ ନୁହେଁ। ପୁନଶ୍ଚ କାର୍ତ୍ତିକ ଏକ ଧର୍ମ ମାସ ରୂପେ ମଧ୍ୟ ପରିଚିତ। ଏହି ମାସରେ ବୟସ୍କ ତଥା ଧର୍ମପ୍ରାଣ ଆବାଳ ବୃଦ୍ଧ - ବନିତା, ପ୍ରତ୍ୟହ ପ୍ରାତଃକାଳରେ ସ୍ନାନ ସାରି ଦେବ ଦର୍ଶନ ଏବଂ ନଗର ସଂକୀର୍ତ୍ତନରେ ଆତ୍ମବିଭୋର ହୋଇ ଉଠନ୍ତି। ବାର ମାସ ମଧ୍ୟରୁ କାର୍ତ୍ତିକ ମାସରେ ପୃଥିବୀର ବାତାବରଣ ବହୁତ ଶାନ୍ତ ଓ ପରିଷ୍କାର ରହେ।

ବାୟୁମଣ୍ଡଳର ଶୁଦ୍ଧ ବାତାବରଣରେ ଜଳ ପବିତ୍ର ହୋଇଥାଏ। ଏଣୁ ଏହି ମାସରେ ପ୍ରତିଦିନ ପ୍ରତ୍ୟୁଷରୁ ସ୍ନାନ କଲେ ଶାରୀରିକ ଓ ମାନସିକ ଭାବେ ବ୍ୟକ୍ତି ସୁସ୍ଥ ଅନୁଭବ କରେ। ଭଗବାନଙ୍କ ପ୍ରତି ଭାବପ୍ରବଣତା ସୃଷ୍ଟି ହୁଏ। ବ୍ୟକ୍ତି ଅତୀତର ସମସ୍ତ ଦୁଃଖକୁ ଭୁଲିଯାଏ ଏହି ପବିତ୍ରତା ମଧ୍ୟରେ। ଜଳରେ ସ୍ୱତନ୍ତ୍ର ଭାବେ ଇଲେକ୍ଟ୍ରୋ-ମ୍ୟାଗ୍ନେଟିକ ଶକ୍ତି ସଞ୍ଚାର ହୋଇଥାଏ। ଏହା ମନ ଓ ଶରୀରକୁ ଶକ୍ତି ଯୋଗାଏ ଏବଂ ସୁସ୍ଥ ରଖିବାରେ ସହାୟକ ହୋଇଥାଏ। ସୂର୍ଯ୍ୟ ଉଦୟ ପୂର୍ବରୁ ସ୍ନାନ କରିବା ଦ୍ୱାରା ପାକସ୍ଥଳୀ ଓ ଯକୃତର ସମସ୍ତ ରୋଗ ଦୂର ହେବା ସହ ହର୍ମୋନ ସନ୍ତୁଳନରେ ରକ୍ଷା କରିଥାଏ। ବର୍ଷା ଋତୁ ପରେ କାର୍ତ୍ତିକ ମାସ ପଡ଼େ। ବର୍ଷାଦିନେ ବର୍ଷା ପାଣିରେ ଗଛପତ୍ର, ଚେରମୂଳ ଧୋଇହୋଇ ଆସି ନଦୀ ଓ ପୋଖରୀରେ ପଡ଼ିଥାଏ। ଏହାଦ୍ୱାରା ଜଳ

ପଞ୍ଚାୟତରେ ରିଲିଫ ତାତି : ରାସ୍ତାରୋକ ପରେ ଚାଉଳ ଓ ଟଙ୍କା ବଣ୍ଟନ



ହିଞ୍ଜିଳିକାଟ,୯।୧୧(ନି.ପ୍ର):ବନ୍ୟା ବିପନ୍ନଙ୍କ ଲାଗି ରାଜ୍ୟ ସରକାର ପରିବାର ପିଛା ୫୦ କିଲୋ ଚାଉଳ ଏବଂ ୨୫୦୦ ଟଙ୍କା ରିଲିଫ ସହାୟତା ଘୋଷଣା କରିଛନ୍ତି। ଗଞ୍ଜାମ ଜିଲ୍ଲା ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହିଞ୍ଜିଳିକାଟୁ ବ୍ଲକର ବନ୍ୟା ପ୍ରଭାବିତ ଗ୍ରାମରେ ଆଗୁଆ ରିଲିଫ ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ହିଞ୍ଜିଳିକାଟୁ ବ୍ଲକ ଚୁରୁପଡ଼ା ପଞ୍ଚାୟତର ନୂଆଁ ଚୁରୁପଡ଼ା ଗ୍ରାମରେ ଚାଉଳ ଏବଂ ଟଙ୍କା ବଣ୍ଟନ କାର୍ଯ୍ୟକ୍ରମ ଶେଷ ହୋଇଛି କିନ୍ତୁ ଚୁରୁପଡ଼ା ଗ୍ରାମରେ ଚାଉଳ ଏବଂ ଟଙ୍କା ବଣ୍ଟନକୁ କେନ୍ଦ୍ର କରି ସୋମବାର ଗ୍ରାମବାସୀ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଯୋଗାଣ ସହାୟକଙ୍କ ମନମାନୀ ଯୋଗୁଁ ଅସନ୍ତୁଷ୍ଟ ଗ୍ରାମବାସୀ ନିଆଁ ଜାଳି ଶେରଗଡ – ହିଞ୍ଜିଳିକାଟୁ ମୁଖ୍ୟରୁ ଅବରୋଧ କରି ପ୍ରବଳ ହୋ ହାଲ୍ଲା କରି ପ୍ରତିବାଦ କରିଥିଲେ। ରାଜ ରାସ୍ତାରେ ବସି ରିଲିଫ ବଣ୍ଟନରେ ପାତର ଅନ୍ତର ନୀତି ଓ ସରକାରଙ୍କ ଘୋଷଣା ଅନୁଯାୟୀ ରିଲିଫ ବଣ୍ଟନ କରିବା ପାଇଁ ଅଡ଼ି ବସିଥିଲେ। ପରିସ୍ଥିତି ଏପରି ହୋଇଥିଲା ଯେ ଉତ୍ତ୍ୟକ୍ତ ଲୋକେ ପଞ୍ଚାୟତ କାର୍ଯ୍ୟାଳୟ ଭିତରକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ଉତ୍ତ୍ୟକ୍ତ ଲୋକଙ୍କ ଆକ୍ରୋଶରୁ ବର୍ତ୍ତିବା ପାଇଁ ପଞ୍ଚାୟତ ନିର୍ବାହୀ ଅଧିକାରୀ କାର୍ଯ୍ୟାଳୟ କୋଠରୀରେ ରହିବାକୁ ବାଧ ହୋଇଥିଲେ। ଖବର ପାଇ ହିଞ୍ଜିଳି ଓ ଶେରଗଡ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ଚୁଝାସୁଝା କରିଥିଲେ। ପରେ ତହସିଲଦାର, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଓ ବ୍ଲକ କର୍ମଚାରୀ ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରିଥିଲେ। ରାସନ୍ କାର୍ଡ ଏବଂ ବନ୍ୟା ବିପନ୍ନଙ୍କୁ ଚାଉଳ ଏବଂ ନଗଦ ଟଙ୍କା ବଣ୍ଟନ ହେବ ବୋଲି ଅଧିକାରୀ ମାନେ ପ୍ରତିଶ୍ରୁତି ଦେଇଥିଲେ। ପରେ ଉତ୍ତ୍ୟକ୍ତ ଲୋକେ ଧାରଣାରୁ ହଟିବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ଯୋଗାଣ ସହାୟକ ଜଣକ ହିଞ୍ଜିଳିକାଟୁ ବ୍ଲକ ଯୋଗାଣ ନିରୀକ୍ଷକଙ୍କ ନିର୍ଦ୍ଦେଶ ଅନୁସାରେ ଚାଉଳ ଏବଂ ଡିବିଟି ମାଧ୍ୟମରେ ଟଙ୍କା ପଠାଯିବ ବୋଲି କହିବା ସହ ନିଜେ ଗ୍ରାମରେ ଖୋଲିଥିବା ଦୋକାନରେ ଆବଶ୍ୟକ ପତ୍ର ପ୍ରସ୍ତୁତ କରିବା ପାଇଁ ଚାପ ପକାଇବା ଯୋଗୁଁ ଏଭଳି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା ବୋଲି ଜଣାପଡିଛି। ବ୍ଲକ ପ୍ରଶାସନ ପକ୍ଷରୁ ୧୦ ଜଣ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ୬ ଜଣ ଯୋଗାଣ ସହାୟକଙ୍କୁ ନେଇ ଆବଶ୍ୟକ ରିଲିଫ ବଣ୍ଟନ ବ୍ୟବସ୍ଥା ଜାରୀ ରହିଥିବା ଜଣା ପଡ଼ିଛି।

ଗୋଖରକୁଦା ସମୁଦ୍ରକୂଳରେ ସରକାରୀ ମଦ ଭାଟି

ସିଆର୍‌ଜେଡ଼ ନିୟମର ଖୋଲା ଉଲ୍ଲଙ୍ଘନ



ଗଞ୍ଜାମ ବ୍ଲକ,୯।୧୧(ନି.ପ୍ର):ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ ଗ୍ରାମ ପଞ୍ଚାୟତର ଗୋଖରକୁଦା ଗ୍ରାମ ନିକଟ ସମୁଦ୍ର କୂଳରେ ଦୀର୍ଘ ବର୍ଷ ହେବ ଏକ ସରକାରୀ ଅନୁମୋଦିତ ଦେଶୀ ମଦ ପ୍ରସ୍ତୁତ ଭାଟି(ଲାଇସେନ୍ସ ନଂ -୦୭/୨୦୨୯-୨୦୨୦) ଚାଲିଛି। ଏଠାରେ ପ୍ରତିଦିନ ଶହ ଶହ ଲିଟର ଦେଶୀ ମଦ ପ୍ରସ୍ତୁତ ହେଉଛି।

ଏହି ଭାଟି ସମୁଦ୍ରଠାରୁ ମାତ୍ର ୨୦୦ ରୁ ୩୦୦ ମିଟର ଭିତରେ ରହିଛି। ଏହାର ଗୋଟେ ପଟେ ବଙ୍ଗୋପସାଗର, ଅନ୍ୟ ପଟେ ଚିଲିକା ହ୍ରଦ ଏବଂ ପାଖରେ ରଖିକୁଲ୍ୟା ନଦୀକୁ ସଂଯୋଗ କରୁଥିବା ବ୍ରିଟିଶ ଅମଳର ଐତିହାସିକ ସାହେବ କେନାଲ ରହିଛି। କେନ୍ଦ୍ର ସରକାରଙ୍କ ସିଆରଜେଡ଼ ନୋଟିଫିକେସନ ଅନୁଯାୟୀ ସମୁଦ୍ରଠାରୁ ୫୦୦ ମିଟର ଭିତରେ ଏହି ଅଞ୍ଚଳ ସିଆରଜେଡ଼-୩ ଭିତରେ ଆସେ ଯେଉଁଠି କୌଣସି ପ୍ରଦୂଷଣକାରୀ ଶିଳ୍ପ, ମଦ ଭାଟି, କେମିକାଲ ପ୍ଲାଣ୍ଟ ସ୍ଥାପନ ସମ୍ପୂର୍ଣ୍ଣ ନିଷେଧ,କିନ୍ତୁ ଏଠାରେ ଖୋଲା ଭାବେ ନିୟମ ଉଲ୍ଲଙ୍ଘନ ହେଉଛି। ଏହି ଭାଟି ପାଇଁ ଓଡିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସ୍ଥାପନା ପାଇଁ ସମ୍ମତି ପତ୍ର ଓ ପରିଚାଳନା ପାଇଁ ସମ୍ମତି ପତ୍ର, ଇଟିପି ବର୍ଜ୍ୟ ଶୋଧନ ପ୍ଲାଣ୍ଟ, ବନ ବିଭାଗର ଏନଓସି ଅଛି କି ନାହିଁ ତାହା ସନ୍ଦେହ ଘେରରେ। ସ୍ଥାନୀୟ ଲୋକେ କହୁଛନ୍ତି ପ୍ରଦୂଷଣ ବୋର୍ଡ କେବେ ଏଠାକୁ ଯାଞ୍ଚ ପାଇଁ ଆସିନାହିଁ।

ଏହି ମଦ ପ୍ରସ୍ତୁତକାରୀ ଭାଟି ଯୋଗୁଁ ଚିଲିକା, ସମୁଦ୍ର ଓ ସାହେବ କେନାଲ ତିନୋଟି ଜଳ ଉତ୍ସ ପ୍ରଦୂଷିତ ହେବା ଆଶଙ୍କା ଅଛି। ଏହା ସହ ଏହି ସମୁଦ୍ର କୂଳ ବିରଳ ଓଲିଭ ରିଡଲେ କଇଁଛଙ୍କ ଅଣ୍ଡା ଦେବା ସ୍ଥାନ।ଏଭଳି ସ୍ଥାନରେ ମଦ ଭାଟି ରହିବା ପରିବେଶ ଆଇନର ଖୋଲା ଉଲ୍ଲଙ୍ଘନ। ଏହି ଭାଟି ବାହାରକୁ ଛାଡୁଥିବା ମଦ ରକ୍ଷା ପାଣି ଗାଈଗୋରୁ ପଶୁ ପକ୍ଷୀ ପିଇ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବା ସହ ମୃତ୍ୟୁ ବରଣ କରିଛନ୍ତି । ଏହାର ତୁରନ୍ତ ଯାଞ୍ଚ କରି ସ୍ଥାନାନ୍ତର କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ପରିବେଶପ୍ରେମୀ ଦାବି କରିଛନ୍ତି। ତେବେ ଏନେଇ ପୂର୍ବତନ ସମିତିସଭ୍ୟ ଛାୟାକାନ୍ତ ପ୍ରଧାନ କଡ଼ା ନିନ୍ଦା କରିବା ସହ ଏହାକୁ ବିରୋଧ କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯଦି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନହୁଏ ତେବେ ଆନ୍ଦୋଳନ କରାଯିବ । ମଦ ମାଫିଆମାନେ କିଛି ପ୍ରଶାସନିକ ଅଧିକାରୀଙ୍କୁ ହାତକରି ଥିବାରୁ ବେଆଇନ କାମ ଉପରେ କାର୍ଯ୍ୟାନୁଷ୍ଠାନ ହେଉ ନାହିଁ ବୋଲି ସ୍ଥାନୀୟ ବାସିନ୍ଦା ଆଲୋଚନା କରୁଛନ୍ତି ।ଏ ନେଇ ଛତ୍ରପୁର ଅବକାରୀ ଅଧିକ୍ଷକଙ୍କଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ ।

ବୃଦ୍ଧଙ୍କୁ ହତ୍ୟା ଅଭିଯୋଗରେ ୨ଭାଇ ଗିରଫ

ଭଞ୍ଜନଗର,୯।୧୧(ନି.ପ୍ର): ତାର ସିଂ ଥାନା ବଦାଙ୍ଗି ଗ୍ରାମ ଗୌଡ଼ ସାହିର ଜଳନ୍ଧର ଗୌଡ଼ (୫୫)ଙ୍କ ପିତା ତ୍ରିନାଥ ଗୌଡ଼ (୮୦)ଙ୍କୁ ଗତ ୫ତାରିଖ ରାତିରେ କିଛି ଅଜ୍ଞାତ ବ୍ୟକ୍ତି ହତ୍ୟା କରିଥିବା ଅଭିଯୋଗ କରିଥିଲେ। ତାଙ୍କ ପିତା ଘରେ ଏକାକୀ ରହୁଥିଲେ। ଏ ନେଇ ତାରାସିଂ ଥାନାରେ କେସ୍ ନଂ ୪୪୨/୨୦୨୬ ବିଏନଏସ ଧାରା ୧୦୩(୧)/୩୩୨(ଏ) ଅନୁଯାୟୀ ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ଗଞ୍ଜାମର ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳ ଯାଞ୍ଚ କରିଥିଲେ। ସୂଚନା ଯୋଗ୍ୟ ଯେ ତ୍ରିନାଥ ଗୌଡ଼ ପାରମ୍ପରିକ ଝଡ଼ାଫୁଙ୍କା କରୁଥିଲେ ଏବଂ ଗ୍ରାମର କିଛି ଲୋକ ତାଙ୍କୁ ଗୁଣି ଗାରେଡ଼ି କରୁଥିବା ସନ୍ଦେହ କରୁଥିଲେ। ଅଭିଯୁକ୍ତମାନଙ୍କ ମଧ୍ୟରୁ ଜଣଙ୍କର ଜ୍ୱର ଭଲ ହେଉ ନଥିଲା ଏବଂ ପରିବାରର ଅନ୍ୟ ସଦସ୍ୟମାନେ ମଧ୍ୟ ଅସୁସ୍ଥ ହୋଇ ପଡ଼ିଥିଲେ। ତେଣୁ ତ୍ରିନାଥ ତାଙ୍କ ପରିବାର ଉପରେ ଗୁଣି କରିଥିବା ସନ୍ଦେହ କରି ଘଟଣା ରାତିରେ ଦୁଇ ଭାଇ ଘର ଭିତରୁ ବୃଦ୍ଧଙ୍କୁ ଟାଣି ଆଣି ବାରଣ୍ଡାରେ ପକାଇଥିଲେ। ସେଠାରେ ତାଙ୍କୁ ବାଡ଼ିରେ ପିଟିବା ସହ ମୁଣ୍ଡ ଓ ମୁହଁରେ ସିମେଣ୍ଟ ଖଣ୍ଡ ଆଘାତ କରିଥିଲେ, ଯାହା ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ଏହାପରେ ଉଭୟ ଗ୍ରାମରୁ ଫେରାର ହୋଇ ଯାଇଥିଲେ। ଅଭିଯୁକ୍ତ ମାନେ ହେଲେ ଅଭିମନ୍ୟୁ ଗୌଡ଼ (୩୭)ଓ ସୁଶାନ୍ତ ଗୌଡ଼ ଓରଫ କାଳିଆ (୩୫)।ଉଭୟଙ୍କୁ ଗିରଫ କରି ଆଜି ଭଞ୍ଜନଗର କୋର୍ଟରେ ହାଜର କରାଯାଇଛି।

ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି



ପାରଳାଖେମୁଣ୍ଡି,୯।୧୧(ନି.ପ୍ର):ଗଜପତି ଜିଲ୍ଲା ଗୁମ୍ଫା ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗ୍ରାମମୁଖୀ ପ୍ରଶାସନ ଅଧୀନରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି। ଗଜପତି ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ସୁଶ୍ରୀ ଭଗତ ସାମଲ କଲ୍ୟାଣରାଓ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଶୁଣିଥିଲେ। ଉକ୍ତ ଶିବିରରେ ମୋଟ ୩୧ଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୧୭ଟି ବ୍ୟକ୍ତିଗତ ଏବଂ ୧୪ଟି ଗ୍ରାମଭିତ୍ତିକ ସମସ୍ୟା ସମ୍ପର୍କିତ ଅଭିଯୋଗ ଥିଲା। ଦୁଇ ଜଣ ହିତାଧିକାରୀଙ୍କୁ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଜାତୀୟ ପରିବାର ମଙ୍ଗଳ ଯୋଜନା ଅଧୀନରେ ପ୍ରତ୍ୟେକଙ୍କୁ ୨୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ଅନ୍ୟ ସମସ୍ତ ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଶିବିରରେ ସାମାଜିକ ସୁରକ୍ଷା, ଜମି ପଟ୍ଟା, ମନରେଗା, ଗୃହ ନିର୍ମାଣ, ରାସନ କାର୍ଡ, ଶିକ୍ଷା, ଜଳସେଚନ, ରାସ୍ତା, ସ୍ୱାସ୍ଥ୍ୟ ଆଦି ବିଭିନ୍ନ ସମସ୍ୟା ସମ୍ପର୍କରେ ଜନସାଧାରଣ ଅଭିଯୋଗ ଆସିଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଗୁମ୍ଫା ପଞ୍ଚାୟତ ସମିତି ଅଧକ୍ଷା ଶ୍ରୀମତୀ ସୁନେମୀ ମଣ୍ଡଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଦୁଲାରମ ମାରାଣ୍ଡି, ତହସିଲଦାରଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ସ୍ଥାନୀୟ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ ।

କେରଳରେ ଦାଦନ ଶ୍ରମିକଙ୍କ ମୃତ୍ୟୁ: ଶବ ଆଣିବାକୁ ବିଧାୟକଙ୍କ ସହାୟତା



ଜି.ଉଦୟଗିରି,୯।୧୧(ନି.ପ୍ର):ପୁଣିଥରେ କନ୍ଧମାଳ ଜିଲ୍ଲାରେ ଦାଦନ ସମସ୍ୟାର କରୁଣ ଚିତ୍ରକୁ ସାମ୍ନାକୁ ଆଣିଛି । ପରିବାର ପ୍ରତିପୋଷଣ ପାଇଁ ଭିଟା ମାଟି ଛାଡ଼ି ପରଦେଶକୁ ଯାଉଥିବା ଶ୍ରମିକଙ୍କ ଜୀବନ ଓ ସେମାନଙ୍କ ପରିବାରର ସୁରକ୍ଷା ଆଜି ଏକ ବଡ଼ ପ୍ରଶ୍ନ ହୋଇ ଠିଆ ହୋଇଛି। କେରଳରେ ମୃତ୍ୟୁ ବରଣ କରିଥିବା ଦାଦନ ଶ୍ରମିକ ପୁଅର ମୃତଦେହକୁ ଶେଷଥର ପାଇଁ ଦେଖିବା ସହ ନିଜ ଜନ୍ମମାଟିରେ ଅନ୍ତିମ ସଂସ୍କାର କରିବାକୁ ଚାହୁଁଥିବା ମାଆଙ୍କ ପାଇଁ ଅର୍ଥାଭାବ ଏକ ବଡ଼ ସମସ୍ୟା ପାଲଟିଥିଲା ।ଏ ସମ୍ପର୍କରେ ଖବର ପାଇ ଜି.ଉଦୟଗିରି ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ମାନବିକତାର ପରିଚୟ ଦେଇ ଶୋକସନ୍ତପ୍ତ ପରିବାରକୁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ବିପଦ ଓ ଦୁଃଖର ସମୟରେ ଜଣେ ବିଧାୟକଙ୍କ ଏଭଳି ସହଯୋଗ ନିଶ୍ଚିତ ପ୍ରଶଂସନୀୟ।

ସୂଚନା ଯୋଗ୍ୟଯେ ଜି.ଉଦୟଗିରି ବ୍ଲକ ଅନ୍ତର୍ଗତ କଳିଙ୍ଗା ପଞ୍ଚାୟତର ତରାବାଡ଼ି (କୁଅଁସାହି) ଗ୍ରାମର ବସନ୍ତ ନାୟକଙ୍କ ୪୦ ବର୍ଷୀୟ ପୁଅ ରାଜେଶ ନାୟକ ପରିବାର ପ୍ରତିପୋଷଣ ଓ ଜୀବିକା ନିର୍ବାହ ଆଶାରେ ସୁଦୂର କେରଳ ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିଲେ । ସେଠାରେ ତାଙ୍କର ଅକାଳ ବିୟୋଗ ଘଟିଛି । ଗତ ନଭେମ୍ବର ୭ ତାରିଖରେ ପରିବାର ଲୋକେ ଏହି ଦୁଃଖଦ ଖବର ପାଇଥିଲେ। ବର୍ତ୍ତମାନ ତାଙ୍କ ମୃତଦେହ କେରଳର ତ୍ରିଶୁର ମେଡିକାଲ କଲେଜରେ ରହିଛି ।

ଅର୍ଣ୍ଣବ ରିଲିଫ୍ ପାଣ୍ଠିକୁ ୧ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କଲେ ଛତ୍ରପୁର ବିଧାୟକ

ଛତ୍ରପୁର,୯।୧୧(ନି.ପ୍ର):ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଅର୍ଣ୍ଣବ ରିଲିଫ୍ ପାଣ୍ଠି କୁ ଏକଲକ୍ଷ ଟଙ୍କାର ଏକ ଚେକ୍ ପ୍ରଦାନ କରି ଜନ ମାନସରେ ଏକ ନିଆରା ମାନବିକତାର ପରିଚୟ ସୃଷ୍ଟି କରିପାରିଛନ୍ତି ଛ ଯାହାକି, ନିଜର ଗୋଟିଏ ମାସର ପ୍ରାପ୍ୟ ଦରମା ରୁ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଏକଲକ୍ଷ ଟଙ୍କା ରାଶି ବନ୍ୟା ପ୍ରପୀଡିତ ଲୋକଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରିଛନ୍ତି ଛ ଏକଲକ୍ଷ ଟଙ୍କା ର ଏକ ଚେକ୍ ଗଞ୍ଜାମ ଜିଲ୍ଲାପାଲ୍ଟି. କୀର୍ତ୍ତି ଭାସ୍ କର ହସ୍ତରେ ସୋମବାର ଅପରାହ୍ନରେ ଆନୁଷ୍ଠାନିକ ଭାବେ ଅର୍ଣ୍ଣବ ରିଲିଫ୍ ପାଣ୍ଠି ଉଦ୍ଦେଶ୍ୟରେ ପ୍ରଦାନ୍ କରିଛନ୍ତି ଛ ଏହା ଯେ' ଗଞ୍ଜାମ ଜିଲ୍ଲାର ବନ୍ୟା ପ୍ରପୀଡିତ ଲୋକଙ୍କ ସାହାଯ୍ୟ ଦିଗରେ ମହତ୍ତ୍ୱ ପୂର୍ଣ୍ଣ କାର୍ଯ୍ୟରେ ଲାଗିବ ବୋଲି କୁହାଯାଇଛି ।



ଦୁଃଖୀଙ୍କ ମୁହଁରେ ହସ ଫୁଟାଇଲା ପ୍ରଶାସନ, ବିପନ୍ନଙ୍କ ସହ ପାଳିଲା ଦୀପାବଳି



ଚିକିଟୀ(ଗଞ୍ଜାମ),୯।୧୧(ନି.ପ୍ର):ମାନବିକତା ଓ ସହଯୋଗର ନିଆରା ଉଦାହରଣ ସୃଷ୍ଟି କରିଛି ଗଞ୍ଜାମ ଜିଲ୍ଲା ପ୍ରଶାସନ। ବାତ୍ୟା ଓ ବନ୍ୟାରେ ପ୍ରଭାବିତ ଚିକିଟୀ ବ୍ଲକ ସୁନାପୁର ପଞ୍ଚାୟତ ଅନ୍ତର୍ଗତ କୁପାନିଧିପେଣ୍ଡ ଗ୍ରାମରେ ବିପନ୍ନ ପରିବାରଙ୍କ ସହ ଦୀପାବଳି ପାଳନ କରି ମାନବିକତାର ପରିଚୟ ଦେଇଛି ପ୍ରଶାସନ। ଗଞ୍ଜାମ ଉପଜିଲ୍ଲାପାଳ ଅବିନାଶ କୁମାର, ଚିକିଟୀ ବିଡ଼ିଓ ବିବେକାନନ୍ଦ ମିଶ୍ରଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ଗ୍ରାମରେ ପହଞ୍ଚି ବନ୍ୟା ପ୍ରପୀଡ଼ିତଙ୍କୁ ସହାୟତା ପ୍ରଦାନ କରିଥିଲେ। ଜିଲ୍ଲାର କର୍ମଚାରୀମାନେ ନିଜର ଗୋଟିଏ ଦିନର ଦରମା ସ୍ୱେଚ୍ଛାକୃତ ଭାବେ ପ୍ରଦାନ କରିଥିବା ଅର୍ଥରେ କିଣାଯାଇଥିବା ଖାଦ୍ୟ ସାମଗ୍ରୀ, ପୋଷାକ, ଫଳମୂଳ ଓ ପଲିଥିନ ଆଦି ବଣ୍ଟନ କରାଯାଇଥିଲା । ଏଥିସହ ଗ୍ରାମର ଶିଶୁମାନଙ୍କ ମୁହଁରେ ହସ ଫୁଟାଇବା ପାଇଁ ଦୀପାବଳି ପାଳନ ନିମନ୍ତେ ଆଲୋକବତୀ ମଧ୍ୟ ପ୍ରଦାନ କରାଯାଇଥିଲା। ବିପଦରେ ପଡ଼ିଥିବା ଲୋକଙ୍କ ଦୁଃଖରେ ସାମିଲ ହୋଇ ପ୍ରଶାସନିକ ଅଧିକାରୀମାନେ ଗ୍ରାମବାସୀଙ୍କ ସହ ଦୀପାବଳି ପାଳନ କରିଥିଲେ । ବିପତ୍ତିର ଅନ୍ଧକାର ମଧ୍ୟରେ ସହଯୋଗର ଆଲୋକ ଜାଳିବା ସହ ଏହି ମହତ୍ ପଦକ୍ଷେପ ପ୍ରଶାସନର ମାନବିକ ଚେହେରାକୁ ପ୍ରତିଫଳିତ କରିଛି।

ଗଞ୍ଜାମ ବ୍ଲକସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ



ଗଞ୍ଜାମ ବ୍ଲକ,୯।୧୧(ନି.ପ୍ର): ଗଞ୍ଜାମ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ ସୋମବାର ଗଞ୍ଜାମସ୍ଥିତ ଭାରତୀ ବିଦ୍ୟାପୀଠ ପରିସରରେ ଉତ୍ସାହ ଓ ଉଦ୍ଦୀପନାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବରେ ବ୍ଲକର ୧୨ଟି କ୍ଲଷ୍ଟର ଅଧୀନରେ ଥିବା ୧୪୪ଟି ବିଦ୍ୟାଳୟରୁ ୨୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଚତୁର୍ଥ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ କନିଷ୍ଠ, ବରିଷ୍ଠ, ବରିଷ୍ଠ ଉଚ୍ଚ ମାଧ୍ୟମିକ ପରି ପ୍ରତ୍ୟେକ ବର୍ଗର ଛାତ୍ରଛାତ୍ରୀ ପ୍ରାୟ ୧୦ଟି ବିଭିନ୍ନ ପ୍ରତିଯୋଗିତା ଯଥା ବିତର୍କ, ପ୍ରବନ୍ଧ ଲିଖନ, ସଙ୍ଗୀତ, କୁଇଜ୍, ଚିତ୍ରାଙ୍କନ, ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦିରେ ଭାଗ ନେଇ ନିଜର କଳା, ସାହିତ୍ୟ, ସୃଜନଶୀଳତା, ଜ୍ଞାନ ଓ ଅନ୍ତର୍ନିହିତ ପ୍ରତିଭାର ପରିଚୟ ଦେଇଥିଲେ। ପ୍ରତିଯୋଗୀମାନଙ୍କ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ଓ ଉଚ୍ଚକୋଟୀର ପ୍ରଦର୍ଶନ କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରିଥିଲା।

ଏହି ଅବସରରେ ଆୟୋଜିତ ଉଦ୍ୟାପନୀ ତଥା ପୁରସ୍କାର ବିତରଣୀ ସମାରୋହରେ ଗଞ୍ଜାମ ତହସିଲଦାର ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରଶଂସାପତ୍ର ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାର ବିକାଶ, ସୃଜନଶୀଳତାର ପରିପ୍ରକାଶ ଏବଂ ସର୍ବାଙ୍ଗୀନ ବ୍ୟକ୍ତିତ୍ୱ ବିକାଶ ଦିଗରେ 'ସୁରଭି' ଏକ ଉତ୍କୃଷ୍ଟ ମଞ୍ଚ ବୋଲି ଏହି କାର୍ଯ୍ୟକ୍ରମର ମହତ୍ତ୍ୱ ପ୍ରତିଫଳିତ ହୋଇଥିଲା।ସମଗ୍ର କାର୍ଯ୍ୟକ୍ରମକୁ ଗଞ୍ଜାମ ବ୍ଲକ ଶିକ୍ଷାଧିକାରୀ (ବିଇଓ), ବ୍ଲକ ରିସୋର୍ସ ସେଣ୍ଟର କୋ-ଅର୍ଡିନେଟର (ବିଆରସିସି), ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ (ଏବିଇଓ) ଏବଂ ବ୍ଲକର ସମସ୍ତ କ୍ଲଷ୍ଟର ରିସୋର୍ସ ସେଣ୍ଟର କୋ-ଅର୍ଡିନେଟର (ସିଆରସିସି)ଙ୍କ ସମନ୍ୱୟ ଓ ସହଯୋଗରେ ସୁଚାରୁରୂପେ ପରିଚାଳନା କରାଯାଇଥିଲା।ମୋଟ ୩୧ଟି ବିଭିନ୍ନ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ଜିଲ୍ଲା ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ପା


ଅମାବାସ୍ୟାରେ ମା' ଦକ୍ଷିଣକାଳୀ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା

ଧାମନଗର,୯।୧୧(ନି.ପ୍ର): ପବିତ୍ର କାର୍ତ୍ତିକ (ପ୍ରଦୀପ) ଅମାବାସ୍ୟା ଓ ଆଲୋକର ପର୍ବ ଦୀପାବଳି ଅବସରରେ ପଳିକିରୀ ଠାରେ ଦୁଇ ଦିନ ବ୍ୟାପୀ ମା' ଜଗତ ଜନନୀ ଦକ୍ଷିଣକାଳୀ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ତ୍ତିକ ମାସ ୨୧ ଦିନ ଶନିବାର ୭ ତାରିଖ ଚତୁର୍ଦ୍ଦଶୀ ତିଥିର ପୂର୍ବାହ୍ନରେ ପବିତ୍ର ବୈତରଣୀ ନଦୀରୁ ଅନୁସୟା ଦାସ ଓ ହେମନ୍ତ ଦାସ ଉଭୟ ଦମ୍ପତି ପୂର୍ଣ୍ଣକୁମ୍ଭ ଜଳ ଆଣିବା ପରେ ସୂର୍ଯ୍ୟପୂଜା, ପାର୍ଶ୍ୱ ଦେବଦେବୀ ପୂଜା ଓ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହି ଦିନ ଅପରାହ୍ନରେ ମା' ଦକ୍ଷିଣକାଳୀ ବିଗ୍ରହଙ୍କ ପ୍ରାଣ ପ୍ରତିଷ୍ଠା ଓ ତତ୍‌ପରେ ସିଂହାସନ ବିଜେ ଏବଂ ଦେବୀ ଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରଦିନ ରବିବାର ଦୀପାବଳି ଅମାବାସ୍ୟା ଅବସରରେ ମା' ଦକ୍ଷିଣ କାଳୀ ପୂଜା, ସପ୍ତଚଣ୍ଡି ପାଠ ଓ ଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା। ଦେବୀ ଉପାସକ ତଥା ମହନ୍ତ ଉମାକାନ୍ତ ମାଝୀ ଏବଂ ତାଙ୍କ ପତ୍ନୀ ସଙ୍ଗୀତା ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଭବ୍ୟ ଦିବ୍ୟ ଏବଂ ପାବନ କାର୍ଯ୍ୟକ୍ରମରେ ରୋଜାଲିନ ମହାନ୍ତି ଓ ଶିଶିର କୁମାର ମହାନ୍ତି ଉଭୟ ଦମ୍ପତ୍ତି ସଙ୍କଳ୍ପ କାର୍ଯ୍ୟ ତୁଲାଇଥିବା ବେଳେ ମାତୃଭକ୍ତ ରମେଶ ଚନ୍ଦ୍ର ପରିଡ଼ା ଯଜ୍ଞ ଓ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେଛ ବେଦଜ୍ଞ ପଣ୍ଡିତ ସୁଧାକର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଶକ୍ତି ପ୍ରତିଷ୍ଠା କର୍ମରେ ବିନ୍ଧ୍ୟାଧର ପତି,ରାଜକିଶୋର ପତି ଆଚାର୍ଯ୍ୟ ଓ ପୁସ୍ତକାଚାର୍ଯ୍ୟ ଭାବେ ଏବଂ ମୀନକେତନ ନାୟକ ଗ୍ରହାଚାର୍ଯ୍ୟ ଦାୟିତ୍ୱ ନିର୍ବାହ କରିଥିଲେ। କାର୍ତ୍ତିକ ଚତୁର୍ଦ୍ଦଶୀ ଓ ଅମାବାସ୍ୟା ଦ୍ୱିଦିନ ବ୍ୟାପି ଏହି ଶକ୍ତି ଆବାହନ ଓ ଉପାସନା କାର୍ଯ୍ୟକ୍ରମରେ ବହୁ ମାତୃଭକ୍ତ ଯୋଗଦେବା ସହ ଧର୍ମ ଧନ ଅର୍ଜନ କରିଥିଲେ।



ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

ଠାକୁରମୁଣ୍ଡା,୯।୧୧(ନି.ପ୍ର): ମୟୁରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡାରେ ବ୍ଲକ୍ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ବ୍ଲକ୍ର ୧୮ ଟି ପଞ୍ଚାୟତରୁ ଶତାଧିକ ଚାଷୀ, ମତ୍ସ୍ୟଜୀବୀ ଓ ପଶୁପାଳକ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇଚୁରୁ ଯୋଗ ଦେଇ ମେଳାକୁ ଉଦ୍ଘାଟନ କରିଥିଲେ। ସେ ନିଜ ବକ୍ତବ୍ୟରେ ମାଛ ଚାଷ ଓ ପଶୁପାଳନ ମାଧ୍ୟମରେ ଚାଷୀମାନେ କିପରି ଆତ୍ମନିର୍ଭରଶୀଳ ହୋଇପାରିବେ ସେ ବିଷୟରେ ଆଲୋକପାତ କରିଥିଲେ। ସରକାରୀ ଯୋଜନାର ସଫଳ ପ୍ରୟୋଗ କରିବାକୁ ପରାମର୍ଶ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ଠାକୁରମୁଣ୍ଡା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତ, ଏସଡିଭିଓ କରଞ୍ଜିଆ ଡା. ବ୍ରଜବନ୍ଧୁ ବେହେରା, ଏବିଡିଓ ଠାକୁରମୁଣ୍ଡା ଟଙ୍କଧର ମହାନ୍ତ ପ୍ରମୁଖ ଯୋଗ ଦେଇ ମେଳାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟ ବକ୍ତା ଭାବେ ସାଂସଦ ପ୍ରତିନିଧି ତାରକାନ୍ତ ପଟ୍ଟନାୟକ ଯୋଗ ଦେଇ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ସୂଚନା ଦେଇଥିଲେ। ଏହି ମେଳାରେ ଉନ୍ନତ ମାନର ମାଛ, ପଶୁ ଖାଦ୍ୟ, ଟିକାକରଣ ଓ ବୀମା ବିଷୟରେ ପ୍ରଦର୍ଶନ ଓ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ସଫଳ ଚାଷୀ ଓ ପଶୁପାଳକମାନଙ୍କୁ ଏହି ଅବସରରେ ସମ୍ମାନୀତ କରାଯାଇଥିଲା। କାର୍ଯ୍ୟକ୍ରମର ଆବାହକ ଡା. ମନୋରଞ୍ଜନ ମହାପାତ୍ର ଓ ସହ-ଆବାହକ ଜିଲ୍ଲା ସହକାରୀ ମତ୍ସ୍ୟ ଅଧିକାରୀ ଲକ୍ଷ୍ମୀ ନାରାୟଣ ହେମ୍ବ୍ରମ ସମସ୍ତ ପରିଚାଳନା କରିଥିଲେ। ଡାକ୍ତର ରୁବିରାଣୀ ଦାସ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ । ଶେଷରେ ଭ୍ରାମ୍ୟମାଣ ପଶୁ ଚିକିତ୍ସାଧିକାରୀ ପ୍ରୀତିପ୍ରସନ୍ନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ବିଭିନ୍ନ ବିଭାଗ ସମେତ ସ୍ୱେଚ୍ଛାସେବୀ ସଂଗଠନ ସ୍ୱିଇଏସଡ଼ି, ସମ୍ବନ୍ଧ, ପ୍ରଦାନ ପ୍ରଭୃତି ନିଜ ନିଜର ଜୀବିକା ମଡେଲ ପ୍ରଦର୍ଶନ କରିଥିଲେ। ପ୍ରାଣୀ ପାଳନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସୁଧୀର କୁମାର ପଣ୍ଡା (ଗୋପାଳନ ଓ ଘାସ ଚାଷ), ହାରାଧନ ମହାନ୍ତ (ଅଣ୍ଡା ଦିଆ କୁକୁଡ଼ା ପାଳନ), ଲୋକନାଥ ମହାନ୍ତ(ବାୟୁ ଫ୍ଲକ) ଏବଂ ତ୍ରିଶକ୍ତି ଏସଏଚଜିକୁ ମତ୍ସ୍ୟ ପୋଖରୀ ଯୋଜନାରେ ମାନପତ୍ର, ଅର୍ଥ ରାଶି ଦେଇ ସମ୍ମାନୀତ କରାଯାଇଥିଲା ।



ଜିଲ୍ଲାସ୍ତରୀୟ ଯୁବ ମହୋତ୍ସବ ଉଦ୍‌ଯାପିତ

କେନ୍ଦ୍ରାପଡ଼ା,୯।୧୧(ନିପ୍ର): ଇଚ୍ଛାପୁରସ୍ଥିତ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ଯୁବ ମହୋତ୍ସବ ଉଦ୍ଯାପିତ ହୋଇଯାଇଛି।'ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ-୨୦୨୬' ପରିପ୍ରେକ୍ଷୀରେ ଆୟୋଜିତ ଏହି ମହୋତ୍ସବର ଉଦ୍ଯାପନୀ ସମାରୋହ ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲା କ୍ରୀଡ଼ା ସଂସଦ ସମ୍ପାଦକ ସୟଦ ଅକମଲ ଅଲ୍ଲୀ ଏବଂ ଜିଲ୍ଲା ସାହିତ୍ୟ ସଂସଦର ସଭାପତି ତଥା ଅବସରପ୍ରାପ୍ତ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ କରୁଣାକର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ମହୋତ୍ସବରେ ରାଜକନିକା, ରାଜନଗର, ପଟ୍ଟାମୁଣ୍ଡାଇ, ଆଳି, ମହାକାଳପଡ଼ା, ଗରଦପୁର, ଡେରାବିଶ, କେନ୍ଦ୍ରାପଡ଼ା ଓ ମାର୍ଶାଘାଇ ବ୍ଲକର ବିଭିନ୍ନ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇଥିଲେ। 'ବିକଶିତ ଭାରତ ପାଇଁ ନିଶାମୁକ୍ତ ଯୁବ ସମାଜ' ବିଷୟବସ୍ତୁ ଆଧାରରେ ଲୋକନୃତ୍ୟ, ଲୋକସଙ୍ଗୀତ, ପଥପ୍ରାନ୍ତ ନାଟକ, ଚିତ୍ରାଙ୍କନ ଓ କବିତା ଲିଖନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଚିତ୍ରାଙ୍କନ ପ୍ରତିଯୋଗିତାରେ କେନ୍ଦ୍ରାପଡ଼ା ମହାବିଦ୍ୟାଳୟର ଜିତ ପ୍ରସାଦ କର ପ୍ରଥମ, ମାର୍ଶାଘାଇ ମହାବିଦ୍ୟାଳୟର ଶୁଚିସ୍ମିତା ନାୟକ ଦ୍ୱିତୀୟ ଏବଂ ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟର ପୂର୍ଣ୍ଣିମା ଜେନା ତୃତୀୟ ସ୍ଥାନ ହାସଲ କରିଥିଲେ। କବିତା ଲିଖନରେ ତୁଳସୀ ମହିଳା ମହାବିଦ୍ୟାଳୟର ସୁମିତ୍ରା ପାଣି ପ୍ରଥମ, ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟର ଶୁଭଲକ୍ଷ୍ମୀ ଦାସ ଦ୍ୱିତୀୟ ଏବଂ ବାୟାବାବା ମହାବିଦ୍ୟାଳୟର ମାଧୁରୀ ନାୟକ ତୃତୀୟ



ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲା କ୍ରୀଡ଼ା ସଂସଦ ସମ୍ପାଦକ ସୟଦ ଅକମଲ ଅଲ୍ଲୀ ଏବଂ ଜିଲ୍ଲା ସାହିତ୍ୟ ସଂସଦର ସଭାପତି ତଥା ଅବସରପ୍ରାପ୍ତ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ କରୁଣାକର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ମହୋତ୍ସବରେ ରାଜକନିକା, ରାଜନଗର, ପଟ୍ଟାମୁଣ୍ଡାଇ, ଆଳି, ମହାକାଳପଡ଼ା, ଗରଦପୁର, ଡେରାବିଶ, କେନ୍ଦ୍ରାପଡ଼ା ଓ ମାର୍ଶାଘାଇ ବ୍ଲକର ବିଭିନ୍ନ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇଥିଲେ। 'ବିକଶିତ ଭାରତ ପାଇଁ ନିଶାମୁକ୍ତ ଯୁବ ସମାଜ' ବିଷୟବସ୍ତୁ ଆଧାରରେ ଲୋକନୃତ୍ୟ, ଲୋକସଙ୍ଗୀତ, ପଥପ୍ରାନ୍ତ ନାଟକ, ଚିତ୍ରାଙ୍କନ ଓ କବିତା ଲିଖନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଲୋକସଙ୍ଗୀତରେ ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟ ପ୍ରଥମ, ମହାବୀର ସାଂସ୍କୃତିକ ସଂଗଠନ, ଓ ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟ ତୃତୀୟ ସ୍ଥାନ ହାସଲ କରିଥିଲେ। ଲୋକନୃତ୍ୟରେ ଆଳି ମହାବିଦ୍ୟାଳୟ ପ୍ରଥମ ଓ ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେଛ ପଥପ୍ରାନ୍ତ ନାଟକ ପ୍ରତିଯୋଗିତାରେ ମାର୍ଶାଘାଇ ମହାବିଦ୍ୟାଳୟ ପ୍ରଥମ, ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟ ଦ୍ୱିତୀୟ ଏବଂ ରାଜନଗର ଜଗନ୍ନାଥ ମହାବିଦ୍ୟାଳୟ ତୃତୀୟ ସ୍ଥାନ ହାସଲ କରିଥିଲେ। କାର୍ଯ୍ୟକ୍ରମରେ ବିଚାରକ ଭାବେ କରୁଣାକର ଦାସ, ସଞ୍ଜୟ କୁମାର ମଲ୍ଲିକ, ବନ୍ଦିତା, ଅନିମା ଜେନା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ୟୁଥ୍ ଆଇକନ୍ ଓମପ୍ରକାଶ ରଥଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ପ୍ରଧାନଶିକ୍ଷୟିତ୍ରୀଙ୍କ ମନମାନି : ଛାତ୍ରଛାତ୍ରୀ ସଫା କରୁଛନ୍ତି ଟଏଲେଟ୍, ମାଜୁଛନ୍ତି ବାସନ



ବାରିପଦା/ଖୁଣ୍ଟା,୯।୧୧(ନିପ୍ର): ମୟୂରଭଞ୍ଜର ବାରିପଦା ସ୍କୁଲରେ ଛାତ୍ରଛାତ୍ରୀଙ୍କୁ ଟଏଲେଟ୍ ସଫା ଠାରୁ ବାସନ ସଫା କରାଇବା ଆଦି ବିଭିନ୍ନ କାର୍ଯ୍ୟରେ ସ୍କୁଲ କର୍ତ୍ତୃପକ୍ଷ ନିୟୋଜିତ କରୁଥଇବା ଅଭିଯୋଗ ହୋଇଛି। ଯାହାକୁ ନେଇ ସ୍କୁଲ ପରିସରରେ ଉତ୍ତେଜନା ପ୍ରକାଶ ପାଇଛି। ସ୍କୁଲ ଗେଟ୍‌ରେ ତାଲା ପକାଇ ଅଭିଭାବକମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏଭଳି ଏକ ସଙ୍ଗୀନ ଅଭିଯୋଗ ଆସିଛି ଚିପଟଅସ୍ତିଆ ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ଅଭିଭାବକଙ୍କ ଅଭିଯୋଗ ଯେ ଗତ ଶନିବାର ପ୍ରଧାନଶିକ୍ଷୟିତ୍ରୀ କିଛି ଛାତ୍ରଙ୍କୁ ଟଏଲେଟ୍ ସଫା କରିବାରେ ନିୟୋଜିତ କରିଥିଲେ। ପିଲାମାନେ ଘଟଣା ସମ୍ପର୍କରେ ଅଭିଭାବକଙ୍କୁ କହିଥିଲେ। ଯାହାକୁ ନେଇ ଆଜି କିଛି ଅଭିଭାବକ ସ୍କୁଲ ଗେଟ୍‌ରେ ତାଲା ପକାଇବାରୁ ଉତ୍ତେଜନା ସୃଷ୍ଟି ହେବା ସହ ପ୍ରଧାନଶିକ୍ଷୟିତ୍ରୀଙ୍କ ବଦଳି ଦାବି କରାଯାଇଛି।

ଏହାସହିତ କେତେବେଳେ ବାସନ ମଜିବା, ସ୍କୁଲ ପରିସରରେ ବ୍ଲିଚିଂ ପକାଇବାରେ ଛାତ୍ରଛାତ୍ରୀଙ୍କୁ ନିୟୋଜିତ କରାଯାଉଥିବା ଅଭିଯୋଗ କରିଛନ୍ତି ଛାତ୍ରଛାତ୍ରୀ ଓ ଅଭିଭାବକ।

ଅନ୍ୟପଟେ ଏହି ଘଟଣାକୁ ଖଣ୍ଡନ କରିବା ସହ ଛାତ୍ରଛାତ୍ରୀ ଓ ଅଭିଭାବକ ମିଛ କହୁଥିବା କହିଛନ୍ତି ପ୍ରଧାନଶିକ୍ଷୟିତ୍ରୀ। ତେବେ ଘଟଣାର ଦୀର୍ଘ ସମୟ ପରେ ମଧ୍ୟ କୌଣସି ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ନଥିଲେ। ସ୍ଥାନୀୟ ସରପଞ୍ଚ ସ୍କୁଲରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରି ଗେଟ୍ ଖୋଲିଥିଲେ। ତୁରନ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ନ ହେଲେ ଆଗାମୀ ଦିନରେ ସ୍କୁଲରେ ପୁଣି ତାଲା ପଡିବ ବୋଲି ଚେତାବନୀ ଦେଇଛନ୍ତି ସରପଞ୍ଚ।

୨ ବାଇକକୁ ଧକ୍କା ଦେଲା ଅଜଣା ଗାଡ଼ି

ଜଣେ ମୃତ, ୨ ଗୁରୁତର

ଠାକୁରମୁଣ୍ଡା,୯।୧୧(ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ୫୩ ନମ୍ବର ରାଜ୍ୟ ରାଜପଥ ଠାକୁରମୁଣ୍ଡା-ଆନନ୍ଦପୁର ରାସ୍ତା ତରାମରା ଗ୍ରାମ ଦରଦରା ଛକ ନିକଟରେ ୯ ତାରିଖ ସୋମବାର ରାତି ପ୍ରାୟ ୮ଟା ସମୟରେ ୨ ଟି ବାଇକକୁ କୌଣସି ଏକ ଅଜଣା ଗାଡି ଧକ୍କା ଦେବାରୁ ଘଟଣାସ୍ଥଳରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ବାଇକରେ ଯାଉଥିବା ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ଖବର ପାଇ ଠାକୁରମୁଣ୍ଡା ଥାନା ପୋଲିସ ଓ ଅଗ୍ନିଶମ ବିଭାଗ ଘଟଣାସ୍ଥଳ ରେ ପହଞ୍ଚି ଆହତ ଓ ମୃତକଙ୍କୁ ଉଦ୍ଧାର କରି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଦୁର୍ଘଟଣାରେ ମୃତକ ଜଣକ ହେଉଛନ୍ତି କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଥାନା ଅନ୍ତର୍ଗତ କଣ୍ଢିପାଳ ଗ୍ରାମର ମହାପାତ୍ର ସାହି ର ପ୍ରେମ କୁମାର ନାୟକ (ଶିବା) (୨୧) ବୋଲି ଜଣା ପଡ଼ିଛି। ଏବଂ ସେହି ଗ୍ରାମର ରାଜୁଲ ନାୟକ (୧୬), ଛତୁ ନାୟକ (୨୦) ଗୁରୁତର ହୋଇଥିବା ଜଣାପଡିଛି। ପ୍ରଶାନ୍ତ ନାୟକ (୨୪), ଶିବୁ ଜାଲିଆ (୧୭), ରିତୁରାଜ ନାୟକ (୧୭) ଆହତ ହୋଇଥିବା ଜଣାପଡ଼ିଛି। ଗୁରୁତର ୨ ଜଣଙ୍କୁ ଅଧିକ ନିମନ୍ତେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ବାଇକ ନମ୍ବର ଓଡ଼ି ୦୯ ଏଡି ୭୪୧୬ ଏବଂ ଓଡ଼ି ୩୪ ୱାଇ ୮୪୦୦ ଯୋଗେ ଏହି ୬ ଜଣ ସାଙ୍ଗ ହୋଇ ପାଟଣା ଥାନା ଅନ୍ତର୍ଗତ ଡୁମୁରିଆ ଗ୍ରାମ ପଲାଣ ଘାଟିରେ ଥିବା ରତୁରାଜ ନାୟକଙ୍କ ମାଉସୀ ଘରକୁ ଯାଇ ସନ୍ଧ୍ୟାରେ ନିଜ ଘର କଣ୍ଢିପାଳ ଗ୍ରାମକୁ ଫେରୁଥିଲେ।ଏହି ସମୟରେ ଦୁର୍ଘଟଣାରେ ଶିକାର ହୋଇଥିଲେ। ଠାକୁରମୁଣ୍ଡା ଥାନା ପୋଲିସ୍ ଘଟଣାସ୍ଥଳରୁ ୨ଟି ବାଇକକୁ ଉଦ୍ଧାର କରି ଏକ ପିକଅପ୍ ଭ୍ୟାନ ଯୋଗେ ଠାକୁରମୁଣ୍ଡା ଥାନାକୁ ଆଣି ତଦନ୍ତ ଜାରି ରଖିଛି।

ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ଖୁଣ୍ଟା,୯।୧୧(ନି.ପ୍ର): ଖୁଣ୍ଟା ବ୍ଲକ ଭୋଳାଗଡିଆ ଠାରେ ସିମିଳିପାଳ ସ୍ପଟସ୍ ଆଥଲେଟିକ୍ ଆସୋସିଏସନ୍ ପକ୍ଷରୁ ୨୧ ତମ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଓଡିଶା, ବିହାର ପ୍ରଭୃତି ରାଜ୍ୟରୁ ମୋଟ ୧୬ ଟି ଦଳ ଅଂଶଗ୍ରହଣ କରିଥିଲେ। ଉକ୍ତ ଦୁଇ ଦିନିଆ ଖେଳ କୁ ୫ ଜଣ ରେଫରି ପରିଚାଳନା କରିଥିଲେ। ବାମନଘାଟି ଏଫ୍ ସି ଓ ଉମେଶ ବ୍ରଦର୍ସ ରାଉରକେଲା ମଧ୍ୟ ରେ ଫାଇନାଲ ଖେଳ ହୋଇଥିଲା। ତେବେ ପଡିଆ ମଧ୍ୟରେ ଗଣ୍ଡଗୋଳ ସୃଷ୍ଟି ହେବାରୁ ଖେଳ ଅମିମାଂସିତ ରହିଥିଲା, ଫଳରେ ଉଭୟ ଦଳକୁ ୨ ଲକ୍ଷ ୫୦ ହଜାର ଲେଖାଏଁ ସମାନ ଭାବେ ଆର୍ଥିକ ରାଶି ପ୍ରଦାନ କରାଯାଇଛି।



ସେହିପରି ସେମିଫାଇନାଲକୁ ଉନ୍ନିତ ହୋଇଥିବା ଦୁଇ ଦଳ କୁ ଏକ ଲକ୍ଷ ଲେଖାଏଁ ନଗଦ ଅର୍ଥ ରାଶି ପୁରସ୍କାର ଭାବେ ପ୍ରଦାନ କରାଯାଇଥିଲା। ଦୁଇ ମହିଳା ଫୁଟବଲ୍ ଦଳ ନୀତା ଅମ୍ବାନୀ କଟକ ଓ ଝାଡଗ୍ରାମ ମଧ୍ୟରେ ଅନୁଷ୍ଠିତ ଖେଳ ଆକର୍ଷଣର କେନ୍ଦ୍ର ବିନ୍ଦୁ ଥିଲା। ଆସୋସିଏସନ୍‌ର ସଭାପତି ସର୍ଦାର ହେମ୍ବ୍ରମ, ସଂପାଦକ ସୁକେନ୍ଦୁ ଦାସ, ଠାକୁର ଚରଣ ମୁର୍ମୁ, କୁଳମଣୀ ପାତ୍ର, ନାଗୁରାମ ହେମ୍ବ୍ରମ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଖେଳର ପୁରସ୍କାର ବିତରଣୀ ଉତ୍ସବ ରେ ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ, ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ସଂସ୍ଥାର ଅଧ୍ୟକ୍ଷ ଚୁଡାନ ମୁର୍ମୁ, ବ୍ଲକ ଅଧ୍ୟକ୍ଷ ସୁଧନ୍ୟା ନାୟକ, ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାରାଣ୍ଡି, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ରାଜ୍ୟ ବିଜେପି ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ସୌମ୍ୟ ରଞ୍ଜନ ମିଶ୍ର, ଖୁଣ୍ଟା ଥାନା ଅଧିକାରୀ ଆଦିତ୍ୟ ପ୍ରସାଦ ଜେନା ପ୍ରମୁଖ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। କମିଟିର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

ତାଲୁକ ଆଇନ ସହାୟତା କମିଟି ପକ୍ଷରୁ ଆଇନ ସେବା ସମିତି ଦିବସ



ଉଦଳା/ଖୁଣ୍ଟା,୯।୧୧(ନି.ପ୍ର): ଉଦଳା ତାଲୁକ ଆଇନ ସହାୟତା କମିଟି ପକ୍ଷରୁ ଆଜି ସକାଳ ୯ ଘଟିକା ସମୟରେ ଅଶିନ ସେବା ଦିବସ ଉଦଳା ଜିଲ୍ଲାପାଳ କସ୍ତ୍ରିପଦାଙ୍କ ସନ୍ନିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି । ଲିଗାଲ ଏଡ଼ କମିଟିର ରିଟେନର ଶାଶ୍ୱତ ତ୍ରିପାଳଠୀ ପ୍ରଥମେ ଆଇନ ସେବା ଦିବସ ପାଳନ ତାତପର୍ଯ୍ୟ ସମ୍ପର୍କରେ ମଞ୍ଚାସୀନ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ତାଲୁକ ଲିଗାଲ ଆଇନ ସହାୟତା କମିଟିର ଚେୟାରମ୍ୟାନ ତଥା ଏଡ଼ିଜେ ପ୍ରଦୀପ କୁମାର ବେହେରା ଉକ୍ତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଆଇନ ସେବା ଦିବସ ପାଳନ ନଭେମ୍ବର ୯ ତାରିଖ ଦିନ ସାରା ଦେଶରେ ପାଳନ କରାଯାଉଥିବା ବେଳେ ଆଇନ ସେବାର ଉଦ୍ଦେଶ୍ୟ ଏବଂ ମାଗଣାରେ ଆଇନ ସେବା କେଉଁମାନଙ୍କୁ ଦିଆଯାଉଛି ସେ ସମ୍ପର୍କରେ ପ୍ରାଞ୍ଜଳ ଭାବେର ବର୍ଣ୍ଣନା କରିବା ସହିତ ସମସ୍ତଙ୍କୁ ସଚେତନ କରାଇଥିଲେ। ଉଦଳା ଓକିଲ ସଂଘର ସମ୍ପାଦକ ବସନ୍ତ କୁମାର ପରିଡ଼ା ରାଜ୍ୟସ୍ତରରେ, ଜିଲ୍ଲା ସ୍ତରରେ ଏବଂ ସବଡ଼ିଭିଜନ ସ୍ତରରେ ଆଇନ ସେବା ପ୍ରାଧିକରଣ ଦ୍

ଢିଙ୍କିଆରେ ନୂତନ ରାସ୍ତା ନିର୍ମାଣ ପାଇଁ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ–ଜେଏସଡବ୍ଲ୍ୟୁ ଫାଉଣ୍ଡେସନ ପକ୍ଷରୁ ଭିତ୍ତିପ୍ରସ୍ତର ସ୍ଥାପନ



ପାରାଦୀପ,୯।୧୧(ନି.ପ୍ର): ଭିତ୍ତିଭୂମିର ବିକାଶ ଓ ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନତି ଆଣିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍ ଓ ଜେଏସଡବ୍ଲ୍ୟୁ ଫାଉଣ୍ଡେସନ୍ ପକ୍ଷରୁ ଢିଙ୍କିଆ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଢିଙ୍କିଆଁ ଗ୍ରାମରେ ଏକ କଂକ୍ରିଟ୍ ରାସ୍ତା ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି। ଏହି ପଦକ୍ଷେପ ଅଞ୍ଚଳର ସାମୁଦାୟିକ ବିକାଶ ଓ ଉନ୍ନତ ଗମନାଗମନ ବ୍ୟବସ୍ଥା ପ୍ରତି ସଂସ୍ଥାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିମିଟେଡର ସଭାପତି ଅନିଲ କୁମାର ସିଂହଙ୍କ ନେତୃତ୍ୱରେ ଏହି ପଦକ୍ଷେପ ଢିଙ୍କିଆ, ନୂଆଗାଁ ଓ ଗଡ଼କୁଜଙ୍ଗ ଗ୍ରାମ ପଞ୍ଚାୟତ ଅଞ୍ଚଳରେ ଗ୍ରାମୀଣ ବିକାଶ ଏବଂ ସାମାଜିକ–ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ଜେଏସଡବ୍ଲ୍ୟୁ ନିରନ୍ତର ପ୍ରୟାସର ଏକ ଅଂଶ।୧୯୦ ମିଟର ଲମ୍ବ ଓ ୧୨ ଫୁଟ୍ ଚଉଡ଼ା ବିଶିଷ୍ଟ ଏହି କଂକ୍ରିଟ୍ ରାସ୍ତାଟି ବଂଶୀଧର ଭୋଳଙ୍କ ଘରଠାରୁ ଗ୍ରାମର ନଦୀକୂଳ ପର୍ଯ୍ୟନ୍ତ ସଂଯୋଗ ସ୍ଥାପନ କରିବ। ଏହା ସ୍ଥାନୀୟ ଗ୍ରାମବାସୀଙ୍କ ଦୀର୍ଘଦିନର ଏକ ଭିତ୍ତିଭୂମି ଆବଶ୍ୟକତାକୁ ପୂରଣ କରିବ। ବର୍ଷ ବର୍ଷ ଧରି ବିଶେଷକରି ବର୍ଷା ଋତୁରେ ଜଳବନ୍ଦୀ ଓ କାଦୁଆ ରାସ୍ତା ଯୋଗୁଁ ଗ୍ରାମବାସୀମାନେ ଯାତାୟାତରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିଲେ।ଏହା ଦୈନନ୍ଦିନ ଜୀବନ ଓ କାର୍ଯ୍ୟକଳାପକୁ ମଧ୍ୟ ପ୍ରଭାବିତ କରୁଥିଲା। ନୂତନ କଂକ୍ରିଟ୍ ରାସ୍ତା ନିର୍ମାଣ ହେବା ଦ୍ୱାରା ବର୍ଷସାରା ଯାତାୟାତ ସୁବିଧାଜନକ ହେବା ସହ ଗ୍ରାମବାସୀଙ୍କ ପାଇଁ ନିରାପଦ ଓ ସୁଗମ ଗମନାଗମନ ସୁନିଶ୍ଚିତ ହୋଇପାରିବ । ଏହାଦ୍ୱାରା ଛାତ୍ରଛାତ୍ରୀ, ଚାଷୀ, ବୟସ୍କ ବ୍ୟକ୍ତି ଏବଂ ଜରୁରୀକାଳୀନ ସେବାର ଯାତାୟାତ ମଧ୍ୟ ଅଧିକ ସହଜ ହେବ ବୋଲି ଆଶା କରାଯାଉଛି। ଏହି ପଦକ୍ଷେପକୁ ଗ୍ରାମବାସୀମାନେ ସ୍ୱାଗତ କରିଛନ୍ତି। ଏହି ଶିଳାନ୍ୟାସ ସମାରୋହରେ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍, ପାରାଦୀପର ଉପସଭାପତି ମନୋଜ ସିଂହ, ଆସୋସିଏଟ୍ ଉପସଭାପତି ସମରେନ୍ଦ୍ର ପଟ୍ଟନାୟକ ଏବଂ ଜେଏସଡବ୍ଲ୍ୟୁ ଫାଉଣ୍ଡେସନ୍, ପାରାଦୀପର ସିଏସଆର ମୁଖ୍ୟ ଅଭିଜିତ ମହାନ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ଢିଙ୍କିଆର ପ୍ରମୁଖ ସାମାଜିକ ପ୍ରତିନିଧି ଓ ଗ୍ରାମ କମିଟିର ସଭାପତି ମୁରଲୀଧର ସାହୁ, ଢିଙ୍କିଆ ଗ୍ରାମ ପଞ୍ଚାୟତର ୱାର୍ଡ ସଭ୍ୟ ଅନିଲ ଭୋଳ, ଅନନ୍ତ ସ୍ୱାଇଁ ଓ ବସନ୍ତ ଗୋଚ୍ଛାୟତଙ୍କ ସମେତ ଅନ୍ୟାନ୍ୟ ସ୍ଥାନୀୟ ନେତୃବୃନ୍ଦ ମଧ୍ୟ ଯୋଗଦେଇଥିଲେ।

ଫାଇଲ ତଳେ ଚାପି ହୋଇଯାଇଛି ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା

ବାଙ୍କୀ,୯।୧୧(ନି.ପ୍ର):ଗ୍ରାମାଞ୍ଚଳର ବିକାଶ ଓ ଉନ୍ନତି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ସର୍ବଦା ଉଦ୍ୟମ କରି ଆସୁଥିଲେ ମଧ୍ୟ ପ୍ରଶାସନିକ ଅବହେଳା ଯୋଗୁ ଗ୍ରାମାଞ୍ଚଳରେ କୌଣସି ଉନ୍ନତି ମୂଳକ କାର୍ଯ୍ୟ ହୋଇପାରୁନି। କଟକ ଜିଲ୍ଲା ବାଙ୍କୀ ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣପୁର ଗ୍ରାମ ୨୦୨୨ ମସିହାରୁ କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ସାମିଲ ହୋଇ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ନିମନ୍ତେ ୪୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିଲଶା। ତେବେ ଦୀର୍ଘ ୫ ବର୍ଷ ବିତିବାକୁ ଯାଉଥିବା ବେଳେ ବାଙ୍କୀ ବ୍ଲକ ପ୍ରଶାସନିକ ଅଧିକାରୀ ଙ୍କ ଅବହେଳା ଯୋଗୁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା ଫାଇଲ ତଳେ ଚାପି ହୋଇ ରହିଛି।ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ନେଇ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ସୁବର୍ଣ୍ଣପୁର ଗ୍ରାମବାସୀ କହି ଆସୁଥିଲେ ମଧ୍ୟ ବାଙ୍କୀ ବ୍ଲକ ଅଧିକାରୀ କର୍ଣ୍ଣପାତ କରୁନଥିବା ବେଳେ ଜିଲ୍ଲା ଅଧିକାରୀ କାହିଁକି ପଦକ୍ଷେପ ଗ୍ରହଣ କରୁନାହାନ୍ତି କିମ୍ବା ଏହା ପଛରେ କିଛି ମନ୍ଦ ଉଦ୍ଦେଶ୍ୟ ଲୁଚି ରହିଛି ବୋଲି ସୁବର୍ଣ୍ଣପୁର ଗ୍ରାମ୍ୟକମିଟି ପ୍ରଶ୍ନ ଉଠାଇଛନ୍ତି । ଏଭଳି ଘଟଣା ସମ୍ପର୍କରେ ଜିଲ୍ଲା ପ୍ରକଳ୍ପ ଅଧିକାରୀ ପ୍ରଶାନ୍ତ ନାୟକଙ୍କୁ ପଚାରିବାରୁ କହିଲେ ଏ ସମ୍ପର୍କରେ ମୁଁ ଜାଣିନାହିଁ, ସରକାରୀ ଯୋଜନା ଫାଇଲ ତଳେ ଚାପିବା ପାଇଁ ନୁହେଁ ବରଂ ଲୋକଙ୍କ ବିକାଶ ପାଇଁ। ଆଜି ପର୍ଯ୍ୟନ୍ତ କାହିଁକି କାର୍ଯ୍ୟକାରୀ ହୋଇନାହିଁ ସେ ସମ୍ପର୍କରେ ବିଡ଼ିଓଙ୍କ ସହ ଆଲୋଚନା କରି କାର୍ଯ୍ୟକ୍ଷମ କରାଯିବ ।

ଗ୍ରାମସାଥିଙ୍କ ଖୁଲାସା: ଜଣେ ବ୍ୟକ୍ତିଙ୍କୁ ମିଳୁଛି ଦୁଇ ପ୍ରକାର ଭତ୍ତା

ନିଆଳି,୯।୧୧(ନି.ପ୍ର):ନିଆଳି ବ୍ଲକ ତିହୁଡି ପଂଚାୟତ ଯୁଆଙ୍ଗ ଗ୍ରାମର ଲକ୍ଷ୍ମୀଧର ପରିଡା ସରକାରୀ ଅର୍ଥ ହଡପ କରିଥିବା ଖୁଲାସା କରିଛନ୍ତି ଗ୍ରାମସାଥି। ଲକ୍ଷ୍ମୀଧର ୭୦ ବର୍ଷ ବୟସରେ କଳାକାର ଭତ୍ତା ନେଉଥିବା ବେଳେ ମଧୁବାବୁ ପେନସନ ଯୋଜନାରେ ଭତ୍ତା ନେଉଛନ୍ତି। ଏଥି ସହିତ କାମ ନ କରି ୨୦୧୬ ମସିହା ପର୍ଯ୍ୟନ୍ତ ଏନଆରଜିଏସ ମହାତ୍ମାଗାନ୍ଧୀ କର୍ମ ନିଯୁକ୍ତି ଯୋଜନାରେ ଏକାଧିକ ଥର ଟଙ୍କା ନେଇଥିବା ସାମ୍ବାଦିକ ସମ୍ମିଳନୀ କରି ଯୁଆଙ୍ଗ ଗ୍ରାମର ଗ୍ରାମସାଥି ଗଣେଶ୍ୱର ଲେଙ୍କା ଅଭିଯୋଗ ଆଣିଛନ୍ତି। ସୂଚନା ଥାଉ କି ଲକ୍ଷ୍ମୀଧର ମଧ୍ୟ ସାମ୍ବାଦିକ ସମ୍ମିଳନୀ କରି ଗ୍ରାମସାଥି ଗଣେଶ୍ୱର ଲେଙ୍କାଙ୍କ ନାମରେ ବିଭିନ୍ନ ଯୋଜନାରେ ଲାଞ୍ଚ ମାଗୁଥିବା ଅଭିଯୋଗ ଆଣିଥିଲେ। ଉଭୟଙ୍କର ଗଣ ମାଧ୍ୟମରେ ଏଭଳି ବୟାନ ବାଜି ତିହୁଡି ପଂଚାୟତରେ ବ୍ୟାପକ ଦୁର୍ନୀତି ହୋଇଥିବା ପଦାକୁ ଆସିଛି। ଏ ନେଇ ନିଆଳି ବ୍ଲକ ଗୋଷ୍ଠୀ ସାମାଜିକ ସୁରକ୍ଷା ଉନ୍ନୟନ ଅଧିକାରୀ ସରିତା ବେଉରା କହିଛନ୍ତି ଯେ ସେ କଳାକାର ଭତ୍ତା ନେଉଥିବାରୁ ତାଙ୍କର ମଧୁବାବୁ ପେନସନ ଯୋଜନା କାଟି ଦିଆଯିବ। ଏଠି ପ୍ରଶ୍ନ ଉଠୁଛି ଜଣେ ବ୍ୟକ୍ତି ଦୁଇ ଦୁଇଟି ଭତ୍ତା କିପରି ପାଉଛନ୍ତି।

ରାଜରାଜେଶ୍ୱରୀ ପୀଠରେ ଶ୍ରୀଚଣ୍ଡୀ ଯଜ୍ଞ

ଟାଙ୍ଗୀ–ଚୌଦ୍ୱାର,୯।୧୧(ନି.ପ୍ର): ଟାଙ୍ଗୀ–ଚୌଦ୍ୱାର ବ୍ଲକ ଅନ୍ତର୍ଗତ ଚିନ୍ତାମଣିପୁର ଗ୍ରାମର ଆରାଧ୍ୟ। ଗ୍ରାମଦେବତୀ ମା ରାଜରାଜେଶ୍ୱରୀଙ୍କ ଶକ୍ତି ପୀଠରେ ପବିତ୍ର ଦୀପାବଳି ଅବସରରେ ବିଶ୍ୱମଙ୍ଗଳ ନିମନ୍ତେ ଶ୍ରୀଚଣ୍ଡୀ ଯଜ୍ଞ ଅଧ୍ୟାତ୍ମିକ ପରିବେଶରେ ପରମ୍ପରା ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି । ବୈଦିକ



ବ୍ରାହ୍ମଣ ଗୌରାଙ୍ଗ ଚରଣ ଷଡଙ୍ଗୀ ଓ ଦିଲ୍ଲୀପ କୁମାର ପ୍ରହରାଜଙ୍କ ପ୍ଲୁତ ପବିତ୍ର ମନ୍ତ୍ର ଧ୍ୱନି ସହିତ ରୀତିନୀତି ଅନୁଯାୟୀ ଶ୍ରୀଚଣ୍ଡୀ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ଦେବଦତ୍ତ କର ଓ ଅଲିଶା ରଣା ଯଜ୍ଞରେ କର୍ତ୍ତା ଓ କର୍ତ୍ତୀ ଭାବେ ଆହୁତି ପ୍ରଦାନ କରିଥିଲେ । ସୁଶାନ୍ତ କୁମାର ସାହୁ, ବଟକୃଷ୍ଣ ଦାସ, ଅକ୍ଷୟ ଫଗୁଣ, ଦେବେନ୍ଦ୍ର ବେହେରା, କେଶବ ସୁନିଆ ଦାଶ, ସୁଶାନ୍ତ ବାରିକ ଓ ମନ୍ଦିର ପରିଚାଳନା କମିଟିର ସଦସ୍ୟ ତଥା ଗ୍ରାମବାସୀ ମାନେ କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ । ଚୌଦ୍ୱାରସ୍ଥିତ ବଧୀ ପୀଠରେ ମା ଶ୍ୟାମାକାଳୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି ଏହି ଐତିହାସିକ ପ୍ରସିଦ୍ଧ ପୀଠରେ ସହସ୍ରାଧିକ ଶ୍ରଦ୍ଧାଳୁ ଯୋଗଦେଇ ପୂଜାର୍ଚ୍ଚନା କରିବା ସହିତ ମାଙ୍କ ଅର୍ଶୀବାଦ ଭିକ୍ଷା କରିଥିଲେ । ଇଂ.ଜ୍ଞାନେନ୍ଦ୍ର କୁମାର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁରୂପଭାବେ ବଧୀପୀଠ ନିକଟ ଶ୍ମଶାନ କାଳୀ ପୀଠ ଓ ହିଙ୍ଗୁଳାଇ ରୋଡ଼ସ୍ଥିତ କାଳୀ ମନ୍ଦିରରେ ମା ଶ୍ୟାମାଙ୍କ ପୂଜା ଅନୁଷ୍ଠିତ ହେବା ସହିତ ଚୌଦ୍ୱାର ଥର୍ମାଲ ରୋଡ଼ ଓ ମୁଣ୍ଡମାଳ ମଠସାହିରେ କାଳୀଙ୍କ ମୃଣ୍ମୟ ପ୍ରତିମା ଜାକ ଜମକରେ ପୂଜା ହୋଇଛି ।

ମା ଅମ୍ବିକା ଅନୁସୂଚିତ ଜାତି–ଜନଜାତି ଆବାସିକ ସେବାଶ୍ରମରେ

ଧୁମଧାମରେ ଦୀପାବଳି ପର୍ବ ପାଳିତ

ଜଗତସିଂହପୁର,୯।୧୧(ନି.ପ୍ର): ଜଗତସିଂହପୁର ଜିଲ୍ଲା ମୁଣ୍ଡୁପୁର ପଞ୍ଚାୟତ ସିଦ୍ଧଳ ବଟବିହାର ସ୍ଥିତ ମା ଅମ୍ବିକା ଅନୁସୂଚିତ ଜାତି ଜନଜାତି ଆବାସିକ ସେବାଶ୍ରମରେ ପବିତ୍ର ଦୀପାବଳି ପର୍ବ ଆନନ୍ଦ, ଉଲ୍ଲା।ସର ସହିତ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ପାଞ୍ଚଶହରୁ ଊର୍ଦ୍ଧ୍ୱ ଆବାସିକ ଛାତ୍ର ଛାତ୍ରୀ ଗୀତ ତାଳେ ତାଳେ ନୃତ୍ୟ କରି ବାଣ ଫୁଟାଇ ଦୀପାବଳି ପର୍ବକୁ ଅତି ଆନନ୍ଦର ସହ ପାଳନ କରିଛନ୍ତି । ଅନୁଷ୍ଠାନର ସଭାପତି ବିଶିଷ୍ଟ ସମାଜସେବୀ ପ୍ରସନ୍ନ କୁମାର ସାମନ୍ତରାୟଙ୍କ ସଭାପତିତ୍ୱରେ ସମ୍ପାଦକ ସନ୍ତୋଷ କୁମାର ସାମନ୍ତରାୟ, ଉପଦେଷ୍ଟା ନାରାୟଣ ଦାସ, ବରିଷ୍ଠ ଆଇନୀଜୀବୀ ସୁରପ୍ରସାଦ ବାରିକ, ସମିତି ସଭ୍ୟା ମୌସୁମୀ ବାରିକ, ପୂର୍ବତନ ସମିତି ସଭ୍ୟ ଦେବାଶିଷ ଦାସ, ଶରତ କୁମାର ମଲ୍ଲିକଙ୍କ ସମେତ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ପବିତ୍ର ଦୀପାବଳି ଉପଲକ୍ଷେ କେକ୍ କାଟି ଛାତ୍ର ଛାତ୍ରୀଙ୍କୁ ପ୍ରଦାନ କରିଥିଲେ । ଏହି ଅବସରରେ ସୁସ୍ୱାଦୁ ଭୋଜନର ମଧ୍ୟ ଆୟୋଜନ କରାଯାଇଥିଲା । ଏ ସମସ୍ତ କାର୍ଯ୍ୟକ୍ରମ ଶ୍ରୀବତ୍ସ ସାମନ୍ତରାୟ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଆୟୋଜନ କରିଥିଲେ ।

ଚୌଦ୍ୱାର କଲେଜରେ ବିଏସ୍‌ଜି ପ୍ରତିଷ୍ଠା ଦିବସ



ଟାଙ୍ଗୀ–ଚୌଦ୍ୱାର,୯।୧୧(ନି.ପ୍ର): ଚୌଦ୍ୱାର କଲେଜରେ ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ (ବିଏସ୍‌ଜି)ର ୭୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । କଲେଜ ଅଧ୍ୟକ୍ଷା ଡ. ହରପ୍ରିୟା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ସର୍ବ ଧର୍ମ ପ୍ରାର୍ଥନା ସହିତ ବିଏସ୍‌ଜି ପତାକା ଉତ୍ତୋଳନ କରାଯାଇଥିଲା । ଏହି ଅବସରରେ ଆୟୋଜିତ ସଭାରେ ଅଧ୍ୟାପକ ପ୍ରଭାକର ମିଶ୍ର ଓ ଲକ୍ଷ୍ମଣ କରଣ ଉଦ୍‌ବୋଧନ ଦେଇ ରୋଭର୍ସ ଏବଂ ରେଞ୍ଜର୍ସମାନଙ୍କର ଭୂମିକା ଓ ସମାଜ ପ୍ରତି ଥିବା ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ରୋଭରର୍ସ ଲିଡର ଅରଣ୍ୟ ରାଉତରାୟ ସ୍କାଉଟ ଓ ଗାଇଡ଼ ମାନେ ନିଜର ଦାୟିତ୍ୱ ନିଷ୍ଠାର ସହ ପାଳନ କରିବା ସହ ମାନବ ସମାଜର ସେବାରେ ନିଜକୁ ନିସ୍ୱାର୍ଥପର ଭାବେ ନିୟୋଜିତ କରିବାକୁ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ସିନିୟର ରୋଭର ଆୟୁଷ୍ମାନ ଦାସ ଅତିତର ସ୍କାଉଟିଂ କାର୍ଯ୍ୟକ୍ରମ ସହ ଜଡିତ ସ୍ମୃତି ଓ ଆନନ୍ଦଦାୟକ ମୁହୂର୍ତ୍ତ ବର୍ଣ୍ଣନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

ସମାଜର ଅଧୋଗତିକୁ ପ୍ରତିରୋଧ କରେ ସାହିତ୍ୟ:କବି ପୀତାମ୍ବର



କୁଜଙ୍ଗ,୯।୧୧(ନି.ପ୍ର):ସତ୍ୟ ଯୁଗରେ ସାହିତ୍ୟ ପ୍ରତି ମାନବ ସମାଜର ରହିଛି ଅଗାଧ ବିଶ୍ୱାସ। ସମାଜ ଯେତେବେଳେ ଅଧୋଗତି ଆଡକୁ ଗତିକରେ ସାହିତ୍ୟ ସେତେବେଳେ ଅଭିଭାବକ ଭାବରେ ସତର୍କ କରାଇବା ସହିତ ସତମାର୍ଗର ଦିଗଦର୍ଶନ ଦେଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କରୁଠା ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଅନୁଷ୍ଠିତ ସାହିତ୍ୟ, ସଂସ୍କୃତି, ଶିକ୍ଷା ଓ ସାମାଜିକ ସଂଗଠନ ମେଘ ମହ୍ଲାରର ପଞ୍ଚମ ସ୍ୱନକ୍ଷତ୍ର ଦିବସ ସଭାପତି ଡ. କେଶବଚନ୍ଦ୍ର ଦଳାଇଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇ ଯାଇଛି। ବିଶିଷ୍ଟ ନାଟ୍ୟକାର ଉତ୍କଳ ସାହିତ୍ୟ ସମାଜର କାର୍ଯ୍ୟକାରୀ ସମିତି ସଦସ୍ୟ ଡ. ରଘୁନାଥ ସାହୁ ମୁଖ୍ୟ ଅତଥି ଭାବରେ ଯୋଗଦେଇ ପୀତାମ୍ବର ତରାଇଙ୍କ ସଂପାଦିତ 'ଓଡିଆ ଦଳିତ କବିତା' ସଂକଳନ ଉନ୍ମୋଚନ କରି ସାହିତ୍ୟ ସଦାକାଳେ ମାନବ ସମାଜର ମଙ୍ଗଳ କାମନା କରିବା ସହିତ ଜୀବନ ଓ ଜଗତର ଜୟଗାନ କରିଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଶିକ୍ଷାବିତ୍ ବିଭୁତି ଭୂଷଣ ଦାସ ପ୍ରାଚୀନରୁ ଆଧୁନିକ ସାହିତ୍ୟ ପର୍ଯ୍ୟନ୍ତ ମାନବିକଚେତନା, ସମ୍ବେଦନ, ବିଚାରବୋଧ, ପ୍ରେମ, କରୁଣାର ସ୍ୱର ମଣିଷକୁ ଅନୁପ୍ରାଣିତ କରି ଚାଲଛି ବୋଲି କହିଥିଲେ। 'ଓଡିଆ ଦଳିତ କବିତା' ସଂକଳନ ସଂପର୍କରେ ସୂଚନା ପ୍ରଦାନ କରି ବିଶିଷ୍ଟ କବି ପୀତାମ୍ବର ତରାଇ କହିଥିଲେ ଯେଉଁ ପୁସ୍ତକରେ ହିଂସାତ୍ମକ ଆଚରଣ, ସାମାଜିକ ବିଶୃଙ୍ଖଳା, ଉଚ୍ଚନୀଚ ଭେଦଭାବର ବର୍ଣ୍ଣନା ମାନବିକ ମୂଲ୍ୟବୋଧ ପ୍ରତି ବିପଦ ସୃଷ୍ଟି କରେ ସେ ପୁସ୍ତକର ଅପମୃତ୍ୟୁ ସୁନିଶ୍ଚିତ। ଏଥିପ୍ରତି ନୂତନ ପିଢି ସତର୍କ ରହି ସାହିତ୍ୟ ସର୍ଜନା କରିବା ଆବଶ୍ୟକ ବୋଲି କହିଥିଲେ। ଅଧ୍ୟାପିକା ସଂଯୁକ୍ତା ତ୍ରିପାଠୀ, ସମାଜସେବୀ ବାବୁରାମ ଚୌଧୁରୀ, ସୁଗନ୍ଧ ସଂପାଦକ ଦିପ୍ତୀ ଖଣ୍ଡୁଆଳ, ପାଇକ ଗୁରୁ ଗୋଲକ ଜୟସିଂହ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। କବି ପ୍ରଭାତୀ ମାଝୀଙ୍କ ସଂଯୋଜନାରେ ଗୌରହରି ବାରିକ, ଜୟନ୍ତୀ ଦାସ, ପ୍ରକାଶ ଦାଶ, ରବୀନ୍ଦ୍ର ଦାସ, ଶୁଭେନ୍ଦୁ ଚୌଧୁରୀ, ଅଜୟ କୁମାର ବରାଳ, କନକ ବାରିକ, ଗୀତାଦାସ, ଜୟୀରାମ ସାହାଣୀ, ମାନଗୋବିନ୍ଦ ପ୍ରଧାନ,ଦୀପିକା ରାଣୀ ନାୟକ ପ୍ରମୁଖ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ପ୍ରାରମ୍ଭରେ ସଂପାଦିକା ପ୍ରଭାତୀ ମାଝୀ ଆୟୋଜିତ ସଭାର ଆଭିମୁଖ୍ୟ ପ୍ରଦାନ କରିଥିବାବେଳେ ସମାଜସେବୀ ବିଜୟ କୁମାର ଖଟେଇ ଧନ୍ୟବାଦ ଅର୍ପଣ କରୀଥିଲେ।

ଦନ୍ତାକୁ ଚିଡ଼ାଉଛନ୍ତି ଅସାମାଜିକ ଯୁବକ: ଆକ୍ରମଣ ଆଶଙ୍କା

ହିନ୍ଦୋଳ,୯।୧୧(ନି.ପ୍ର):ହିନ୍ଦୋଳ ବନାଞ୍ଚଳରେ ଦନ୍ତା ହାତୀ ସହିତ କିଛି ଯୁବକ ମୃତ୍ୟୁର ଖେଳ ଖେଳିବାସହ ହାତୀକୁ ଭୟଙ୍କର କରାଇବା ପାଲଟିଛି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ। ଖବରରୁ ପ୍ରକାଶ ହିନ୍ଦୋଳ ବନାଞ୍ଚଳ କର୍ଣ୍ଣପୁର ବିଟ ଅନ୍ତର୍ଗତ ପାଟଲା ଅଂଚଳର କିଛି ଅସାମାଜିକ ଯୁବକ ଦନ୍ତାହାତୀ ଟୁଙ୍ଗୁରୁକୁ ଜଙ୍ଗଲରେ ଶୁଣ୍ଠ, ଲାଞ୍ଜ ଓ ଦାନ୍ତ ଟାଣି ଚିଡାଇବା ସହ ସେଲ୍‌ଫି ନେଉଥିବା ଭିଡ଼ିଓ ଦେଖିବାକୁ ମିଳିଛି। ତେବେ ଏହି ବେଆଇନ ଖେଳପାଇଁ ଦନ୍ତା ହାତିଟି ଆହୁରି ଉଗ୍ରରୂପ ଧାରଣ କରିଥିବାବେଳେ କେତେବେଳେ ଯେ କଣ ଘଟାଇବା ଚିନ୍ତା ଭୟରେ ଅଂଚଳବାସି ରହିବାସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ତେବେ ବନବିଭାଗର ନିୟମ ଅନୁଯାୟୀ ହାତୀଠାରୁ ଅତି କମରେ ୫୦୦ ମିଟର ଦୂରରେ ରହିବା, ଫଟୋ ଉଠାଇବା, ରିଲ୍ସ କରିବା ଓ ହାତୀକୁ ବିରକ୍ତ କରିବା ଆଇନତଃ ଦଣ୍ଡନୀୟ ଅପରାଧ । ହିନ୍ଦୋଳ ଉପଖଣ୍ଡରେ ହାତୀ ଆକ୍ରମଣଜନିତ ମୃତ୍ୟୁ ସଂଖ୍ୟା ଦିନକୁଦିନ ବୃଦ୍ଧି ପାଉଥିବାରୁ ରାଜ୍ୟ ସରକାର ଓ ବନବିଭାଗ ତୁରନ୍ତ ସ୍ଥାୟୀ ପଦକ୍ଷେପ ନେବାସହ ଜନଜୀବନ ସୁରକ୍ଷା ସୁନିଶ୍ଚିତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ମରାମତି କାର୍ଯ୍ୟରେ ରହୁନି ସ୍ୱଚ୍ଛତା



ବାଲିକୁଦା,୯।୧୧(ନି.ପ୍ର):ଜନସାଧାରଣ ମାନଙ୍କର ଯାତାୟତର ସୁବିଧା ଲାଗି ସରକାର କୋଟି କୋଟି ଟଙ୍କା ଖର୍ଚ କରି କେଉଁଠି ନୂଆ ରାସ୍ତା ନିର୍ମାଣ କରାଯିବା ସହିତ କେଉଁଠି ଖାଲ ଖମା ହୋଇଥିବା ରାସ୍ତାକୁ ମରାମତି କରା ଯାଉ ଥିବା ବେଳେ ଜଗତସିଂହପୁର ଜିଲ୍ଲାର ବାଲିକୁଦା କଣିଆ ଠାରୁ ମାଛ ଗାଁ ଯାଇଥିବା ରାସ୍ତାକୁ ରାସ୍ତା ଆଉ ଗୃହ ନିର୍ମାଣ ବିଭାଗ ଦ୍ୱାରା ଟେଣ୍ଡର ପ୍ରକ୍ରିୟାରେ ଠିକାଦାର ଚୟନ କରାଯାଇ ଲକ୍ଷାଧିକ ଟଙ୍କା ବେୟରେ କରା ଯାଉଥିବା ମରାମତି କାର୍ଜ୍ୟରେ ସ୍ୱଚ୍ଛତା ରହୁ ନ ଥିବାର ସାଧାରଣରେ ଅଭିଯୋଗ ହେଉଛି ରାସ୍ତାରେ ହୋଇଥିବା ଖାଲଖମା ଜାଗାକୁ ଓ୍ୱାଶ ନ କରି ସେହି ଧୁଳି ଉପରେ ପିଚୁ ଢାଳି ମରାମତି କରୁଛନ୍ତି ଯାହାକି ଏହି କାର୍ଜ୍ୟର ସ୍ତାଇ ଉପରେ ପ୍ରଶ୍ନବାଚୀ ଛିଡା କରିଛି କାର୍ଜ୍ୟ ପାଖରେ ଯନ୍ତ୍ରୀଙ୍କୁ ଦେଖିବାକୁ ମିଳୁନାହିଁ ଠିକାଦାରଙ୍କର ଏଭଳି ମନମୁଖୀ କାର୍ଜ୍ୟକୁ ନେଇ ସାଧାରଣରେ ଅସନ୍ତୋଷ ବଢିବାରେ ଲାଗିଛି ଏ ବିଷୟରେ ଅଭିଯୋଗ ପାଇବା ପରେ ବିଭାଗୀୟ ଯନ୍ତ୍ରୀଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇ ଥିଲେବି ସେ ଫୋନ ଉଠାଇ ନ ଥିଲେ, ଏସ ଡି ଓଙ୍କୁ ଯୋଗାଯୋଗ କରାଯାଇ ଥିଲା, ସେ କାର୍ଜ୍ୟ କ୍ଷେତ୍

ବର୍ଜ୍ୟବସ୍ତୁ ପରିଚାଳନା ଘରୁ ମିଳିଲା ଯୁବକଙ୍କ ମୃତଦେହ, ହତ୍ୟା ଅଭିଯୋଗ ଆଣିଲେ ପରିବାର



ହାଟଡିହି,୯।୧୧(ନି.ପ୍ର): ଗାଁ ମୁଣ୍ଡରେ ଥିବା ବର୍ଜ୍ୟବସ୍ତୁ ପରିଚାଳନା ଘରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର । ଭୋଜି ଖାଇବାକୁ ଯାଇ ଆଉ ଘରକୁ ଫେରିଲେ ନାହିଁ ଯୁବକ। ପରଦିନ ସକାଳେ ଆବର୍ଜନା ଘରୁ ମିଳିଲା ତାଙ୍କ ମୃତଦେହ। ଶରୀରରେ କ୍ଷତଚିହ୍ନ ଥିବା ଅଭିଯୋଗ କରି ପରିବାର ଲୋକେ ଏହାକୁ ହତ୍ୟାକାଣ୍ଡ ବୋଲି ଦାବି କରିଛନ୍ତି। ଏଭଳି ଏକ ରହସ୍ୟଜନକ ମୃତ୍ୟୁ ଘଟଣା କେନ୍ଦୁଝର ଜିଲ୍ଲା ନନ୍ଦିପଦା ଥାନା ଅନ୍ତର୍ଗତ ଅଁରା ଗ୍ରାମରେ ଚାଞ୍ଚଲ୍ୟ ଖେଳିଯାଇଛି। ମୃତ ଯୁବକ ଜଣକ ହେଉଛନ୍ତି ଅଁରା ଗ୍ରାମର ଶାନ୍ତନୁ ଜେନା। ସୂଚନା ଅନୁଯାୟୀ, ଅଁରା ଗ୍ରାମରୁ ବୃନ୍ଦାବନପୁର ଯାଇଥିବା ରାସ୍ତା ପାର୍ଶ୍ୱରେ ଥିବା ଏକ ଆବର୍ଜନା ଘର ନିକଟରେ ଶାନ୍ତନୁ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଏହା ଜାଣିବା ପରେ ତାଙ୍କୁ ସେଠାରୁ ଉଦ୍ଧାର କରାଯାଇ ଶାଳଣିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ମାତ୍ର ସେଠାରେ ଉପସ୍ଥିତ ଡାକ୍ତର ପରୀକ୍ଷା କରିବା ପରେ ଶାନ୍ତନୁଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁକୁ ନେଇ ବିଭିନ୍ନ ପ୍ରଶ୍ନ ଉଠିଛି। ମୃତ ଶାନ୍ତନୁଙ୍କ ମା' ପ୍ରମିଳା ଜେନାଙ୍କ ଅଭିଯୋଗ ଅନୁଯାୟୀ, ରବିବାର ସନ୍ଧ୍ୟା ସମୟରେ ଗ୍ରାମର ଧବଳେଶ୍ୱର ଆୟଚ ଓରଫ ଭୋଳା, ବାପୁଜୀ ଜେନା, ଲାଲୁ ପରିଡ଼ା ଏବଂ ସନ୍ତୋଷ ରାଜ ପ୍ରମୁଖ ତାଙ୍କ ଘରକୁ ଆସିଥିଲେ। ଭୋଜି କରିବା ପାଇଁ ଶାନ୍ତନୁଙ୍କୁ ସାଙ୍ଗରେ ଡାକି ନେଇଥିଲେ। ସେମାନଙ୍କ ସହିତ ଶାନ୍ତନୁ ଯାଇଥିଲେ। ମାତ୍ର ସେହି ରାତିରେ ସେ ଆଉ ଘରକୁ ଫେରି ନଥିଲେ। ଏହି ଘଟଣାକୁ ନେଇ ନନ୍ଦିପଦା ଥାନାରେ କେସ୍ ନମ୍ବର ୪୦୦/୨୦୨୬ରେ ମାମଲା ରୁଜୁ କରାଯାଇଛି। ପୋଲିସ ସାଇଣ୍ଟିଫିକ୍ ଟିମ୍‌ର ସହଯୋଗରେ ଘଟଣାସ୍ଥଳରେ ତଦନ୍ତ ଆରମ୍ଭ କରିଛି।

ବାଣ ନିଆଁରୁ ଜଳିଗଲା ଗରିବ ପରିବାରର ଘର
ସରକାରୀ ସହାୟତା ପାଇଁ ନିବେଦନ



ରାମଚନ୍ଦ୍ରପୁର,୯।୧୧(ନି.ପ୍ର): ଆଲୋକର ପର୍ବ ଦୀପାବଳିକୁ ସମସ୍ତେ ଆନନ୍ଦ ଏବଂ ଉଲ୍ଲାସର ସହିତ ପାଳନ କରୁଥିବାବେଳେ କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଅନ୍ତର୍ଗତ ଅଳତି ଗ୍ରାମରେ ଏକ ଅଘଟଣ ହୋଇଯାଇଛି। ଦୀପାବଳି ରାତିରେ ଗ୍ରାମବାସୀ ବାଣ ଫୁଟାଇ ଖୁସି ମନାଉଥିବା ବେଳେ ଅସାବଧାନତା ବଶତଃ କୌଣସି ଏକ ବାଣର ନିଆଁ ବାଣରୁ ଉଡ଼ି ଆସିଥିବା ନିଆଁ ପିଣ୍ଡୁଳା ଆସି ଅଳତି ଗ୍ରାମର ସୁକାନ୍ତି ସାହୁଙ୍କ ଚାଳ ଛପର ଘର ଉପରେ ପଡ଼ିଥିଲା। ଶୁଖିଲା ନଡ଼ା ଥିବାରୁ ମୁହୂର୍ତ୍ତକ ମଧ୍ୟରେ ନିଆଁ ଚାରିଆଡେ ବ୍ୟାପିଯାଇଥିଲା। ନିଆଁର ଭୟବହତା ଦେଖି ପରିବାରବର୍ଗ ଭୟଭୀତ ହୋଇ ପାଟି କରିବାରୁ ଆଖପାଖର ଲୋକେ ଦୌଡ଼ି ଆସିଥିଲେ। ଗ୍ରାମବାସୀମାନଙ୍କର ମିଳିତ ପ୍ରୟାସ ଯୋଗୁଁ ନିଆଁକୁ ଆୟତ୍ତ କରାଯାଇଥିଲା, ଯାହାଫଳରେ ନିଆଁ ଆଖପାଖର ଅନ୍ୟ ଘରଗୁଡ଼ିକୁ ବ୍ୟାପିବାରୁ ବର୍ତ୍ତିଯାଇଥିଲା ।ଏହି ଦୁର୍ଘଟଣା ସଂପର୍କରେ ଖବର ପାଇ ଘସିପୁରା ଅଗ୍ନିଶମ ବାହିନୀର କର୍ମଚାରୀମାନେ ଘଟଣାସ୍ଥଳରେ ପହଁଚିଥିଲେ। ସେମାନେ କ୍ଷୟକ୍ଷତିର ଅନୁଧ୍ୟାନ କରିବା ସହ ଆବଶ୍ୟକୀୟ ରିର୍ପୋଟ ସଂଗ୍ରହ କରି ଫେରିଛନ୍ତି। ସ୍ଥାନୀୟ ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତ ପରିବାରକୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

ପଣ୍ଡାପଡାରେ ପାଳିତ ହେଉଛି ମା' ଦକ୍ଷିଣ କାଳୀଙ୍କ ପୂଜା



ପଣ୍ଡାପଡା,୯।୧୧(ନି.ପ୍ର): କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଅନ୍ତର୍ଗତ ପଣ୍ଡାପଡା ଠାରେ ୧୯୫୪ ମସିହା ଠାରୁ ଆଦ୍ୟବଧି ମା' ଦକ୍ଷିଣ କାଳୀଙ୍କ ପୂଜା ମହା ଆଡମ୍ବର ସହକାରେ ପାଳିତ ହେଉଅଛି। ସ୍ଥାନୀୟ ଚୁଡ଼ୀ ନଦୀରୁ କଳସ ଆଣି ପୂଜା ମଣ୍ଡପରେ ସ୍ଥାପନ କରାଯିବା ପରେ ପୂଜକ ଧର୍ମାନନ୍ଦ ପତି ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ଚାଲିଛି। ରାହାସ ବିହାରୀ ପଲେଇ ସଂକଳ୍ପରେ ବସିଥିବା ବେଳେ ତାଙ୍କୁ ସହଯୋଗ କରୁଛନ୍ତି ନିତ୍ୟାନନ୍ଦ ବାରିକ। ମା' ଦକ୍ଷିଣ କାଳୀଙ୍କ ପୂଜା ଦୀର୍ଘ ଏକ ସପ୍ତାହ ଧରି ହେବାକୁ ଥିବା ବେଳେ ମୀନା ବଜାର, କୁନି ପିଲାଙ୍କ ଦୋଳି, ବିଭିନ୍ନ ପ୍ରକାର ଷ୍ଟଲ ଲାଗିଛି। ଏହି ଅବସରରେ ଚାରିଦିନ ଧରି ଲୋକପ୍ରିୟ ମାହେଶ୍ୱରୀ ଅପେରା ପରିବେଷଣ କରାଯିବ ବୋଲି କମିଟ ପକ୍ଷରୁ ସୂଚନା ଦିଆଯାଇଛି। ମା' ଦକ୍ଷିଣ କାଳୀଙ୍କୁ ଦର୍ଶନ କରିବା ପାଇଁ ଆଖପାଖ ଅଂଚଳର ଶ୍ରଦ୍ଧାଳୁମାନଙ୍କ ଭିଡ ଲାଗିଥିବା ଦେଖିବାକୁ ମିଳିଛି । ପୂଜା କମିଟର ସଭାପତି ପଦ୍ମଲୋଚନ ପରିଡା, ସମ୍ପାଦକ ବଳରାମ ବାରିକ, କୋଷାଧକ୍ଷ ପ୍ରଦୀପ ପଲେଇ, ଦୁର୍ଯ୍ୟୋଧନ ବାରିକ, ନବୀନ। ପଲେଇ, ବ୍ରହ୍ମାନନ୍ଦ ବେହେରା, ବିଷ୍ଣୁନନ୍ଦ ବେହେରା, ଦୁଷ୍ମ' ବେହେରା, ଜାପାନୀ ବେହେରା, ରମେଶ ପଲେଇ, ଅନାଦି ପଲେଇ, ଜୁଖଧର ରଣା, ପରମାନନ୍ଦ ରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜା କାର୍ଯ୍ୟ ଚାଲୁ ରହିଛି ।

ଯୁକ୍ତ୨ ଛାତ୍ରୀ ନିଖୋଜ, ଅପହରଣ ଅଭିଯୋଗ

ହାଟଡିହି,୯।୧୧(ନି.ପ୍ର): କେନ୍ଦୁଝର ଜିଲ୍ଲା ହାଟଡ଼ିହି ବ୍ଲକ ଅନ୍ତର୍ଗତ ନନ୍ଦିପଦା ଥାନା ଅଂଚଳରୁ ଜଣେ ଯୁକ୍ତ୨ ଛାତ୍ରୀ ନିଖୋଜ ହୋଇଥିବା ଘଟଣାକୁ ନେଇ ଅପହରଣ ଅଭିଯୋଗ ହୋଇଛି। ଏନେଇ ଛାତ୍ରୀଙ୍କ ପରିବାର ପକ୍ଷରୁ ନନ୍ଦିପଦା ଥାନାରେ ଲିଖିତ ଅଭିଯୋଗ କରାଯିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଗତ ୭ ତାରିଖ ଦିନ ଛାତ୍ରୀଙ୍କ ପରିବାରର ସଦସ୍ୟ ଜଣେ ସଂପର୍କୀୟ ରୋଗୀଙ୍କୁ ଦେଖିବା ପାଇଁ ଡାକ୍ତରଖାନା ଯାଇଥିଲେ। ଏହି ସମୟରେ ଛାତ୍ରୀ ଜଣକ ଘରେ ଏକୁଟିଆ ଥିଲେ। ପରିବାର ଲୋକେ ଡାକ୍ତରଖାନାରୁ ଘରକୁ ଫେରିବା ପରେ ଝିଅକୁ ଘରେ ନ ପାଇ ଚିନ୍ତିତ ହୋଇପଡ଼ିଥିଲେ। ଏହାପରେ ପରିବାର ଲୋକେ ଆଖପାଖ ଅଂଚଳ ସମେତ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ବନ୍ଧୁବାନ୍ଧବ ଓ ପରିଚିତଙ୍କ ନିକଟରେ ମଧ୍ୟ ଖବର ନେଇଥିଲେ। ତେବେ ଛାତ୍ରୀଙ୍କ କୌଣସି ସନ୍ଧାନ ମିଳି ନଥିଲା। ଭଦ୍ରକ ଜିଲ୍ଲା ଜଅନ୍ତା ଗ୍ରାମର ରତନା ମଲ୍ଲିକଙ୍କ ପୁଅ ଆକାଶ ମଲ୍ଲିକ ତାଙ୍କ ଝିଅକୁ ନେଇଯାଇଥିବା ସୂଚନା ମିଳିବା ପରେ ପରିବାର ଲୋକେ ସୋମବାର ନନ୍ଦିପଦା ଥାନାରେ ଲିଖିତ ଅଭିଯୋଗ ଦାଖଲ କରିଥିଲେ। ନନ୍ଦିପଦା ପୋଲିସ କେସ୍ ନମ୍ବର ୩୯୯/୨୦୨୬ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାପଡ଼ିଛି।

ଓଲଟିଲା ପିକଅପ, ଶ୍ରମିକ ମୃତ



ରାମଚନ୍ଦ୍ରପୁର,୯।୧୧(ନି.ପ୍ର): ଦୀପାବଳି ଭଳି ପର୍ବରେ ଲିଭିଗଲା ପରିବାରର ଦୀପ। ଘସିପୁରା ଥାନା ବରିପାଳ ପଂଚାୟତ ରଘୁନାଥପୁର କେନାଲ ନିକଟରେ ଓଲଟି ପଡିଲା ସିମେଣ୍ଟ ବୋଝେଇ ପିକଅପ ଭ୍ୟାନ। ଗାଡି ତଳେ ଚାପି ହୋଇ ଶ୍ରମିକଙ୍କ ମୃତ୍ୟୁ। ପିକଅକ୍ ଭ୍ୟାନରେ ସିମେଣ୍ଟ ଅନଲୋଡ଼ କରିବାକୁ ଯାଇଥିବା ନାରଙ୍ଗପୁର ଗ୍ରାମର ଯୁବକ ସାଗର ଦଳେଇ(୩୦) ଗାଡି ତଳେ ଚାପି ହୋଇ ରହିଗଲେ। ସ୍ଥାନୀୟ ଲୋକେ ତାଙ୍କୁ ତୁରନ୍ତ ଉଦ୍ଧାର କରି ସ୍ଥାନୀୟ କେଶୁରାପାଳ ଡାକ୍ତରଖାନା ନେବା ପରେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଦୀପାବଳି ପର୍ବରେ ଏଭଳି ଏକ ଅଘଟଣକୁ ନେଇ ଗାଁରେ ଶୋକ ଖେଳି ଯାଇଛି। ଘସିପୁରା ପୋଲିସ ପହଁଚି ଦୁର୍ଘଟଣା ଗ୍ରସ୍ତ ଗାଡିକୁ ଜବଦ କରିବା ସହ ଶବ ବ୍ୟବଚ୍ଛେଦ ନିମନ୍ତେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ତଦନ୍ତ ଜାରି ରଖିଛି।

ପାରସନାଥ ପାହାଡ଼ ହସ୍ତାନ୍ତରକୁ ନେଇ ଆଦିବାସୀ ସିଙ୍ଗେଲ ଅଭିଯାନର ତୀବ୍ର ପ୍ରତିବାଦ



ରାମଚନ୍ଦ୍ରପୁର,୯।୧୧(ନି.ପ୍ର): ଝାଡ଼ଖଣ୍ଡର ଐତିହାସିକ ତଥା ପବିତ୍ର ପାରସନାଥ ପାହାଡ଼କୁ ଜୈନ ସଂପ୍ରଦାୟକୁ ହସ୍ତାନ୍ତର କରାଯିବା ନିଷ୍ପତ୍ତିକୁ ବିରୋଧ କରି ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରାନ୍ତରେ ଆଦିବାସୀ ସଂପ୍ରଦାୟ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ଆଦିବାସୀ ସିଙ୍ଗେଲ ଅଭିଯାନ କେନ୍ଦୁଝର ଜୋନ୍ ପକ୍ଷରୁ ସୋମବାର ଘସିପୁରା ବ୍ୟାରେଜ୍ ଛକ ଠାରେ ଏକ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଆଦିବାସୀ ସିଙ୍ଗେଲ ଅଭିଯାନର କର୍ମକର୍ତ୍ତା ଏକାଠି ହୋଇ ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଏବଂ ଏହି ନିଷ୍ପତ୍ତି ସହ ଜଡ଼ିତ ଦୁଇଟି ଆଦିବାସୀ ସଂଗଠନ ବିରୋଧରେ ଜୋରଦାର ନାରାବାଜୀ କରିବା ସହ ସେମାନଙ୍କ କୁଶପୁତଳିକା ଦାହ କରିଥିଲେ। ଆନ୍ଦୋଳନକାରୀ ମାନଙ୍କ ଯୁକ୍ତି ଝାଡ଼ଖଣ୍ଡର ପାରସନାଥ ପାହାଡ଼ କେବଳ ଏକ ଭୂମି ତୁହେଁ ବରଂ ଏହା ବ୍ରିଟିଶ ଅମଳରୁ ଆଦିବାସୀ ମାନଙ୍କର ଏକ ପ୍ରମୁଖ ଓ ପବିତ୍ର ଧର୍ମସ୍ଥଳୀ ଭାବେ ପରିଚିତ। ଆଦିବାସୀମାନେ ଏହାକୁ ନିଜର ଆରାଧ୍ୟ ସ୍ଥାନ ଭାବେ ପୂଜା କରିଆସୁଥିଲେ। ହେଲେ ଝାଡ଼ଖଣ୍ଡ ସରକାର ଏହି ପବିତ୍ର ପାହାଡ଼କୁ ଜୈନ ଧର୍ମାଲମ୍ବୀମାନଙ୍କୁ ହସ୍ତାନ୍ତର କରିଦେଇଥିବା ଅଭିଯୋଗ କରି ଏହାର ତିବ୍ର ପ୍ରତିବାଦ କରିଛନ୍ତି। ସେମାନଙ୍କ ମତରେ, ଏହାଦ୍ୱାରା ଆଦିବାସୀଙ୍କ ଜମି, ଅଧିକାର ଏବଂ ପାରମ୍ପରିକ ଧର୍ମୀୟ ସ୍ୱତନ୍ତ୍ରତା କ୍ଷୁର୍ଣ୍ଣ ହେଉଛି। ଯଦି ସରକାର ଏହି ନିଷ୍ପତ୍ତିରୁ ଓହରି ନ ଯାଆନ୍ତି, ତେବେ ଆଗାମୀ ଦିନରେ ଏହି ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଆନ୍ଦୋଳନକାରୀ ମାନେ ଚେତାବନୀ ଦେଇଛନ୍ତି।

ପୁରୁଣାବାନ୍ଧଗୋଡାରେ କାର୍ତ୍ତିକେଶ୍ୱର ପୂଜା ପ୍ରସ୍ତୁତି ବୈଠକ

ରାମଚନ୍ଦ୍ରପୁର,୯।୧୧(ନି.ପ୍ର): କାର୍ତ୍ତିକେଶ୍ୱରଙ୍କ ଆବାହନ ପାଇଁ ଚଳଚଞ୍ଚଳ ହୋଇଉଠିଛି ଘସିପୁରା ବ୍ଲକ ଅନ୍ତର୍ଗତ ପୁରୁଣାବାନ୍ଧଗୋଡା ଗାଁ। ଆଗାମୀ ନଭେମ୍ବର ୧୬ ତାରିଖଠାରୁ ପୁରୁଣାବାନ୍ଧଗୋଡ଼ା ଗ୍ରାମରେ ଆରମ୍ଭ ହେବାକୁ ଯାଉଥିବା ବାର୍ଷିକ କାର୍ତ୍ତିକେଶ୍ୱର ପୂଜା ଉତ୍ସବକୁ ଅତ୍ୟନ୍ତ ଆଡ଼ମ୍ବର ଓ ଧୂମଧାମର ସହ ପାଳନ କରିବା ପାଇଁ ପ୍ରସ୍ତୁତି ପର୍ବ ଜୋରସୋରରେ ଆଗେଇ ଚାଲିଛି। ଉତ୍ସବକୁ ସୁଚାରୁରୂପେ ସମ୍ପାଦନ କରିବା ଏବଂ ସମସ୍ତ ବ୍ୟବସ୍ଥାକୁ ଠିକ୍ ଭାବେ ତଦାରଖ କରିବା ଉଦ୍ଦେଶ୍ୟରେ ପୂଜା ମଣ୍ଡପ ପ୍ରାଙ୍ଗଣରେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ପୂଜା



କମିଟିର ସଭାପତି ସୁଧାଂଶୁ ଶେଖର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପୂଜା ପରିଚାଳନା, ଆକର୍ଷଣୀୟ ମିନା ବଜାର ସହ ରାତ୍ରୀକାଳୀନ ମନୋରଞ୍ଜନ ପାଇଁ ଅପେରା ପରିବେଷଣ ସମ୍ପର୍କରେ ଏକ ବିସ୍ତୃତ ଆଲୋଚନା କରାଯାଇଛି। ବୈଠକର ସବୁଠାରୁ ବଡ଼ ବିଶେଷତ୍ୱ ହେଲା, ଏଥିରେ ଗ୍ରାମର ସମସ୍ତ ବର୍ଗର ଲୋକ, ଯୁବକ ଏବଂ ବରିଷ୍ଠ ବ୍ୟକ୍ତି ବିଶେଷ ସକ୍ରିୟ ଭାବେ ଅଂଶଗ୍ରହଣ କରି ନିଜର ମୂଲ୍ୟବାନ ମତାମତ ଓ ପରାମର୍ଶ ଦେଇଥିଲେ। ସମସ୍ତଙ୍କ ମିଳିତ ପ୍ରୟାସ ଓ ସହଯୋଗ ଦ୍ୱାରା ଏହି ପୂଜା ଉତ୍ସବକୁ ଅତି ଶୃଙ୍ଖଳିତ, ଶାନ୍ତିପୂର୍ଣ୍ଣ ଏବଂ ସଫଳ ଭାବେ ସମ୍ପନ୍ନ କରିବା ପାଇଁ ସମସ୍ତେ ଏକମତ ହୋଇଛନ୍ତି।

ଉପଖଣ୍ଡସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର



ରାଇରଙ୍ଗପୁର,୯।୧୧(ନି.ପ୍ର): ବାମନଘାଟୀ ଉପଖଣ୍ଡ ସଦର ମହକୁମା ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇ ଯାଇଛି। ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଶିବିରରେ ରାଇରଙ୍ଗପୁର ଉପଜିଲ୍ଲାପାଳ ଶ୍ରୀ ଉଗ୍ରେସନ ଓରାମ, ରାଇରଙ୍ଗପୁର ଆରକ୍ଷୀ ଅଧିକ୍ଷକ ଶ୍ରୀ ସୁରେଶ ଚନ୍ଦ୍ର ପାତ୍ର, ଉପଖଣ୍ଡ ଚିକିତ୍ସାଳୟର ଅଧିକ୍ଷକ ଡା. ରବୀନ୍ଦ୍ର ନାଥ ମାର୍ଣ୍ଡି, ରାଇରଙ୍ଗପୁର ପି ଏ ଆଇ ଟି ଡି ଏ, ଯୋଗରଂଜନ ନାୟକ ଓ ଜିଲ୍ଲା ଜରୁରୀ କାଳୀନ କାର୍ଯ୍ୟାଳୟର ସହକାରୀ ଜିଲ୍ଲାପାଳ ତାପସ କୁମାର ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲାପାଳ ଉପସ୍ଥିତ ସମସ୍ତ ଅଧିକାରୀମାନଙ୍କୁ ଜନସାଧାରଣଙ୍କ ଠାରୁ ଆସୁଥିବା ଆପତ୍ତି ଅଭିଯୋଗ ଗୁଡିକର ସମାଧାନ ତ୍ୱରିତ ପ୍ରକ୍ରିୟାରେ ସମ୍ପନ୍ନ କରିବା ପାଇଁ ପରାମର୍ଶ ଦେଇଥିଲେ। ଆଜିର ଏହି ଶିବିର ରେ ଜନସାଧାରଣଙ୍କ ଠାରୁ ମୋଟ ୫୯ଟି ଅଭିଯୋଗ ପତ୍ର ଗ୍ରହଣ ହୋଇଥିବା ବେଳେ ୫୦ଗୋଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଏବଂ ୯ଟି ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟା ଭିତ୍ତିକ ସାମୁହିକ ଅଭିଯୋଗ ଥିଲା। ଏଥି ମଧ୍ୟରୁ ୨ଗୋଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ଆବେଦନର ଗୁରତ୍ୱକୁ ବିଚାର କରି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ଜଣଙ୍କୁ ଟ.୨୦,୦୦୦/-ଙ୍କା ଜିଲ୍ଲାପାଳ ମଂଜୁର କରିଛନ୍ତି। ଅନ୍ୟାନ୍ୟ ଆପତ୍ତି ଅଭିଯୋଗ ଗୁଡିକର ବିଷୟ ପ୍ରସଙ୍ଗ ଉପରେ ସବିଶେଷ ତଦନ୍ତ କରି ଅନୁଧ୍ୟାନ ପୂର୍ବକ ବିହିତ କାର୍ଯ୍ୟାନୁଷ୍ଠାନ ନେବା ସହ ତ୍ୱରିତ ପ୍ରକ୍ରିୟାରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଓଡିଶା ସରକାରଙ୍କ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ତିନି ଜଣ ହିତାଧିକାରୀଙ୍କୁ ଯଥାକ୍ରମେ ମୃତ୍ୟୁ କାଳୀନ ସହାୟତା, ବିବାହ ସହାୟତା ଓ ଉଚ୍ଚ ଶିକ୍ଷା ଗ୍ରହଣ ପାଇଁ ଆର୍ଥିକ ସହାୟତା ଭାବେ ଟ.୩, ୦୫,୦୦୦-, ଟ.୫୦,୦୦୦/-ଓ ଟ. ୮୪୦୦/- ଅର୍ଥରାଶି ଜିଲ୍ଲାପାଳ ଚେକ ମାଧ୍ୟମରେ ପ୍ରଦାନ କରିଥିଲେ। ଅନୁଷ୍ଠିତ ଉକ୍ତ ଶିବିର ରେ ବାମନଘାଟି ଉପଖଣ୍ଡ ଅଧିନସ୍ଥ ସମସ୍ତ ଉପଖଣ୍ଡ ସ୍ତରୀୟ ବିଭାଗୀୟ ଅଧିକାରୀ, ରାଇରଙ୍ଗପୁର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଗୋଷ୍ଠୀ ଶିକ୍ଷା ଅଧିକାରୀ, ବିଭିନ୍ନ ଲାଇନ ବିଭାଗର ଅଧିକାରୀଗଣ ଉପସ୍ଥିତ ଥିଲେ।

ଶିଶୁ ମହୋତ୍ସବ ସୁରଭିରେ ମହୁଲପଶି ପ୍ରାଥମିକ ବିଦ୍ୟାଳୟର ସଫଳତା



ରାମଚନ୍ଦ୍ରପୁର,୯।୧୧(ନି.ପ୍ର): କେନ୍ଦୁଝରରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମର ସମୃଦ୍ଧ ଭାଷା ସମୃଦ୍ଧ ସଂସ୍କୃତି ଉପରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୧୩ ଗୋଟି ଦଳ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଘଷିପୁରା ବ୍ଲକ ଅନ୍ତର୍ଗତ ଖାଲିଆମେଣ୍ଢା କ୍ଲଷ୍ଟର ଅଧିନ ସରକାରୀ ପ୍ରାଥମିକ ବିଦ୍ୟାଳୟ ମହୁଲପଶିର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ରଦର୍ଶିତ କରାଯାଇଥିବା କଳା ଜିଲ୍ଲା ସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ବିଦ୍ୟାଳୟର ଚତୁର୍ଥ ଶ୍ରେଣୀର ଛାତ୍ରୀ ଭାନି ଜେନାଙ୍କୁ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ଶ୍ରେଷ୍ଠ ଉପସ୍ଥାପକ ଭାବେ ଟ୍ରଫି ଦେଇ ସମ୍ମାନିତ କରାଯାଇଥିଲା। ପ୍ରାଥମିକ ବିଦ୍ୟାଳୟର ପିଲା ଏଭଳି ଅନନ୍ୟ ପ୍ରତିଭା ପ୍ରଦର୍ଶନ କରି ବ୍ଲକ, କ୍ଲଷ୍ଟର ଏବଂ ବିଦ୍ୟାଳୟ ପାଇଁ ଗୌରବ ଆଣିଥିବାରୁ ଘଷିପୁରା ଗୋଷ୍ଠୀ ଶିକ୍ଷାଧିକାରୀ ସଦ୍ୟସ୍ନାନ ପଣ୍ଡା, ଶିକ୍ଷକ ସଂଘ ନେତା ଦିଲ୍ଲିପ କୁମାର ରାଉତ, ଦିପ୍ତି ରଞ୍ଜନ ଜେନା, ଶିକ୍ଷାବିତ ଦୟାନିଧି ଜେନା, ଜିଲ୍ଲା କନିଷ୍ଠ ଶିକ୍ଷକ ସଂଘ ସଭାପତି ସତ୍ୟବ୍ରତ ଜେନା, କ୍ଲଷ୍ଟର ସଂଯୋଜକ ଜଗନ୍ନାଥ ଜେନା ଏବଂ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ନିରାଶା ମାରାଣ୍ଡି, ସହକାରୀ ଶିକ୍ଷକ ଶାନ୍ତନୁ କୁମାର ରାଉତ ପ୍ରମୂଖ କୃତି ଛାତ୍ରଛାତ୍ରୀ ମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରି। ସହ ସମ୍ବର୍ଦ୍ଧିତ କରିବା ସହ ଆଗାମୀ ଦିନରେ ରାଜ୍ୟ ସ୍ତରରେ ପ୍ରତିଭା ସ୍ଫୁଟନ ନିମନ୍ତେ ମାର୍ଗଦର୍ଶନ କରିଛନ୍ତି।

ଦାନ୍ତିଆ ଜିତେନ୍ଦ୍ର ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ
କାଳିଆପାଣୀ ଏକାଦଶ ଚାମ୍ପିୟନ

ରାମଚନ୍ଦ୍ରପୁର,୯।୧୧(ନି.ପ୍ର): ଘସିପୁରା ବ୍ଲକ ଗଡବାନ୍ଧଗୋଡା ପଞ୍ଚାୟତ ଅନ୍ତର୍ଗତ ଦାନ୍ତିଆ ଲକ୍ଷ

ଯୋଗ୍ୟ ହିତାଧିକାରୀଙ୍କୁ ମାସକ ମଧ୍ୟରେ ମିଳିବ ପେନସନ



ସମ୍ବଲପୁର, ୯/୧୧(ନିପ୍ର): ସାମାଜିକ ସୁରକ୍ଷା ପେନସନ ବ୍ୟବସ୍ଥାକୁ ଅଧିକ ସରଳ, ସ୍ୱଚ୍ଛ ଓ ଲୋକାଭିମୁଖୀ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ୟୁନିଫାଏଡ୍ ? ପେନସନ ମ୍ୟାନେଜ ମେଣ୍ଟ ପୋର୍ଟାଲ (ୟୁପିଏମ୍‌ପି) ଆରମ୍ଭ କରିଛନ୍ତି। ଏଥିସହ ମଧୁବାବୁ ପେନସନ ଯୋଜନାରେ ସାରୁରେସନ ମୋଡ୍ ବ୍ୟବସ୍ଥା ଲାଗୁ ହୋଇଛି। ଫଳରେ ଏଣିକି ପେନସନ ପାଇଁ କୌଣସି ଧାର୍ଯ୍ୟ ଲକ୍ଷ୍ୟ ବା କୋଟା ରହିବ ନାହିଁ। ପ୍ରତ୍ୟେକ ଯୋଗ୍ୟ ଆବେଦନକାରୀ ଆବେଦନ କରିବାର ଏକ ମାସ ମଧ୍ୟରେ ପେନସନ ପାଇପାରିବେ। ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ନିର୍ଦ୍ଦେଶକ୍ରମେ ଏହି ନୂତନ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଥିବା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ (ଡିଏସ୍‌ଏସ୍‌ଓ) ସୌରଚନ୍ଦ୍ର ପାଣି ସୂଚନା ଦେଇଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମଗ୍ର ଶିକ୍ଷା (ଏସ୍‌ଏସ୍) ସମ୍ମିଳନୀ କକ୍ଷରେ ଆୟୋଜିତ ସାପ୍ତାହିକ ସମ୍ମିଳନୀରେ ସେ ଏହି ସୂଚନା ଦେଇଥିଲେ। ନୂତନ ନିୟମ ଅନୁଯାୟୀ, ଗ୍ରାମାଞ୍ଚଳରେ ବିଡିଓ ଏବଂ ସହରାଞ୍ଚଳରେ ଡେପୁଟି କମିଶନରଙ୍କୁ ପେନସନ ମଞ୍ଜୁରୀ କ୍ଷମତା ପ୍ରଦାନ କରାଯାଇଛି। ଏହା ଦ୍ୱାରା ଆବେଦନ ପ୍ରକ୍ରିୟା ତ୍ୱରାନ୍ୱିତ ହେବା ସହ ହିତାଧିକାରୀମାନେ ସହଜରେ ସରକାରୀ ସହାୟତା ପାଇପାରିବେ। ଆବେଦନକାରୀ ମାନେ ଆଧାର କାର୍ଡ ଓ ଆୟ ପ୍ରମାଣପତ୍ର ମାଧ୍ୟମରେ ନୂତନ ୟୁପିଏମ୍ ?ପି ପୋର୍ଟାଲରେ ଅନଲାଇନ୍ ଆବେଦନ କରିପାରିବେ। ଏଥିପାଇଁ ନିକଟସ୍ଥ ଜନସେବା କେନ୍ଦ୍ର କିମ୍ବା ମୋବାଇଲ୍ ଫୋନ୍‌ର ସହାୟତା ନେଇହେବ। ତେବେ ଅଫଲାଇନ୍ ଆବେଦନ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିବା ଡିଏସ୍‌ଏସ୍‌ଓ ସ୍ପଷ୍ଟ କରିଛନ୍ତି। ସେହିପରି ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (ଏନ୍‌ଏସ୍‌ଏପି) ଅଧୀନରେ ପେନସନ ବଣ୍ଟନ ସମୟରେ ଦେଖାଦେଉଥିବା ବ୍ୟାଙ୍କିଙ୍ଗ୍ ଓ ବୈଷୟିକ ସମସ୍ୟାର ସମାଧାନ ପାଇଁ ସରକାର ହାଇବ୍ରିଡ୍ ମୋଡ୍‌ରେ ଅର୍ଥ ପ୍ରଦାନ ବ୍ୟବସ୍ଥା ଗ୍ରହଣ କରିଛନ୍ତି। ଏହି ବ୍ୟବସ୍ଥାରେ କେନ୍ଦ୍ର ସରକାରଙ୍କ ଅଂଶଧନ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଡିବିଟି ମାଧ୍ୟମରେ ଜମା ହେବ। ଅନ୍ୟ ପକ୍ଷରେ ରାଜ୍ୟ ସରକାରଙ୍କ ଅତିରିକ୍ତ ଅର୍ଥ (ଟପ୍ ଅପ୍) ଗ୍ରାମ ପଞ୍ଚାୟତ ଓ ପୌରାଞ୍ଚଳ ସ୍ତରରେ ନଗଦ ଆକାର ରେ ପ୍ରଦାନ କରାଯିବ। ଆସନ୍ତା ନଭେମ୍ବର ୨୫ ତାରିଖରେ ଅକ୍ଟୋବର ଓ ନଭେମ୍ବର ମାସର ରାଜ୍ୟ ଅଂଶ ଏକାଠି ନଗଦ ଆକାରରେ ବଣ୍ଟନ କରାଯିବ। ଏହାପରେ ଡିସେମ୍ବର ମାସଠାରୁ ପ୍ରତି ମାସ ୧୫ ତାରିଖରେ ଜନସେବା ଦିବସ ଅବସରରେ ହିତାଧିକାରୀଙ୍କୁ ଏହି ଅର୍ଥ ପ୍ରଦାନ କରାଯିବ। ନୂତନ ବ୍ୟବସ୍ଥା ଦ୍ୱାରା ପେନସନ ଆବେଦନଠାରୁ ଆରମ୍ଭ କରି ମଞ୍ଜୁରୀ ଓ ଅର୍ଥ ବଣ୍ଟନ ପର୍ଯ୍ୟନ୍ତ ପ୍ରକ୍ରିୟା ଅଧିକ ସହଜ ଓ ସୁବ୍ୟବସ୍ଥିତ ହେବା ସହ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ସମୟୋଚିତ ସାମାଜିକ ସୁରକ୍ଷା ସହାୟତା ପହଞ୍ଚିପାରିବ ବୋଲି ଆଶା ପ୍ରକାଶ ପାଇଛି।

ବ୍ଲକ ପ୍ରଶାସନର ହସ୍ତକ୍ଷେପ ପରେ ଶତାୟୁ ବୃଦ୍ଧାଙ୍କୁ ମିଳିଲା ବକେୟା ଚାଉଳ

ହରଭଙ୍ଗା,୯।୧୧(ନିପ୍ର): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ବାଣୀଭୂଷଣପୁର ପଞ୍ଚାୟତ ଅନ୍ତର୍ଗତ ଲଣ୍ଡରେଙ୍ଗୁର ଗ୍ରାମର ଶତାୟୁ ବୃଦ୍ଧା ମହନ୍ତି ବେହେରାଙ୍କୁ ମିଳିଲା ବକେୟା ଚାରି ମାସର ଚାଉଳ। ମହନ୍ତିଙ୍କ ବୟସ ୧୦୧ ବର୍ଷ। ବୟସାଧିକ୍ୟ କାରଣରୁ ଚଳପ୍ରଚଳରେ ଅସୁବିଧା ହେବା ସହିତ ବୈଷୟିକ ଓ ଟିପଚିହ୍ନ ସମସ୍ୟା ଯୋଗୁଁ ତାଙ୍କୁ ୪ ମାସର ଚାଉଳ ମିଳି ନ ଥିଲା। ଏହି ଖବର ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ବିଡିଓ କର୍ଣ୍ଣ ସୁନା ତାଙ୍କ ଘରକୁ ଯାଇ ସମସ୍ୟା ବିଷୟରେ ଅବଗତ ହୋଇଥିଲେ। ମହନ୍ତି ବେହେରାଙ୍କ ପରିବର୍ତ୍ତେ ତାଙ୍କର ଉତ୍ତରାଧିକାରୀଙ୍କ ଡାଟାବେସ ଅନୁସାରେ ଟିପ ଚିହ୍ନକୁ ଅନୁମତି ଦେଇ ଚାଉଳ ଦେବା ପାଇଁ ଯୋଗାଣ ନିରୀକ୍ଷକ ଓ ଯୋଗାଣ ସହାୟକଙ୍କୁ ଆଦେଶ ଦେଇଥିଲେ। ରବିବାର ଦିନ ଯୋଗାଣ ନିରୀକ୍ଷକ ଅମ୍ରିତା ମଲିକ ଓ ଯୋଗାଣ ସହାୟକ ଅନିମା ପ୍ରିୟଦର୍ଶିନୀ ମହନ୍ତିଙ୍କ ଘରକୁ ଯାଇ ବକେୟା ଚାଉଳ ଦେଇଥିଲେ। ଏଥିପାଇଁ ହିତାଧିକାରୀ ଓ ତାଙ୍କ ପରିବାର ବିଡିଓ କର୍ଣ୍ଣ ସୁନାଙ୍କ ଦୀର୍ଘାୟୁ କାମନା କରିଛନ୍ତି।

କୋଟିଆରେ ଆନ୍ଧ୍ରର ନିର୍ବାଚନ ପ୍ରୟାସ ବିଫଳ ତାରାଙ୍କ ଅଭିଯୋଗ: ନକଲି ଭୋଟର ପରିଚୟପତ୍ରରେ ମତଦାନ



ଜୟପୁର, ୯/୧୧(ନି ପ୍ର): କୋଟିଆ ଗ୍ରାମପୁଞ୍ଜରେ ନିର୍ବାଚନ କରାଇବାକୁ ଆନ୍ଧ୍ର ସରକାରଙ୍କ ଉଦ୍ୟମ ବିଫଳ ହୋଇଥିବା ଅଭିଯୋଗ ଆଣିଛନ୍ତି ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି। ନିଜ ବାସଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସେ ଆନ୍ଧ୍ରର ନିର୍ବାଚନ ପ୍ରକ୍ରିୟାକୁ ନେଇ ଏକାଧିକ ସାଂଘାତିକ ଅଭିଯୋଗ ଉଠାଇବା ସହ ଏହାକୁ ଓଡ଼ିଶାର ବଡ଼ ବିଜୟ ବୋଲି ଅଭିହିତ କରିଛନ୍ତି। ବିଧାୟକଙ୍କ ଅଭିଯୋଗ ଅନୁଯାୟୀ, କୋଟିଆ ଗ୍ରାମପୁଞ୍ଜର ଅଧିକାଂଶ ଲୋକ ଆନ୍ଧ୍ରର ନିର୍ବାଚନରେ ମତଦାନ କରିବାକୁ ଇଚ୍ଛୁକ ନଥିଲେ। ଏହା ସତ୍ତ୍ୱେ ଆନ୍ଧ୍ର ପ୍ରଶାସନ ପୁଲିସ ବଳ ପ୍ରୟୋଗ କରି ନିରୀହ ଆଦିବାସୀଙ୍କୁ ଚାପ ପକାଇ ମତଦାନ କରାଇଥିବା ସେ ଅଭିଯୋଗ କରିଛନ୍ତି। ଏପରିକି ନକଲି ଭୋଟର ପରିଚୟପତ୍ର ବ୍ୟବହାର କରି ମତଦାନ କରାଯାଇଥିବା ଏବଂ ମାତ୍ର ୨ ପ୍ରତିଶତ ଭୋଟରଙ୍କୁ ନେଇ ନିର୍ବାଚନ ପ୍ରକ୍ରିୟା ଚାଲିଥିବା ସତ୍ତ୍ୱେ ଅଧିକ ମତଦାନ ହୋଇଥିବା ନେଇ ମିଥ୍ୟା ପ୍ରଚାର କରାଯାଉଥିବା ସେ କହିଛନ୍ତି।କୋଟିଆରେ ଆନ୍ଧ୍ର ପକ୍ଷରୁ ନୂତନ ବୁଥ୍ ସ୍ଥାପନ କରି ନିର୍ବାଚନ କରାଇବା ସମ୍ଭବ ହୋଇନଥିବା ଦାବି କରି ତାରା କହିଛନ୍ତି ଯେ, କୋରାପୁଟ ଜିଲ୍ଲା ପ୍ରଶାସନ ଓ ସର୍ବଦଳୀୟ ନେତାଙ୍କ ମିଳିତ ଉଦ୍ୟମ ଯୋଗୁଁ ଆନ୍ଧ୍ରର ଏହି ପ୍ରୟାସକୁ ରୋକାଯାଇପାରିଛି। ଏହି ବିଫଳତା ପରେ ନକଲି ଭୋଟର ପରିଚୟପତ୍ର ବ୍ୟବହାର କରି ମତଦାନ କରାଯାଇଥିବା ସେ ଅଭିଯୋଗ ଉଠାଇଛନ୍ତି।ସେ ଆହୁରି କହିଛନ୍ତି ଯେ, ତେଲୁଗୁ ଦେଶମ ପାର୍ଟି (ଟିଡିପି) ପ୍ରାର୍ଥୀ ଚିରଞ୍ଜୀବୀ ତାଡିଙ୍ଗି ଏବଂ ୱାଇଏସ୍ ?ଆର କଂଗ୍ରେସର ପ୍ରାର୍ଥୀ ମଧ୍ୟ ମତଦାନ କରିନଥିବା ନେଇ ସୂଚନା ମିଳିଛି। ଉଭୟ ପ୍ରାର୍ଥୀ ନିର୍ବାଚନ ଲଢ଼ିବାକୁ ଅନିଚ୍ଛା ପ୍ରକାଶ କରିଥିଲେ ମଧ୍ୟ ସେମାନଙ୍କୁ ଜୋରଜବରଦସ୍ତ ପ୍ରାର୍ଥୀ କରାଯାଇଥିବା ତାରା ଅଭିଯୋଗ କରିଛନ୍ତି। କୋଟିଆବାସୀ ମତଦାନରୁ ଦୂରେଇ ରହିଥିବାରୁ ସେମାନଙ୍କୁ ପ୍ରଲୋଭିତ କରିବା ସହ ଚାପ ପ୍ରୟୋଗ କରି ଅଳ୍ପ ସଂଖ୍ୟକ ଲୋକଙ୍କୁ ଭୋଟ୍ ଦେବାକୁ ବାଧ୍ୟ କରାଯାଇଥିବା ତାଙ୍କର ଅଭିଯୋଗ।ଏହି କାରଣରୁ ମତଦାନ ପ୍ରକ୍ରିୟା ସମୟରେ ବାରମ୍ବାର ପରିବର୍ତ୍ତନ ହୋଇଥିବା ଏବଂ ଆନ୍ଧ୍ର ପ୍ରଶାସନ ପକ୍ଷରୁ ମିଥ୍ୟା ମତଦାନ ଚିତ୍ର ଉପସ୍ଥାପନ କରାଯାଇଥିବା ବିଧାୟକ ଅଭିଯୋଗ କରିଛନ୍ତି।

ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୬'



ଫୁଲବାଣୀ,୯।୧୧(ନିପ୍ର): ଛାତ୍ରଛାତ୍ରୀଙ୍କ ମଧ୍ୟରେ ଲୁଚ୍ଛାୟିତ ପ୍ରତିଭାର ବିକାଶ, ସୃଜନଶୀଳତାର ପରିପ୍ରକାଶ ଏବଂ ଅନ୍ତର୍ନିହିତ କଳାକୌଶଳକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ସ୍ଥାନୀୟ ପିଏମ୍‌ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୬' ଆୟୋଜିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ବିଭାଗ ଓ ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ୧୨ଟି ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟରୁ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଯୋଗଦେଇ ପ୍ରତିଭା ପ୍ରଦର୍ଶନ କରିଥିଲେ।ଜିଲ୍ଲା ଶିକ୍ଷା ଅଧିକାରୀ ରାକେଶ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଏବଂ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶମ୍ଭୁନାଥ ନନ୍ଦୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିସହ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମାନସ ରଞ୍ଜନ ଦାସ, ଗୋଷ୍ଠୀ ଶିକ୍ଷା ଅଧିକାରୀ ରଞ୍ଜନ କୁମାର କହଁର, ବିନୋଦ ବିହାରୀ ଦିଗାଲ ଓ ଗଣେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷୟିତ୍ରୀ ମିନାକୁମାରୀ ଦିଗାଲ ଧନ୍ୟବାଦ ଅର୍ପଣ କରିଥିଲେ। ମହୋତ୍ସବରେ ତର୍କ, ପ୍ରବନ୍ଧ, କୁଇଜ୍, ସୃଜନାତ୍ମକ ଲେଖନ, ଚିତ୍ରାଙ୍କନ, ସଙ୍ଗୀତ, ଦଳଗତ ନୃତ୍ୟ ଆଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରତି ବିଭାଗରେ ସ୍ୱତନ୍ତ୍ର ବିଚାରକମାନେ ମୂଲ୍ୟାୟନ କରିଥିଲେ। ଉଦ୍‌ଯାପନ ଓ ପୁରସ୍କାର ବିତରଣୀ ଉତ୍ସବରେ ବିଧାୟକ ଉମାଚରଣ ମଲ୍ଲିକ ମୁଖ୍ୟ ଅତିଥି ଓ କନ୍ଧମାଳ ସାଂସଦଙ୍କ ପ୍ରତିନିଧି ପ୍ରିୟନାଥ ଶର୍ମାଙ୍କ ସମେତ ଶିକ୍ଷା ବିଭାଗ ଅଧିକାରୀମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଦଳଗତ ନୃତ୍ୟ ପ୍ରତିଯୋଗିତାରେ ଦାରିଙ୍ଗବାଡ଼ି ବ୍ଲକ୍ ପ୍ରଥମ ସ୍ଥାନ ହାସଲ କରିଥିଲା। ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଆଗାମୀ ଦିନରେ ରାଜ୍ୟସ୍ତରୀୟ 'ସୁରଭି' ପ୍ରତିଯୋଗିତାରେ ଜିଲ୍ଲାର ପ୍ରତିନିଧିତ୍ୱ କରିଥିଲେ।

ମାନବିକତା ଓ ସାମାଜିକ ମୂଲ୍ୟବୋଧର ବାର୍ତ୍ତା ଦେଲା ଜୟାମାଳା

ସମ୍ବଲପୁର,୯।୧୧(ନିପ୍ର): ମାନବିକତା, ସାମାଜିକ ମୂଲ୍ୟବୋଧ ଓ ସାଂସ୍କୃତିକ ଚେତନାର ପ୍ରସାର ଲକ୍ଷ୍ୟରେ ସ୍ଥାନୀୟ ହରଜିତ୍ ରେସିଡେନ୍ସି ଠାରେ ଜୟାମାଳା ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇ ଯାଇଛି। ହାଇକୋର୍ଟର ଆଇନଜୀବୀ ତଥା ଅନୁଷ୍ଠାନର ପୃଷ୍ଠପୋଷକ ରୀତା ଶତପଥୀ ପାଢ଼ୀଙ୍କ ପ୍ରେରଣା ଓ ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମାନବିକତା, ମାନବୀୟ ମୂଲ୍ୟବୋଧ ଏବଂ ସାମାଜିକ ପ୍ରଗତିକୁ ଗୁରୁତ୍ୱାରୋପ କରାଯାଇଥିଲା। ଜନ୍ମମାଟି ସମ୍ବଲପୁରରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ରୀତା ଶତପଥୀ ପାଢ଼ୀ ସମ୍ବଲପୁରୀ ଭାଷାରେ ଆରମ୍ଭ କରି ସ୍ଥାନୀୟ ମାଟି ଓ ସଂସ୍କୃତି ପ୍ରତି ନିଜର ଆତ୍ମୀୟତା ପ୍ରକାଶ କରିଥିଲେ। ଫାଇଲିନ୍ ସମୟରେ ବିପନ୍ନ ଲୋକଙ୍କ ଜୀବନ ସଂଘର୍ଷ ଓ ପୁନର୍ବାର ଜୀବନକୁ ଗଢ଼ିବାର ଅଦମ୍ୟ ଇଚ୍ଛାଶକ୍ତି ସମ୍ପର୍କରେ ସେ ଆଲୋକପାତ କରିଥିଲେ। ପରସ୍ପର ପ୍ରତି ଶ୍ରଦ୍ଧା, ସହାନୁଭୂତି ଓ ମାନବିକତାର ଭାବନା ଜାଗ୍ରତ ହେଲେ ହିଁ ଏକ ସୁସ୍ଥ ଓ ପ୍ରଗତିଶୀଳ ସମାଜ ଗଠନ ସମ୍ଭବ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ମାନବୀୟ ଆଦର୍ଶ, ଜୀବନର ଅନୁଭବ ଓ ସାମାଜିକ ଦାୟିତ୍ୱବୋଧକୁ ଜନଜୀବନରେ ପ୍ରତିଫଳିତ କରାଯିବା ନେଇ ମଧ୍ୟ ଆଲୋଚନା ହୋଇଥିଲା। ଏହି ଅବସରରେ ପୂର୍ବତନ କୁଳପତି ଆଦିତ୍ୟ ପ୍ରସାଦ ପାଢ଼ୀ ମୁଖ୍ୟ ଅତିଥି ଏବଂ ଡା. ଅଭିନ୍ନ କୁମାର ହୋତା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମିଡିଆ ପାର୍ଟନର ଭାବେ 'ସିଧା କଥା'ର ସମ୍ପାଦକ ଡା. ପ୍ରବାସ ଆଚାର୍ଯ୍ୟ ସହଯୋଗ କରିଥିଲେ। ଏହା ସହିତ ମ୍ୟୁଜିକ୍ ଥେରାପି ମାଧ୍ୟମରେ ମାନସିକ ଶାନ୍ତି ଓ ସକାରାତ୍ମକ ଚିନ୍ତାଧାରାର ବିକାଶ ସହ ମାନବୀୟ ମୂଲ୍ୟବୋଧର ଗୁରୁତ୍ୱ ସମ୍ପର୍କରେ ମଧ୍ୟ ମତବିନିମୟ ହୋଇଥିଲା। ଅନୁଷ୍ଠାନର ସମ୍ପାଦକ ତଥା କଣ୍ଠଶିଳ୍ପୀ ଆନନ୍ଦିତା ଦାସ ଓ ଅନ୍ୟ ଅତିଥିମାନେ ଜୟାମାଳା କେବଳ ଏକ ସାଂସ୍କୃତିକ ଅନୁଷ୍ଠାନ ନୁହେଁ, ସମାଜକୁ ଏକତ୍ରିତ କରିବା ସହ ମାନବିକତା ଓ ସାମାଜିକ ଚେତନାକୁ ଜାଗ୍ରତ କରିବାର ଏକ ମାଧ୍ୟମ ବୋଲି ମତ ଦେଇଥିଲେ।

ବୃଦ୍ଧାଶ୍ରମ ଅନ୍ତେବାସୀଙ୍କ ସହ ଦୀପାବଳି ପାଳିଲା ସେବା ଫାଉଣ୍ଡେସନ

ଡୁଙ୍ଗୁରିପାଲି:୧୦/୧୧(ନି ପ୍ର) ଆଲୋକର ପର୍ବ ଦୀପାବଳିକୁ ଅଧିକ ଅର୍ଥପୂର୍ଣ୍ଣ ଓ ଆନନ୍ଦମୟ କରିବା ଉଦ୍ଦେଶ୍ୟରେ ସେବା ଫାଉଣ୍ଡେସନ ପକ୍ଷରୁ ସମଲେଇପଦରସ୍ଥିତ ପାର୍ବତୀଗିରି ବୃଦ୍ଧାଶ୍ରମର ଅନ୍ତେବାସୀମାନଙ୍କ ସହ ଦୀପାବଳି ପର୍ବ ପାଳନ କରାଯାଇଥିଲା।ଏହି ଅବସରରେ ଫାଉଣ୍ଡେସନର ସଦସ୍ୟମାନେ ବୃଦ୍ଧାଶ୍ରମର ଅନ୍ତେବାସୀମାନଙ୍କ ସହ କିଛି ଆନନ୍ଦମୟ ସମୟ ବିତାଇବା ସହ ଦୀପାବଳିର ଖୁସି ବାଣ୍ଟିଥିଲେ। ଏକାକୀ ଜୀବନ ବିତାଉଥିବା ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କ ମୁହଁରେ ହସ ଫୁଟାଇବା ଏବଂ ସେମାନଙ୍କୁ ଆପଣାର ପଣିଆର ଅନୁଭବ ଦେବା ଥିଲା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ।ଫାଉଣ୍ଡେସନର ଏହି ମହତ୍ ପ୍ରୟାସ ମାଧ୍ୟମରେ ମାନବ ସେବା ହିଁ ପ୍ରକୃତ ଧର୍ମ ବୋଲି ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କର।ଯାଇଥିଲ।।ସେବା ଫାଉଣ୍ଡେସନ ର ପ୍ରତିଷ୍ଠାତା ବିଭୁଦତ୍ତ ବିଶ୍ୱାଳ ଙ୍କ ତତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସଭ୍ୟ ଅରବିନ୍ଦ ପଟେଲ, ସୁଶାନ୍ତ ବାରିକ, ସଭ୍ୟା ନିତା ପଟେଲ, ଝରଣା ତ୍ରିପାଠୀ ଉପସ୍ଥିତ ଥିଲେ

ତାଳଚେରରେ ଗଣ୍ଡାଗଣ୍ଡା ଶିଶୁ ଭିକ୍ଷୁକ

ତାଳଚେର,୧୦/୧୧ ତାଳଚେର ଅଂଚଳରେ ଗଣ୍ଡାଗଣ୍ଡା ଶିଶୁ ଭିକ୍ଷୁକ ଘୂରାଘୁଲୁଥିବାର ଦୃଶ୍ୟ ପରିଲକ୍ଷିତ ହୋଇଛି । ଏମାନେ ଦୋକାନ ବଜାର, ମାର୍କେଟ, ହାଟ ଓ ଜନଗହଳି ସ୍ଥାନ ଗୁଡ଼ିକରେ ପ୍ରାୟ ସମୟରେ ଦେଖାଯାଉଛନ୍ତି । ସରକାରଙ୍କ ଶିଶୁମାନଙ୍କ ପ୍ରତି ଗୁରୁତ୍ୱ ଦେଉଥିବା ବେଳେ ଅସହାୟ ଓ ନିରୁପାୟ ଶିଶୁମାନଙ୍କୁ ନିଆଯାଇ ସେମାନଙ୍କ ଖାଦ୍ୟ, ପାନୀୟ ଏପରିକିପାଠପଢ଼ିବା ବ୍ୟବସ୍ଥା କରିଗା ସହ ଏଥିପାଇଁ ଶିଶୁମାଙ୍ଗଳ କାର୍ଯ୍ୟାଳୟ ଖୋଲା ଯାଇଛି, ଯାହାକି ସେମାନେ କୋମଳମତୀ ବୟସରେ ପଥଭ୍ରଷ୍ଟ ନହୋଇ ଆଗାମୀ ଦିନରେ ଦେଶର ଭବିଷ୍ୟତରେ ପରିଗଣିତ ହେବ ।

ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONVBBS 2026037, ତା.30.10.2026ରିଖ

କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥର ରାୟଗଡ଼ା ମଣ୍ଡଳର ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-V), ଭୁବନେଶ୍ୱର ପରିସୀମା ଅଧିନରେ ବିଭିନ୍ନ ନିର୍ମାଣ ପ୍ରକଳ୍ପଗୁଡ଼ିକ ନିମନ୍ତେ ଆଣ୍ଠୁ, ଓଡ଼ିଶା ଏବଂ ଛତିଶଗଢ଼ରେ ରେଳବାଇ ଅଧିଗ୍ରହଣ ଅଧିନିୟମ 2008 ଅଧିନରେ ବେସରକାରୀ ଜମିର ଅଧିଗ୍ରହଣ / ସରକାରୀ ଜମିର ହସ୍ତାନ୍ତରଣ ଓ ଅନୁମତିପ୍ରାପ୍ତ ବଖଲ ଏବଂ ଜଙ୍ଗଲ ଜମିର ଜିସମ ପରିବର୍ତ୍ତନ ପାଇଁ ଜମି ଅଧିଗ୍ରହଣ ନିମନ୍ତେ କ୍ଷମତାପନ୍ନ କର୍ତ୍ତୃପକ୍ଷ (CALA)କୁ ସହାୟତା ପ୍ରଦାନ କରିବା ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 518.36 ଲକ୍ଷ, EMD : ₹ 10,36,700/-, କାର୍ଯ୍ୟ ଶେଷ ହେବା ଅବଧି : 18 (ଅଠର) ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.30.12.2026ରିଖ 1700 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ତାଲାକୋଲିୟର/ଫାକ୍ସ କରିଥାରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରସ୍ତାବ ଅପର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅପରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ଓ୍ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ଓ୍ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ବିଦ୍ୟମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ୱାସ୍-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଦ୍ୟମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରି

ରୋଟାରୀ କ୍ଲବ୍ ବୁର୍ଲା ପକ୍ଷରୁ ଆନ୍ତଃ ଅନୁଷ୍ଠାନ ବ୍ୟାଡମିଣ୍ଟନ୍ ପ୍ରତିଯୋଗିତା



ବୁର୍ଲା, ୯/୧୧(ନିପ୍ର): ରୋଟାରୀ କ୍ଲବ୍ ବୁର୍ଲା ପକ୍ଷରୁ ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମ୍‌ଠାରେ ପୁରୁଷ ଓ ମହିଳା ବର୍ଗରେ ଏକ ଆନ୍ତଃ–ଅନୁଷ୍ଠାନ ବ୍ୟାଡମିଣ୍ଟନ୍ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏଥିରେ ଅଞ୍ଚଳର ବିଭିନ୍ନ ବିଶ୍ୱବିଦ୍ୟାଳୟର ଖେଳାଳିମାନେ ଉତ୍ସାହର ସହ ଯୋଗଦେଇ ନିଜ କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ରୋଟାରୀ କ୍ଲବ୍ ବୁର୍ଲାର ସଭାପତି ପ୍ରଫେସର ମଳୟ ରଞ୍ଜନ ମହାନନ୍ଦ ଅଧ୍ୟକ୍ଷତା କରି ରୋଟାରୀର ମୂଳ ଲକ୍ଷ୍ୟ, ସାମାଜିକ ସେବା ଓ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବାରେ ଏହାର ଭୂମିକା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏଥିସହ ଯୁବପିଢ଼ି କ୍ରୀଡ଼ା କ୍ଷେତ୍ରରେ ନେତୃତ୍ୱ ନେବା ସହ ନିଜର ପ୍ରତିଭାର ବିକାଶ ପାଇଁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ହିଣ୍ଡାଲକୋର ମାନବ ସମ୍ବଳ ବିଭାଗର ଅଧିକାରୀ ସମୀର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନେ କ୍ରୀଡ଼ା ସହିତ ଶିକ୍ଷା କ୍ଷେତ୍ରରେ ମଧ୍ୟ ଉତ୍କର୍ଷତା ହାସଲ କରିବାକୁ ପରାମର୍ଶ ଦେଇଥିଲେ। ମଞ୍ଚରେ କ୍ଲବ୍?ର ଚାର୍ଟର ସଦସ୍ୟ ରୋଟାରିଆନ୍ ରାଜୁ ଜାଡୋଡ଼ିଆ ଓ ରୋଟାରିଆନ୍ ଏସ୍.ଏସ୍. କାବଲି ଉପସ୍ଥିତ ଥିଲେ। ପ୍ରତିଯୋଗିତା ରେ ପୁରୁଷ ଏକକ ବର୍ଗରେ ଭିସୁଟ୍?ର ରାହୁଲ ରାୟ ବିଜେତା ହୋଇଥିବା ବେଳେ ଜି.ଏମ୍. ବିଶ୍ୱବିଦ୍ୟାଳୟର ଅନୁରାଗ ବେହେରା ଉପବିଜେତା ହୋଇଥିଲେ। ମହିଳା ଏକକ ବର୍ଗରେ ଆଇଆଇଏମ୍ ବିଜେତା ଓ ଭିସୁଟ୍ ଉପବିଜେତା ହୋଇଥିଲା। ସେହିପରି ପୁରୁଷ ଯୁଗଳ ବର୍ଗରେ ଜି.ଏମ୍. ବିଶ୍ୱବିଦ୍ୟାଳୟର କ୍ଷିତୀଶ ପରିଡ଼ା ଓ ନିତ୍ୟାନନ୍ଦ ଦାଶଙ୍କ ଯୋଡ଼ି ଚାମ୍ପିୟନ ହୋଇଥିବାବେଳେ ଭିସୁଟ୍‌ର ଶୁଭମ୍ ସରକାର ଓ ଇ. କୁନାଲଙ୍କ ଯୋଡ଼ି ଉପବିଜେତା ହୋଇଥିଲେ। ମହିଳା ଯୁଗଳ ବର୍ଗରେ ଆଇଆଇଏମ୍ ବିଜେତା ଓ ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ଉପବିଜେତା ହୋଇଥିଲା।ସମାପନୀ ତଥା ପୁରସ୍କାର ବିତରଣ ସମାରୋହରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦର ସମ୍ପାଦକ ପ୍ରଫେସର ପ୍ରିୟବ୍ରତ ଗୋଛାୟତ ଅତିଥି ଭାବେ ଯୋଗଦେଇ କୃତୀ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ରୋଟାରୀ ସଦସ୍ୟ ଅଶୋକ ନାୟକ, ଶିବ ପାଢ଼ୀ, ଡି.କେ. କାପାନୀ, ଏ.ଟି. ରାଉତ, ପ୍ରଫେସର ବି.ବି. ମିଶ୍ର, ସୁମନ୍ତ ନାୟକ, ପ୍ରଫେସର ଶ୍ରୀବତ୍ସ ମହାପାତ୍ର, କାଲୁ ସ୍ୱାଇଁ, ପ୍ରଫେସର ଏସ୍.କେ. ସ୍ୱାଇଁ, ଡା. ଶର୍ମିଳା ଗର୍ଗନାୟକ, ଡା. ଶଶିଭୂଷଣ ବିଶ୍ୱାଳ, ପ୍ରଫେସର ଅଜୟ ବେହେରା ଓ ଆ.ସି. ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଫେସର ସଞ୍ଜୟ ପଟ୍ଟନାୟକ ଓ ପ୍ରଫେସର ଦେବେନ୍ଦ୍ର ମଲ୍ଲିକଙ୍କ ମାର୍ଗଦର୍ଶନରେ ପ୍ରତିଯୋଗିତାର ଆୟୋଜନ ସଫଳ ହୋଇଥିଲା।ବିଭିନ୍ନ ମ୍ୟାଚ୍‌କୁ ରେଫରି ଜୟନ୍ତ, ସୁଧାଂଶୁ ମହାପାତ୍ର, ଜଗେଶ୍ୱର, ସୌରଭ, ଅମୃତ, ପୁରୁ ଓ ସନତ ରଣବୀରା ସୁତାରୁ ରୂପେ ପରିଚାଳନା କରିଥିଲେ। ପରିବେଶ ବିଜ୍ଞାନ ବିଭାଗର ଛାତ୍ର ଦିବ୍ୟ ରଞ୍ଜନ ବେହେରା, ସୌମ୍ୟ ରଞ୍ଜନ ବାରିକଙ୍କ ସମେତ ଅନ୍ୟ ଛାତ୍ରଛାତ୍ରୀ ସ୍ୱେଚ୍ଛାସେବୀ ଭାବେ ସହଯୋଗ କରିଥିଲେ। ଶେଷରେ କ୍ଲବ୍?ର ସମ୍ପାଦକ ଡା. ଆର୍ ପତି ଧନ୍ୟବାଦ ଅର୍ପଣ କରିଥିଲେ।

‘ପରବ–୨୦୨୬’ ପ୍ରସ୍ତୁତିର ସମୀକ୍ଷା କଲେ ଜିଲ୍ଲାପାଳ



କୋରାପୁଟ, ୯/୧୧(ନି ପ୍ର): ଜାତୀୟ ସ୍ତରୀୟ ଆଦିବାସୀ ଲୋକ ମହୋତ୍ସବ ‘ପରବ ୨୦୨୬’ ଆୟୋଜନକୁ ସଫଳ ଓ ଆକର୍ଷଣୀୟ କରିବା ପାଇଁ କୋରାପୁଟ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ କୁନ୍ଦୁରା ବ୍ଲକ୍‌ର ବାଗଦେରି ଗ୍ରାମ ପଞ୍ଚାୟତ ଗସ୍ତ କରି ମହୋତ୍ସବ ଆୟୋଜନ ସ୍ଥଳରେ ଚାଲିଥିବା ବିଭିନ୍ନ ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କରିଛନ୍ତି।ଆଦିବାସୀ ସମାଜର ସମୃଦ୍ଧ କଳା, ସଂସ୍କୃତି, ପରମ୍ପରା ଓ ଲୋକଜୀବନକୁ ଜାତୀୟ ସ୍ତରରେ ପରିଚିତ କରାଇବା ସହ ଜନଜାତିଙ୍କ ଅନନ୍ୟ ଐତିହ୍ୟ ଓ ପରିଚୟକୁ ଲୋକଲୋଚନକୁ ଆଣିବା ଏହି ମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ। ଏହାକୁ ଦୃଷ୍ଟିରେ ରଖି ମହୋତ୍ସବ ସ୍ଥଳରେ ମଞ୍ଚ ନିର୍ମାଣ, ପ୍ରଦର୍ଶନୀ ବ୍ୟବସ୍ଥା, ଯାତାୟାତ ଓ ପାର୍କିଂ, ପାନୀୟ ଜଳ ଯୋଗାଣ, ପରିମଳ, ଆଲୋକୀକରଣ, ସ୍ୱାସ୍ଥ୍ୟସେବା ଏବଂ ସୁରକ୍ଷା ବ୍ୟବସ୍ଥା ଆଦିର ସ୍ଥିତି ଜିଲ୍ଲାପାଳ ଅନୁଧ୍ୟାନ କରିଥିଲେ। ମହୋତ୍ସବକୁ ଆସିବାକୁ ଥିବା ଅତିଥି, କଳାକାର ଓ ଦର୍ଶକଙ୍କ ପାଇଁ ଆବଶ୍ୟକ ସମସ୍ତ ସୁବିଧା ସୁଯୋଗ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ମହୋତ୍ସବର ସୁପରିଚାଳନା ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ପ୍ରସ୍ତୁତି କାର୍ଯ୍ୟ ଆଗେଇ ନେବା ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଏହି ଗସ୍ତ ସମୟରେ କୋଟପାଡ଼ ବିଧାୟକ ରୂପୁ ଭତ୍ରା, କୋରାପୁଟ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରାଧାବିନୋଦ ସାମନ୍ତରାୟ, କୋରାପୁଟ ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ, ଜୟପୁର ଉପଜିଲ୍ଲାପାଳ ଶୁଭ୍ରା ପଣ୍ଡା, କୁନ୍ଦୁରା ବିଡିଓ ପି. ମନସ୍ୱିତାଙ୍କ ସମେତ ଜିଲ୍ଲା ଓ ବ୍ଲକ୍?ସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

ବନ୍ଧୁଗାଁ: ୯।୧୧(ନିପ୍ର)କୋରାପୁଟ ଜିଲ୍ଲାର ବନ୍ଧୁଗାଁ ବ୍ଲକ୍ ଅନ୍ତର୍ଗତ ନୀଲାବାଡ଼ି କଲ୍ୟାଣ ମଣ୍ଡପଠାରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ନରେଶ ଚନ୍ଦ୍ର ଶବରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ଜନ ସାଧାରଣଙ୍କଠାରୁ ମୋଟ ୮୬ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୪୨ଟି ଗୋଷ୍ଠୀଗତ ଏବଂ ୪୪ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ଆର୍ଥିକ ସହାୟତା, ଘର ପଟ୍ଟା, ନିଲାବାଡ଼ି ଗ୍ରାମର ୬ ଜଣ ଜମି ସାହୁକାରଙ୍କ ଠୁ କିଛି ବର୍ଷ ପୂର୍ବେ ୮୦ ରୁ ଊର୍ଦ୍ଧ୍ୱ ଚାଷ ଜମି ଚାଷୀ ମୁଲିଆ ଆଦିବାସି ସଙ୍ଗର କିଛି ଚାଷୀ ମାନେ ଆମଠୁ ଆମ ଚାଷ ଜମିକୁ ହୋଡପ କରି ବର୍ଷ ବର୍ଷ ଧରି ଆମ ଜମି ଆମକୁ ନ ଦେଇ ଚାଷୀ ମୁଲିଆ ସଙ୍ଗ ଲୋକେନେଇଥିବାର ଅଭିଯୋଗ କରିଛନ୍ତି ଓ ଘର ଘର ଓ ପରିବାର ମଧ୍ୟରେ ଜମିଜମା ବିବାଦ, ଓ ବନ୍ଧୁଗାଁ ବ୍ଲକର ଗଣ ମାଧ୍ୟମ ଜନ ପ୍ରତିନିଧି ଙ୍କ ପାଇଁ ଏକ ସାମ୍ବାଦିକ ଗୃହ ପାଇଁ ଲିଖିତ ଜଣାଇଥିଲେ,ପାନୀୟ ଜଳ, ସ୍ୱାସ୍ଥ୍ୟସେବା,ପ୍ରାୟ ଗ୍ରାମରେ ଅଧ ପନ୍ତରିଆ ହୋଇ ପଡିରହିଥିବା ଅର ଡି ବିଭାଗର ରାସ୍ତା ଓ ଯାତାୟାତ ଏବଂ ବିଦ୍ୟୁତ୍ ସରବରାହ ଆଦି ବିଭିନ୍ନ ସମସ୍ୟା ସମ୍ପର୍କରେ ଲୋକମାନେ ନିଜ ନିଜର ଅଭିଯୋଗ ଉପସ୍ଥାପନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶବର ଅଭିଯୋଗକାରୀମାନଙ୍କ ସମସ୍ୟା ଶୁଣିବା ସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଅଭିଯୋଗଗୁଡ଼ିକର ତ୍ୱରିତ ଓ ନିୟମାନୁଯାୟୀ ସମାଧାନ ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ।



ଏହି ଶିବିରରେ କୋରାପୁଟ ଉପଜିଲ୍ଲାପାଳ ସୁଶ୍ରୀ ଫାବି ରଶିଦ,ବନ୍ଧୁଗାଁ ବ୍ଲକ୍ ଅଧ୍ୟକ୍ଷା ସୁଶ୍ରୀ ଲକ୍ଷ୍ମୀ ମିଣ୍ୟାକା, ବନ୍ଧୁଗାଁ ଥାନା ଅଧିକାରୀ ଶ୍ରୀ ସିନ୍ଧୁ ସାରକା, ଲକ୍ଷ୍ମୀପୁର ଏସଡିପିଓ ଶ୍ରୀ ଏମ୍.କେ. ବେହେରା ଏବଂ ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ଓ ବ୍ଲକ୍‌ସ୍ତରୀୟ ର ସମସ୍ତ ବିଭାଗର କର୍ମଚାରି ଓ ଅଧିକାରୀ ଉପସ୍ଥିତ ଥିଲେ।

ଦେବଗଡ଼ (ନିପ୍ର)ତିଲେଇବଣୀ ବ୍ଲକ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଓ ଆରକ୍ଷୀ ଅଧିକ୍ଷକ କିଶୋର ଚନ୍ଦ୍ର ମୁଣ୍ଡଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ସାହୁ ଓ ଆରକ୍ଷୀ ଅଧିକ୍ଷକ ଶ୍ରୀ ମୁଣ୍ଡ ଯୋଗଦେଇ ୧୮ ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅଭିଯୋଗ ମଧ୍ୟରେ ୪ ଟି ବ୍ୟକ୍ତିଗତ ଏବଂ ୧୪ ଟି ସାମୁହିକ ଅଭିଯୋଗ ହୋଇଥିବା ଜଣାପଡିଛି । ବିଶେଷ କରି ଜମି ବାଡ଼ି ବିବାଦ,ରାସ୍ତା ନିର୍ମାଣ, ଷ୍ଟ୍ରିଟ୍? ଲାଇଟ୍, ପୋଲ ଓ ନଳକୂପ ମରାମତି ଆଦି ନିମନ୍ତେ ଅଭିଯୋଗ ହୋଇଥିଲା । ଅଭିଯୋଗ ଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ଶ୍ରୀ ସାହୁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଶିବିରରେ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ଉପଜିଲ୍ଲାପାଳ ରଶ୍ମୀ ରଞ୍ଜନ ମହନ୍ତ , ଏ ସି ଏଫ୍ ସ୍ୱାଧିନତା ସାହାଣୀ,ଜିଲ୍ଲା ପଞ୍ଚାୟତ ଅଧିକାରୀ ହେମନ୍ତ ସିଂ,ଡେପୁଟି କଲେକ୍ଟର ଅଞ୍ଜୁନୀ କୁଜୁର ,ତହସିଲଦାର କର୍ଣ୍ଣ ମଲ୍ଲିକ୍,ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିୟଦର୍ଶିନୀ ମିର୍ଦ୍ଧା ଓ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

ବରଗଡ଼,(ନିପ୍ର): ବରଗଡ଼ ଜିଲ୍ଲାର ସୋହେଲା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଏବଂ ଏସ୍‌ପି ରବୀନ୍ଦ୍ର ନାଥ ଶତପଥୀଙ୍କ ମିଳିତ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଜନସାଧାରଣ ନିଜ ନିଜର ସମସ୍ୟା ଓ ଅଭିଯୋଗ ଉପସ୍ଥାପନ କରିଥିଲେ। ଶିବିରରେ ଜିଲ୍ଲାପାଳ, ଏସ୍‌ପିଙ୍କ ସମେତ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଲଲାଟ କୁମାର ଲୁହା, ଉପଜିଲ୍ଲାପାଳ ହେମସାଗର ଭୋଇ, ଏସ୍‌ଡିପିଓ ପାଣ୍ଡବ ଶବର ଏବଂ ଅତିରିକ୍ତ ଜିଲ୍ଲାପାଳ ସରୋଜିନୀ ପ୍ରସନ୍ନ କୁଲୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ମୁଖ୍ୟତଃ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ସମସ୍ୟା, ରାସନ କାର୍ଡ, ବାର୍ଦ୍ଧକ୍ୟ ଓ ଭିନ୍ନକ୍ଷମ ଭତ୍ତା, ରାସ୍ତା ନିର୍ମାଣ ଏବଂ କୃଷି ସମସ୍ୟାଉପରେ ୨୩ ଅଭିଯୋଗ ଉପସ୍ଥାପିତ ହୋଇଥିଲା। ଅଭିଯୋଗଗୁଡ଼ିକର ଗୁରୁତ୍ୱକୁ ଅନୁଧ୍ୟାନ କରି ଜିଲ୍ଲାପାଳ ଶ୍ରୀ ଗୋୟଲ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ତୁରନ୍ତ ତଦନ୍ତ କରିବା ସହ ଶୀଘ୍ର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସାମ୍ପ୍ରତିକ ଅର୍ଣ୍ଣବ ବାତ୍ୟାର ପ୍ରଭାବରେ କ୍ଷତିଗ୍ରସ୍ତ ଧାନ ଓ ମକା ଫସଲକୁ ନେଇ ଚାଷୀମାନେ ନିଜର ଅଭିଯୋଗ ଓ ସମସ୍ୟା ଜିଲ୍ଲାପାଳଙ୍କ ନିକଟରେ ଉପସ୍ଥାପନ କରିଥିଲେ। ଫସଲ କ୍ଷୟକ୍ଷତିର ଆକଳନ ଓ ଚାଷୀଙ୍କ ସମସ୍ୟାର ସମାଧାନ ଦିଗରେ ପ୍ରଶାସନର ହସ୍ତକ୍ଷେପ ଲୋଡ଼ିଥିଲେ।

ସମସ୍ୟା ସମାଧାନ ଦାବିରେ ବିଜେଡିର ଦାବିପତ୍ର



ଧର୍ମଗଡ଼,୯।୧୧(ନିପ୍ର): ଧର୍ମଗଡ଼ ବ୍ଲକ ଅଞ୍ଚଳରେ ରହିଥିବା ବିଭିନ୍ନ ସମାଧାନ ଦାବିରେ ବିଜୁ ଜନତା ଦଳ ଧର୍ମଗଡ଼ ପକ୍ଷରୁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି। ଏନେଇ ଦଳ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇ ବ୍ଲକ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଆଇନ ଶୃଙ୍ଖଳା, ବେଆଇନ ମଦକୋଠି, ବସଷ୍ଟାଣ୍ଡ, ମନ୍ଦିର ଓ କେନ୍ଦ୍ରୀୟ ବିଦ୍ୟାଳୟ ନିକଟରେ ଥିବା ମଦ ଦୋକାନଗୁଡ଼ିକ ବନ୍ଦ କରିବା ପାଇଁ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଦାବି କରାଯାଇଛି। ଅଞ୍ଚଳର ସାଧାରଣ ଲୋକେ ଦୀର୍ଘଦିନ ଧରି ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକର ସମାଧାନ ସହ ଉନ୍ନତ ମୌଳିକ ସୁବିଧା ଯୋଗାଇଦେବା ଉପରେ ଦଳ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି।ଆହୁରି ମଧ୍ୟ ପ୍ରଶାସନ ସମସ୍ୟାକୁ ଗୁରୁତ୍ୱ ଦେଇ ତୁରନ୍ତ ପଦକ୍ଷେପ ନିଅନ୍ତୁ ଅନ୍ୟଥା ବିଜେଡି ପକ୍ଷରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ବିଜେଡି ବ୍ଲକ ସଭାପତି ଡାକେଶ୍ୱର ଲହଙ୍ଗଳଙ୍କ ନେତୃତ୍ୱରେ ଆସିଥିବା କର୍ମୀମାନେ ଦାବିପତ୍ର ପ୍ରଦାନ କରିଥିଲେ।

ବିକଶିତ ଭାରତ ଯୁବ ସଂସଦ ଏକ ଦେଶ, ଏକ ନିର୍ବାଚନ ପ୍ରସଙ୍ଗରେ ଆଲୋଚନା



ଫୁଲବାଣୀ,୯।୧୧(ନିପ୍ର): ଗଣତନ୍ତ୍ରର ମୂଳଦୁଆକୁ ବୁଝିବା ସହ ଦେଶର ନୀତି ନିର୍ଦ୍ଧାରଣ ଓ ଜାତୀୟ ପ୍ରସଙ୍ଗରେ ଯୁବପିଢ଼ିଙ୍କ ମତାମତ ସାମ୍ନାକୁ ଆଣିବା ଲକ୍ଷ୍ୟରେ ଫୁଲବାଣୀରେ ଅନୁଷ୍ଠିତ ହୋଇଯାଇଛି ‘ବିକଶିତ ଭାରତ ଯୁବ ସଂସଦ’। ମାଇ ଭାରତ, କନ୍ଧମାଳ ପକ୍ଷରୁ ଜିଲ୍ଲା ପରିଷଦ ସଭାଗୃହରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୨୦୦ରୁ ଊର୍ଦ୍ଧ୍ୱ ଯୁବକଯୁବତୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ‘ଏକ ଦେଶ, ଏକ ନିର୍ବାଚନ’ ଶୀର୍ଷକ ବକ୍ତୃତା ପ୍ରତିଯୋଗିତା। ଏହି ପ୍ରସଙ୍ଗରେ ଯୁବ ପ୍ରତିଯୋଗୀମାନେ ନିଜ ନିଜର ଯୁକ୍ତି, ମତାମତ ଓ ଦୃଷ୍ଟିକୋଣ ଉପସ୍ଥାପନ କରିଥିଲେ। ପ୍ରତିଯୋଗିତାରେ ପ୍ରତ୍ୟୁଷା ଦାସ ପ୍ରଥମ, ଶ୍ରଦ୍ଧାଞ୍ଜଳି ସାହୁ ଦ୍ୱିତୀୟ ଓ ସରିତା ପଣ୍ଡା ତୃତୀୟ ସ୍ଥାନ ହାସଲ କରିଥିଲେ। ସେହିପରି ଏଲ୍ ନାରାୟଣୀ ରେଙ୍ଗି ଓ ଜ୍ୟୋତିରଞ୍ଜନ ଦିଗାଲଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ମିଳିଥିଲା। ମୁଖ୍ୟ ଅତିଥି ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ ବିଜେତାମାନଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ।

ଏହି ଅବସରରେ ବିଧାୟକ ଶ୍ରୀ ମଲ୍ଲିକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିବା ସହିତ ଯୁବପିଢ଼ିଙ୍କୁ ଗଣତାନ୍ତ୍ରିକ ପ୍ରକ୍ରିୟା ଓ ଜାତୀୟ ବିକାଶ ସମ୍ପର୍କିତ ଆଲୋଚନାରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସହରାଞ୍ଚଳ ବିକାଶ ପ୍ରକଳ୍ପ ଅଧିକାରୀ ପ୍ରବୀଣ କୁମାର ବାଣୁଆ, ଜିଲ୍ଲା ଦକ୍ଷତା ତଥା ନିୟୋଜନ ଅଧିକାରୀ ପୁରୁଷୋତ୍ତମ ମହାପାତ୍ର, ଜିଲ୍ଲା କ୍ରୀଡ଼ା ଅଧିକାରୀ ସମୀର କୁମାର ନାୟକ ଓ ଅଧ୍ୟାପିକା ନିବେଦିତା ପଟ୍ଟନାୟକ ଯୋଗଦେଇଥିଲେ। ବିଚାରକ ଭାବେ ରବୀନ୍ଦ୍ରନାଥ ମିଶ୍ର, ନବକିଶୋର ରଥ, ଡ. ପୂର୍ଣ୍ଣେନ୍ଦୁ ତ୍ରିପାଠୀ, ମନୋଜ କୁମାର ପଟ୍ଟନାୟକ ଏବଂ ନିରଞ୍ଜନ ପାଣ୍ଡେ ଦାୟିତ୍ୱ ତୁଲାଇଥିଲେ। ମାଇ ଭାରତ, କନ୍ଧମାଳର ସହକର୍ମୀ ସତ୍ୟଗନ ଦଳବେହେରା ସ୍ୱାଗତ କରିଥିବା ବେଳେ ମନୋଜ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ଜାତୀୟ ଆଇନ ସେବା ଦିବସରେ ସଚେତନତା ପଦଯାତ୍ରା

ଜୟପୁର, ୯/୧୧ (ନି ପ୍ର): ଜାତୀୟ ଆଇନ ସେବା ଦିବସ ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜୟପୁର ପକ୍ଷରୁ ଏକ ସଚେତନତା ପଦଯାତ୍ରା ଓ ଆଲୋଚନା ସଭା ଆୟୋଜିତ ହୋଇଥିଲା। ଜିଲ୍ଲା ଦୌରା ଜଜ୍ ତଥା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଦୀପ କୁମାର ମହନ୍ତ ସବୁଜ ପତାକା ଦେଖାଇ ଜିଲ୍ଲା ବିଚାରାଳୟ ପରିସରରୁ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଏଥିରେ ଉପର କୋଲାବ ପ୍ରୋଜେକ୍ଟ ହାଇସ୍କୁଲ, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ପାରାଲିଗାଲ ସ୍ୱେଚ୍ଛାସେବୀ ଓ ବିଚାର ବିଭାଗୀୟ ଅଧିକାରୀମାନେ ସାମିଲ ହୋଇ ସହର ପରିକ୍ରମା କରିଥିଲେ। ସ୍ଲୋଗାନ ଓ ଲିଫଲେଟ୍ ମାଧ୍ୟମରେ ମାଗଣା ଆଇନ ସହାୟତା, ମଧ୍ୟସ୍ଥତା ଏବଂ ଲୋକ ଅଦାଲତ ଜରିଆରେ ମାମଲାର ସମାଧାନ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ପରେ ଆୟୋଜିତ ଆଲୋଚନା ସଭାରେ ଆଇନ ସେବା ପ୍ରାଧିକରଣ ଆଇନର ଧାରା ୧୨ ଅନୁଯା

ଏସଓଏମ ନିର୍ବାଚନ ହାରିଲେ ପି.ଟି. ଉଷା



ନୂଆଦିଲ୍ଲୀ,୯।୧୧(ଏଜେନ୍ସି): ଭାରତୀୟ ଅଲିମ୍ପିକ୍ ସଂଘ (ଆଇଓଏ)ର ସଭାପତି ପି.ଟି. ଉଷା 'ସ୍ପୋର୍ଟସପର୍ସନ୍ସ ଅଫ୍ ମେରିଟ୍' (ଏସଓଏମ) ମହିଳା ବର୍ଗ ନିର୍ବାଚନରେ ପରାଜିତ ହୋଇଛନ୍ତି ।ଏହି ପରାଜୟ ଯୋଗୁଁ ଆସନ୍ତା ଡିସେମ୍ବର ୫ରେ ହେବାକୁ ଥିବା ଆଇଓଏ ନିର୍ବାଚନରେ ତାଙ୍କର ପୁନର୍ବାର ଅଧ୍ୟକ୍ଷ ହେବା ଆଶା ଅତ୍ୟନ୍ତ କ୍ଷୀଣ ହୋଇଛି । ୪ ଜଣ ମହିଳା ପ୍ରତିନିଧିଙ୍କ ପାଇଁ ୬ ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନରେ ଥିଲେ । ୮୦ ଜଣ ଭୋଟରଙ୍କ ମଧ୍ୟରୁ ଅଞ୍ଜୁ ବବି ଜର୍ଜ: ୫୩ ଭୋଟ୍ (ସର୍ବାଧିକ), ରାଣୀ ରାମପାଲ: ୫୦ ଭୋଟ୍, ଡୋଲା ବାନାର୍ଜୀ: ୪୫ ଭୋଟ୍, ସାଇନା ନେହ୍ୱାଲ: ୪୩ ଭୋଟ୍, ପି.ଟି. ଉଷା: ୪୦ ଭୋଟ୍ (ପରାଜିତ), ଅନୀତା ପଲ୍ ଦୁରାଇ: ୬ ଭୋଟ ପାଇଥିଲେ। ସେହିପରି ପୁରୁଷ ବର୍ଗରେ ଗଗନ ନାରଙ୍ଗ, ବିଜେନ୍ଦ୍ର ସିଂହ, ଯୋଗେଶ୍ୱର ଦତ୍ତ ଏବଂ କମଲେଶ ମେହେଟ୍ଟା ନିର୍ବିରୋଧ ଭାବେ ଏସଓଏମ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି ।

ଆଇଓଏ ସମ୍ବିଧାନ ଅନୁଯାୟୀ, ଅଧ୍ୟକ୍ଷ ପଦ ପାଇଁ ଲଢ଼ିବାକୁ ହେଲେ ଜଣେ ପ୍ରାର୍ଥୀଙ୍କୁ ଏସଓଏମ କିମ୍ବା ଆଇଓଏ ଫେଡେରେସନରୁ ସଦସ୍ୟ ହେବା ବାଧତାମୂଳକ । ୨୦୨୨ରେ ପି.ଟି. ଉଷା ଏସଓଏମ କୋଟାରୁ ହିଁ ଆଇଓଏର ପ୍ରଥମ ମହିଳା ସଭାପତି ହୋଇଥିଲେ । ବର୍ତ୍ତମାନ ଏସଓଏମ ନିର୍ବାଚନରେ ହାରିଯିବା ପରେ, ଯଦି କୌଣସି ଜାତୀୟ କ୍ରୀଡ଼ା ମହାସଂଘ (ଯେପରିକି ଆଥଲେଟିକ୍ସ ଫେଡେରେସନ୍ ଅଫ୍ ଇଣ୍ଡିଆ) ତାଙ୍କୁ ମନୋନୀତ ନକରେ, ତେବେ ସେ ଅଧ୍ୟକ୍ଷ ପଦ ପାଇଁ ନିର୍ବାଚନ ଲଢ଼ିପାରିବେ ନାହିଁ । ୨୦୧୨ ଲଣ୍ଡନ୍ ଅଲିମ୍ପିକ୍ସର ବ୍ରୋଞ୍ଜ ବିଜେତା ଶୁଟର୍ ଗଗନ ନାରଙ୍ଗ (୪୩ ବର୍ଷ) ଆଇଓଏର ପରବର୍ତ୍ତୀ ଅଧ୍ୟକ୍ଷ ପଦ ପାଇଁ ପ୍ରମୁଖ ଦାବିଦାର ଭାବେ ଉଭା ହୋଇଛନ୍ତି ।ଏହି ନିର୍ବାଚନ ସମୟରେ ପି.ଟି. ଉଷା ଅଭିଯୋଗ ଆଣିଥିଲେ ଯେ ପୂର୍ବତନ ତୀରନ୍ଦାଜ ଡୋଲା ବାନାର୍ଜୀ ହ୍ୱାଟ୍ସଆପ୍ ମେସେଜ୍ ମାଧ୍ୟମରେ ଭୋଟ୍ ମାଗି ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରିଛନ୍ତି । ଅନ୍ୟପଟେ, ଭାରୋତ୍ତୋଳକ ସତୀଶ ଶିବଲିଙ୍ଗମ ଅଭିଯୋଗ କରିଥିଲେ ଯେ ଆଇଓଏ ସମ୍ପତ୍ତି ଓ ସମ୍ବଳର ବ୍ୟବହାର କରି ଭୋଟରଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରାଯାଉଥିଲା ।

ଧ୍ରୁବ ଚରଣ ପ୍ରଧାନ ସ୍ମାରକୀ ଷ୍ଟେଟ୍ ସ୍କୁଲ ଓପନ ଚେସ



ଭୁବନେଶ୍ୱର,୯।୧୧(ନି.ପ୍ର):ଓଡିଶା ଷ୍ଟେଟ ଚେସ୍ ଆସୋସିଏସନ ଆନୁକୂଲ୍ୟରେ ନଭେମ୍ବର ୮ ତାରିଖ ଦିନ କେଶୁରା ରୟାଲ ପବ୍ଲିକ ସ୍କୁଲ ଠାରେ ପ୍ରଥମ ଧ୍ରୁବ ଚରଣ ପ୍ରଧାନ ସ୍ମାରକୀ ରାଜ୍ୟ ସ୍କୁଲ ଓପନ ଚେସ ଚାମ୍ପିଅନଶିପ ଅନୁଷ୍ଠିତ ହୋଇଯାଇଛି । ଏହି ଚାମ୍ପିଅନଶିପକୁ ସ୍ମୃତି ରଞ୍ଜନ ପ୍ରଧାନ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ଇଲେକ୍ଟ୍ରିକାଲ), ନିଆଳି,କଟକ ଉଦଘାଟନ କରିଥିବା ବେଳେ କେଶୁରା ରୟାଲ ପବ୍ଲିକ ସ୍କୁଲର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ,ଓଡିଶା ଷ୍ଟେଟ ଚେସ୍ ଆସୋସି ଏସନର ଡାଇରେକ୍ଟର ଦେବାଶିଷ ପାଣିଗ୍ରାହୀ, ,ସ୍ୱର୍ଗତ ଧ୍ରୁବ ଚରଣ ପ୍ରଧାନଙ୍କ ବୋହୂ ନମିତା ଲେଙ୍କା,ଓ ସ୍ୱର୍ଗତ ଧ୍ରୁବ ଚରଣ ପ୍ରଧାନଙ୍କ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ।

ଏହି ପ୍ରତିଯୋଗିତାର ୪ରାଉଣ୍ଡ ସମାପ୍ତ ପରେ ଫାଇନାଲ ର୍ୟାଙ୍କିଂରେ ଭୁବନେଶ୍ୱର ପ୍ରଭୁଜୀ ଇ.ଏମ ସ୍କୁଲର ମନିଷ ରଞ୍ଜନ ଦାସ ସର୍ବାଧିକ ୩.୫ ପଏଣ୍ଟ ସହିତ ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ଫ୍ୟୁଚର ଭୁବନେଶ୍ୱର ସ୍କୁଲର ଧୃତିମାନ ଦେ, ଭୁବନେଶ୍ୱର ୟୁନିଟ-୮ ସ୍ଥିତ ଡିଏଭି ପବ୍ଲିକ ସ୍କୁଲର ଅରିଶ ନନ୍ଦ ଗୋସ୍ୱାମୀ , ମଡେଲ ଇଂଲିଶ ମିଡିୟମ ସ୍କୁଲର ଅଦଭିକ ମହାନ୍ତି ଓ ଖଣ୍ଡଗିରୀ ସେଣ୍ଟ ଜାଭିୟର ହାଇସ୍କୁଲର ଓମ ଶତପଥି ପ୍ରତ୍ୟେକ ୩.୦ ପଏଣ୍ଟ ଲେଖାଏଁ ପାଇ ଯଥାକ୍ରମେ ଦ୍ୱିତୀୟରୁ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି।

ଏଜ ଗ୍ରୁପ ପ୍ରାଇଜ : ୭ବର୍ଷରୁ କମ ବର୍ଗରେ ଶ୍ରେୟାନ ସାହୁ ପ୍ରଥମ,୯ ବର୍ଷରୁ କମ ବର୍ଗରେ ଉତ୍କର୍ଷ ସାମନ୍ତ ଶ୍ରୀଚନ୍ଦନ ପ୍ରଥମ, ୧୧ବର୍ଷରୁ କମ ବର୍ଗରେ ଅର୍ପିତ ପଟ୍ଟନାୟକ ପ୍ରଥମ ,ଆଶୁତୋଷ ଅରୁଣ ଦାସ ଦ୍ୱିତୀୟ,୧୩ ବର୍ଷରୁ କମ ବର୍ଗରେ ସାଇ କ୍ରିଷ୍ଣା ସାମଲ ପ୍ରଥମ ହୋଇଥିବା ବେଳେ ବାଳିକା ବିଭାଗରେ ସାଏଶା ସାହୁ ପ୍ରଥମ ଓ ଜିଜ୍ଞାଶା ମହାନ୍ତି ଦ୍ୱିତୀୟ ସ୍ଥାନ ପାଇଛନ୍ତି। ଏହା ସହିତ ପାଂଶୁଳ ଡାଲୁଆ, ସତଭିକ ମହାନ୍ତି ଓ ଆଦ୍ୟବୀର ସାହୁଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରା ଯାଇଛି।

ଅନୁଜ ଶ୍ରୀଭାତ୍ରୀ ଭାରତର ୧୦୦ତମ ଗ୍ରାଣ୍ଡମାଷ୍ଟର



ନୂଆଦିଲ୍ଲୀ,୯।୧୧(ନି.ପ୍ର):ଭାରତର ୧୦୦ତମ ଗ୍ରାଣ୍ଡମାଷ୍ଟର ହେବାର ଗୌରବ ଅର୍ଜନ କରିଛନ୍ତି ୨୨ ବର୍ଷୀୟ ଅନୁଜ ଶ୍ରୀଭାତ୍ରୀ।ପଞ୍ଜାବର ଲଭଲି ପ୍ରଫେସନାଲ ବିଶ୍ୱବିଦ୍ୟାଳୟରେ ବିଟେକ୍ କରୁଥିବା ୨୨ ବର୍ଷୀୟ ଚେସ୍ ଖେଳାଳି ମଧ୍ୟପ୍ରଦେଶର ପ୍ରଥମ ଗ୍ରାଣ୍ଡମାଷ୍ଟର ମଧ୍ୟ ହୋଇଛନ୍ତି। ଗୁଆହାଟୀ ସ୍ମାର୍ଟ ସିଟି ଇଣ୍ଟରନ୍ୟାସନାଲ ଓପନରେ ସେ ୨୫୦୦ ଏଲୋ ରେଟିଂ ମାର୍କ ଛୁଇଁଥିଲେ। ତେବେ ବିଶ୍ୱ ଚେସ୍ ସଂଘ (ଫିଡେ)ର ସ୍ୱୀକୃତି ପାଇବାକୁ ଅପେକ୍ଷା କରିଥିଲେ।୨୦୨୨ରେ ସେ ଗ୍ରାଣ୍ଡମାଷ୍ଟରର ସମସ୍ତ ୩ଟି ଯାକ ନର୍ମ ଶେଷ କରିଥିଲେ ମଧ୍ୟ ଆବଶ୍ୟକ ଏଲୋ ରେଟିଂ ପାଇଁ ତାଙ୍କୁ ୪ ବର୍ଷ ଅପେକ୍ଷା କରିବାକୁ ପଡ଼ିଥିଲା।

କଣ୍ଟିଲୋ ପ୍ରିମିୟର ଲିଗ: ଶତପଥି ଲାୟନସ ବିଜୟୀ



କଣ୍ଟିଲୋ, ୯।୧୧(ନି.ପ୍ର): କଣ୍ଟିଲୋ ପଲଟନ ପଡିଆ ଠାରେ ଚାଲିଥିବା କଣ୍ଟିଲୋ ପ୍ରିମିୟର ଲିଗ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଗତକାଲି ଅନୁଷ୍ଠିତ ୨ଟି ମ୍ୟାଚରେ ତଥା ୨୨ତମ ମ୍ୟାଚରେ ଏନପି ୟୁଥ କ୍ଲବ ଓ ୨୩ତମ ମ୍ୟାଚ ରେ ରୟାଲ କିଙ୍ଗସ ବିଜୟୀ ହୋଇଥିଲେ। ଆଜି ଅନୁଷ୍ଠିତ ୨୪ତମ ଲିଗ ମ୍ୟାଚରେ ଶତପଥି ଲାୟନସ, ଇଶାନ ରୟାଲକୁ ୫୫ରନ ରେ ପରାସ୍ତ କରି ପରବର୍ତ୍ତୀ ରାଉଣ୍ଡ ରେ ପ୍ରବେଶ କରିଛି। ୧୫ଓଭର ବିଶିଷ୍ଟ ମ୍ୟାଚରେ ଟସ ଜିତି ଶତପଥି ଲାୟନସ ପ୍ରଥମେ ବ୍ୟାଟିଂ କରି ୭ଉଇକେଟ ବିନିମୟ ରେ ୧୯୩ରନର ବିଶାଳ ସ୍କୋର କରିଥିଲା। ଜବାବରେ ଇଶାନ ରୟାଲସ ୧୪.୩ ଓଭରରେ ସମସ୍ତ ଉଇକେଟ ହରାଇବା ସହିତ ୧୩୮ ରନ କରିଥିଲା।ବିଜୟୀ କ୍ଲବ ର ଆକାଶ ପଣ୍ଡା ମ୍ୟାନ ଅଫ ଦ ମ୍ୟାଚ ହୋଇଥିଲେ।ଆଜି ନୀଳମାଧବ ମନ୍ଦିର ବରିଷ୍ଠ ସେବାୟତ ସରୋଜ ମିଶ୍ର (ଜଜିଆ ଭାଇନା) ଅତିଥି ଭାବେ ଯୋଗଦେଇଥିଲେ।

ବାଣିଜ୍ୟ ଖବର

ତାଳଚେର କଣିହା ପକ୍ଷରୁ ଏନଟିପିସିର ୫୨ତମ ପ୍ରତିଷ୍ଠା ଦିବସ ପାଳିତ

ତାଳଚେର,୯।୧୧(ନି.ପ୍ର):୧୯୭୫ ମସିହା ନଭେମ୍ବର ୭ ତାରିଖରେ ଏନଟିପିସର ପ୍ରତିଷ୍ଠାକୁ ସ୍ମରଣ କରି, ଏନଟିପିସି ତାଳଚେର କଣିହା ପକ୍ଷରୁ ଅତ୍ୟନ୍ତ ଉତ୍ସାହ, ଏକତା ଏବଂ ସାମୂହିକ ଗର୍ବର ସହ ୫୨ତମ ଏନଟିପିସି ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଏହି ଉତ୍ସବର ଶୁଭାରମ୍ଭ ଆରଏଲଆଇ ଠାରୁ ଡ. ବି.ଆର ଆମ୍ବେଦକର ଷ୍ଟାଡିୟମ୍ ପର୍ଯ୍ୟନ୍ତ ଏକ ପାୱାର ୱାକ୍ ମାଧ୍ୟମରେ ହୋଇଥିଲା। ସେଠାରେ ଉତ୍ସବର ମୁଖ୍ୟ ମଶାଲ ପ୍ରଜ୍ୱଳନ କରାଯାଇଥିଲା, ଯାହା ଦେଶକୁ ବିଦ୍ୟୁତ୍ ଯୋଗାଇବା ଏବଂ ଭାରତର ଶକ୍ତି ସୁରକ୍ଷାରେ ଯୋଗଦାନ ଦେବା ଦିଗରେ ଏନଟିପିସିର ଅବିଚଳିତ ପ୍ରତିବଦ୍ଧତାକୁ ପ୍ରତିପାଦିତ କରେ। ଏହା ପରେ ପ୍ରଶାସନିକ ଭବନ ଠାରେ ଏନଟିପିସି ପତାକା ଉତ୍ତୋଳନ କରାଯାଇଥିଲା, ଏନଟିପିସି ଗୀତ ପରିବେଷଣ କରାଯାଇଥିଲା ଏବଂ ସିଆଇଏସ୍ଏଫ୍ ଯବାନଙ୍କ ଦ୍ୱାରା ଔପଚାରିକ ସଲାମୀ ପ୍ରଦାନ କରାଯାଇଥିଲା।

ଉପସ୍ଥିତ ଜନସମାବେଶକୁ ଉଦ୍‌ବୋଧନ ଦେଇ ଏନଟିପିସି କଣିହାର ହେଡ୍ ଅଫ୍ ପ୍ରୋଜେକ୍ଟ ଅଜୟ ସିଂହ ଯାଦବ, ଏନଟିପିସିର ଉଲ୍ଲେଖନୀୟ ବିକାଶ ଯାତ୍ରା, ପ୍ରମୁଖ ସଫଳତା ଏବଂ ଭବିଷ୍ୟତର ଲକ୍ଷ୍ୟଗୁଡ଼ିକ ଉପରେ ଆଲୋକପାତ କରି କହିଥିଲେ ଯେ, ଏନଟିପିସି ୨୦୪୭ ସୁଦ୍ଧା ୩୦ ଗିଗାୱାଟ ପରମାଣୁ ଶକ୍ତି କ୍ଷମତା ହାସଲ କରିବାର ଏକ ମହତ୍ତ୍ୱାକାଂକ୍ଷୀ ଲକ୍ଷ୍ୟ ରଖିଛି। ଏହା ସହିତ, ୨୦୩୨ ସୁଦ୍ଧା ମୋଟ ସ୍ଥାପିତ କ୍ଷମତାକୁ ୧୪୯ ଗିଗାୱାଟ, ଅକ୍ଷୟ ଶକ୍ତି କ୍ଷମତାକୁ ୬୦ ଗିଗାୱାଟ ଏବଂ ଶକ୍ତି ସଂରକ୍ଷଣ କ୍ଷମତାକୁ ୨୨ ଗିଗାୱାଟ୍‌କୁ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି, ଯାହା ବିକସିତ ଭାରତର ସ୍ୱପ୍ନ ପୂରଣ ଦିଗରେ କମ୍ପାନୀର ପ୍ରତିବଦ୍ଧତାକୁ ଦୃଢ଼ କରୁଛି।

ସେ ସୂଚନା ଦେଇଥିଲେ ଯେ, ଓଡ଼ିଶାରେ ଏନଟିପିସିର ମୋଟ ସ୍ଥାପିତ କ୍ଷମତା ବର୍ତ୍ତମାନ ୪,୯୮୦ ମେଗାୱାଟ। ଏଥିମଧ୍ୟରେ ୧,୪୦୦ଟି ଡେସ୍କ-ବେଞ୍ଚ ବଣ୍ଟନ, କଣିହାର ପିଏମ୍ ହାଇସ୍କୁଲକୁ ଭିତ୍ତିଭୂମି ସହାୟତା, ପ୍ରାୟ ୫୦୦ ଛାତ୍ରଛାତ୍ରୀଙ୍କ ପାଇଁ ବ୍ଲକ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାର ଆୟୋଜନ, ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବରେ ୮୫୦ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ଅଂଶଗ୍ରହଣ ଏବଂ ୨୯ଟି ସରକାରୀ ବିଦ୍ୟାଳୟର ପ୍ରାୟ ୫,୯୦୦ ଛାତ୍ରଛାତ୍ରୀଙ୍କୁ ଲାଭାନ୍ୱିତ କରୁଥିବା ଦନ୍ତ ସ୍ୱାସ୍ଥ୍ୟ ଶିବିର (ହସକୁସୁମ) ଆୟୋଜନ ଅନ୍ତର୍ଭୁକ୍ତ। ଗାର୍ଲ ଏମ୍ପାୱାରମେଣ୍ଟ ମିଶନ୍ (ବାଳିକା ସଶକ୍ତିକରଣ ଅଭିଯାନ) ଅଧୀନରେ ଚଳିତ ବର୍ଷ ୧୪୦ ଜଣ ବାଳିକାଙ୍କୁ ପ୍ରଶିକ୍ଷଣ ଦିଆଯାଇଛି ଏହାକୁ ମିଶାଇ ୨୦୧୯ ମସିହାରୁ ବର୍ତ୍ତମାନ ସୁଦ୍ଧା ମୋଟ ୭୦୯ ଜଣ ବାଳିକା ଏଥିରୁ ଉପକୃତ ହୋଇଛନ୍ତି।

ସାମୁଦାୟିକ ବିକାଶ କ୍ଷେତ୍ରରେ, ଏନଟିପିସି ୧୪ଟି ଅଙ୍ଗନୱାଡ଼ି କେନ୍ଦ୍ରର ନବୀକରଣ କରିଛି, ୨୪ଟି ଗ୍ରାମରେ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିଛି, ପିଭିଟିଜି ଅଞ୍ଚଳରେ ସୌରଶକ୍ତି ଚାଳିତ ୩୨ଟି ପାନୀୟ ଜଳ ପ୍ରକଳ୍ପ ସ୍ଥାପନ କରିଛି ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ସହାୟତା ପ୍ରଦାନ କରିଛି, ଯାହା ଫଳରେ ୧୫୦ରୁ ଅଧିକ ପରିବାର ଉପକୃତ ହୋଇଛନ୍ତି। ପରିବେଶ ସମ୍ବନ୍ଧୀୟ ପଦକ୍ଷେପ ମଧ୍ୟରେ ବଡ଼ ଦଣ୍ଡାସାହି ଠାରେ ୧୦,୦୦୦ ଚାରା ରୋପଣ, ପରିବେଶ ଦିବସ ଅବସରରେ ଅତିରିକ୍ତ ୨୦୦ ଚାରା ରୋପଣ, ଏବଂ ପ୍ଲାଷ୍ଟିକ୍ ପୃଥକୀକରଣ ତଥା କଠିନ ବର୍ଜ୍ୟବସ୍ତୁ ପରିଚାଳନା କାର୍ଯ୍ୟକ୍ରମର କାର୍ଯ୍ୟକାରିତା ଅଁନ୍ତର୍ଭୁକ୍ତ।ଏହି ଉତ୍ସବ କେକ୍ କାଟିବା ଏବଂ ଆକାଶରେ ବେଲୁନ୍ ଛାଡ଼ିବା ସହିତ ସମାପ୍ତ ହୋଇଥିଲା। ଏହି ଅବସରରେ, ଏନଟିପିସିର ସିଏମଡି ଗୁରଦୀପ ସିଂହଙ୍କ ରେଜିଂ ଡେ (ପ୍ରତିଷ୍ଠା ଦିବସ) ଅଭିଭାଷଣ ଦେଶବ୍ୟାପୀ ଥିବା ଏନଟିପିସିର ବିଭିନ୍ନ କେନ୍ଦ୍ର ଓ ପ୍ରକଳ୍ପଗୁଡ଼ିକରେ ସିଧା ପ୍ରସାରଣ ହୋଇଥିଲା।

ଆରଏସପି ପକ୍ଷରୁ – ଜାନୁଆରୀ ୧୦ରେ ସାଂସ୍କୃତିକ ଷ୍ଟ୍ରିଟ୍ କାର୍ନିଭାଲ୍ 'ଏକତା ମହୋତ୍ସବ'

ରାଉରକେଲା, ୯।୧୧(ଏଜେନ୍ସି): ଗତବର୍ଷର ଅପାର ସଫଳତା ପରେ, ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆର.ଏସ.ପି) 'ଏକତା ମହୋତ୍ସବ' ଏକ ଭବ୍ୟ ସାଂସ୍କୃତିକ ଷ୍ଟ୍ରିଟ୍ କାର୍ନିଭାଲ୍ ମାଧ୍ୟମରେ ରାଉରକେଲାବାସୀଙ୍କୁ ପୁଣି ଥରେ ଆନନ୍ଦିତ ଓ ମନ୍ତ୍ରମୁଗ୍ଧ କରିବାକୁ ଯାଉଛି। ଏହି ମେଗା କାର୍ଯ୍ୟକ୍ରମ ଜାନୁଆରୀ ୧୦ ତାରିଖ ଦିନ ଗୁଣ୍ଡିଚା ମନ୍ଦିର ଛକରୁ ସେକ୍ଟର-୪ ମଧୁବନ ଛକ ପର୍ଯ୍ୟନ୍ତ ପଥ ମଧ୍ୟରେ ଅନୁଷ୍ଠିତ ହେବ।

ବିଶେଷଭାବରେ, 'ଏକତା ମହୋତ୍ସବ' ଆସନ୍ତା ଜାନୁଆରୀ ୧୪ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ରାଉରକେଲା ହାଫ୍ ମାରାଥନ୍ ୨୦୨୬ ର ଦ୍ୱିତୀୟ ସଂସ୍କରଣ ପାଇଁ ଏକ ପ୍ରଚାରମୂଳକ ଶୁଭାରମ୍ଭ ଭାବରେ କାର୍ଯ୍ୟ କରିବ। 'ରନ୍ ଫର୍ ପ୍ରସପେରିଟି' (ସମୃଦ୍ଧି ପାଇଁ ଦୌଡ଼) ବିଷୟବସ୍ତୁ ଉପରେ ଆଧାରିତ ଏହି ହାଫ୍ ମାରାଥନ୍‌ର ଉଦ୍ଦେଶ୍ୟ ହେଉଛି ଏକତା। ଏବଂ ସମାବେଶିତାକୁ ପ୍ରୋତ୍ସାହିତ କରିବା, ଯାହା ରାଉରକେଲା ଏବଂ ଏହାର ଆଖପାଖ ପରିପାର୍ଶ୍ୱିକ ଗ୍ରାମଗୁଡ଼ିକର ଅଂଶଗ୍ରହଣକାରୀମାନଙ୍କୁ ଏକାଠି କରିବ।

'ଏକତା ମହୋତ୍ସବ'ର ଲକ୍ଷ୍ୟ ହେଉଛି ସାମ୍ପ୍ରଦାୟିକ ସହଭାଗିତା, ସୁସ୍ଥ ଜୀବନଶୈଳୀ ଏବଂ ସାଂସ୍କୃତିକ ସଭାବନାକୁ ପ୍ରୋତ୍ସାହିତ କରିବା ସହ ରାଉରକେଲା ହାଫ୍ ମାରାଥନ୍ ପୂର୍ବରୁ ଜନସାଧାରଣଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିବା। ଏହି ମହୋତ୍ସବରେ ବିବିଧ ନୃତ୍ୟ ପରିବେଷଣ, କ୍ଷୁଦ୍ର ନାଟକ, ଫ୍ୟାନ୍ସି ଡ୍ରେସ୍ ପ୍ରଦର୍ଶନ, ଯୋଗ ଅଧିବେଶନ, ଜୁମ୍ବା, କାରାଓକେ ସଙ୍ଗୀତ, ଝୋଟି/ରଙ୍ଗୋଲୀ କଳା, ଚିତ୍ରକଳା ପ୍ରଦର୍ଶନୀ, ପ୍ରତ୍ୟକ୍ଷ କଳା ପ୍ରଦର୍ଶନ (ଲାଇଭ୍ ଆର୍ଟ),ହସ୍ତଶିଳ୍ପ ଷ୍ଟଲ୍ ଏବଂ ସେଲ୍ଫି ଜୋନ୍ ସମେତ ବିଭିନ୍ନ ପ୍ରକାରର ଆକର୍ଷଣ ରହିବ। ଏହି ବର୍ଷ ଏହାର ପରିସରକୁ ବୃଦ୍ଧି କରି, କାର୍ନିଭାଲ୍‌ରେ କବାଡି, ଷ୍ଟ୍ରିଟ୍ ବ୍ୟାଡମିଣ୍ଟନ୍ ଏବଂ ତୀରନ୍ଦାଜୀ ଭଳି କ୍ରୀଡ଼ା କାର୍ଯ୍ୟକଳାପ ମଧ୍ୟ ସାମିଲ କରାଯିବ। ଉତ୍ସବର ପରିବେଶକୁ ଅଧିକ ଜୀବନ୍ତ କରିବା ପାଇଁ, ଫୁଡ୍ କର୍ନରଗୁଡ଼ିକରେ ଗରମ ଚା' ଏବଂ କଫିଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାରର ସ୍ୱାଦିଷ୍ଟ ବ୍ୟଞ୍ଜନ ପରିବେଷଣ କରାଯିବ, ଯାହା ସମସ୍ତ ବୟସର ଲୋକଙ୍କ ପାଇଁ ଏକ ଆନନ୍ଦଦାୟକ ପାରିବାରିକ ଅନୁଭୂତି ସୃଷ୍ଟି କରିବ।

୨୦୨୬ ସଂସ୍କରଣର ସଫଳତାକୁ ଆଧାର କରି, ଯେଉଁଥିରେ ୭୦୦ ରୁ ଉର୍ଦ୍ଧ୍ୱ ଶିଶୁଙ୍କ ସମେତ ୧,୦୦୦ ରୁ ଉର୍ଦ୍ଧ୍ୱ ପଞ୍ଜୀକୃତ ଅଂଶଗ୍ରହଣକାରୀ ଅଂଶଗ୍ରହଣ କରିଥିଲେ, ଏହି ବର୍ଷର କାର୍ନିଭାଲ୍ ପାଇଁ ନାମଲେଖା ଉଭୟ ବ୍ୟକ୍ତିଗତ ଏବଂ ସଂସ୍ଥାଗୁଡ଼ିକ ପାଇଁ ସମ୍ପୂର୍ଣ୍ଣ ମାଗଣା । ଇଚ୍ଛୁକ ଅଂଶଗ୍ରହଣକାରୀମାନେ ୮୮୯୫୫୦୩୨୩୭ କିମ୍ବା ୮୮୯୫୫୦୪୮୨୧ ନମ୍ବରରେ କଲ୍ କରି ପଞ୍ଜୀକରଣ କରିପାରିବେ। ଆବେଦନର ଶେଷ ତାରିଖ ୧୦ ଡିସେମ୍ବର ୨୦୨୬ , କିନ୍ତୁ ଉପଲବ୍ଧ ସ୍ଲଟ୍‌ଗୁଡ଼ିକ ପୂରଣ ହୋଇଗଲେ ପଞ୍ଜୀକରଣ ପୂର୍ବରୁ ବନ୍ଦ ହୋଇଯିବ।

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ପକ୍ଷରୁ ଆର୍ଥିକ ଅନ୍ତର୍ଭୁକ୍ତିକରଣ ପରିପୂର୍ତ୍ତୀ ଶିବିର

ଭାପୁର, ୯।୧୧(ଏଜେନ୍ସି): ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ପକ୍ଷରୁ ଭାପୁର ବ୍ଲକ୍ ଅନ୍ତର୍ଗତ ପଦ୍ମାବତୀ ଗ୍ରାମ ପଞ୍ଚାୟତଠାରେଏକ ଆର୍ଥିକ ଅନ୍ତର୍ଭୁକ୍ତିକରଣ ପରିପୂର୍ତ୍ତୀ ଶିବିର ଚଳିତ ମାସ ୧୦ ତାରିଖ ମଙ୍ଗଳ ବାର ଦିନ ଦିବା ୧୦.୦୦ ଘଟିକାରେ ଆୟୋଜିତ ହେବ ।ଏହି ଶିବିରରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆକ୍ସିସ୍ ବ୍ୟାଙ୍କ, ଓଡିଶା ଗ୍ରାମୀଣ ବ୍ୟାଙ୍କ ଏବଂ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ ପକ୍ଷରୁ ସ୍ୱତନ୍ତ୍ର ବ୍ୟାଙ୍କିଙ୍ଗ୍ ଷ୍ଟଲ୍ ଖୋଲାଯାଉଅଛି। ଏହି ଷ୍ଟଲ୍ ଗୁଡିକରେ ଗ୍ରାହକମାନେ ନିଜ ନିଜ ବ୍ୟାଙ୍କ ଖାତାର ରି-କେୱାଇସି ପ୍ରକ୍ରିୟା ସେହି ସ୍ଥାନରେ ହିଁ ସମ୍ପୂର୍ଣ୍ଣ କରିପାରିବେ ଏବଂ ଏଥି ସହିତ ବିଭିନ୍ନ ବ୍ୟାଙ୍କିଙ୍ଗ୍ ସେବା ଓ ଆର୍ଥିକ ସୁବିଧା ସମ୍ପର୍କରେ ସୂଚନା ପାଇବା ସହ ଆବଶ୍ୟକ ସେବା ମଧ୍ୟ ହାସଲ କରିପାରିବେ।


ଏଣୁ ପଦ୍ମାବତୀ ଗ୍ରାମ ପଞ୍ଚାୟତ ଓ ଆଖପାଖ ଅଞ୍ଚଳର ସମସ୍ତ ବ୍ୟାଙ୍କ ଗ୍ରାହକଙ୍କୁ ଏହି ସୁଯୋଗର ସଦୁପଯୋଗ କରିବା ସହିତ ନିର୍ଦ୍ଧାରିତ ତାରିଖ ଓ ସମୟରେ ଅଭିଯାନ ସ୍ଥଳରେ ଉପସ୍ଥିତ ରହି ନିଜର ବ୍ୟାଙ୍କିଙ୍ଗ୍ ସମ୍ବନ୍ଧୀୟ କାର୍ଯ୍ୟ ସୂଚାରୁ ରୂପେ ସମ୍ପାଦନ କରିବାକୁ ଅନୁରୋଧ କରାଯାଉଛି।

ଅଜିମ ପ୍ରେମଜୀ ଫାଉଣ୍ଡେସନ ପ୍ରଚଳନ କଲା ସୋସିଆଲ ଷ୍ଟାର୍ଟଅପ ପ୍ରୋଗ୍ରାମ

ବେଙ୍ଗାଲୁରୁ,୯।୧୧(ଏଜେନ୍ସି): ବିକାଶ କ୍ଷେତ୍ରର ବୃଦ୍ଧିଧାରୀଙ୍କୁ ଅବହେଳିତ ସମୁଦାୟଙ୍କର ଆବଶ/କତା ପ୍ରତି ଦୃଷ୍ଟି ଦେଉଥିବା ନାଗରିକ ସମାଜ ସଂଗଠନ ଅଧିକ ସଂଗଠନର କାର୍ଯ୍ୟ ଆବଶ୍ୟକ କରୁଛୁ । ଗୋଷ୍ଠୀଗୁଡ

ଦିଲ୍ଲୀ ପ୍ରଦୂଷଣ ଅତି ସାଂଘାତିକ





ଦୀପାବଳିରେ ୫ ବର୍ଷର ରେକର୍ଡ ଭାଙ୍ଗିଲା
୩୭୬ରେ ପହଞ୍ଚିଲା ଏକ୍ୟୁଆଇ
୫୦ ମିଟରକୁ ଖସିଲା ଦୃଶ୍ୟମାନତା

ନୂଆଦିଲ୍ଲୀ,୯।୧୧(ଏଜେନ୍ସି): ଦୀପାବଳି ପରେ ଦିଲ୍ଲୀରେ ବାୟୁ ପ୍ରଦୂଷଣ ଅତି ସାଂଘାତିକ ଥିବାବେଳେ ମୁମ୍ବାଇ, ଚେନ୍ନାଇ, ଲକ୍ଷ୍ନୌରେ ମଧ୍ୟ ପ୍ରଦୂଷଣ ବୃଦ୍ଧି ପାଇଛି। ଜାତୀୟ ରାଜଧାନୀ ଦିଲ୍ଲୀରେ ବାଣ ଫୁଟାଇବା ଉପରେ ସୁପ୍ରିମକୋର୍ଟଙ୍କ କଟକଣା ସତ୍ତ୍ୱେ ଦୀପାବଳି ରାତି ୧୦ଟା ପରେ ବି ବାଣଫୁଟା ଜାରି ରହିଥିଲା। ଚଳିତ ବର୍ଷ ଦୀପାବଳି ଦିନ ଦିଲ୍ଲୀର ହାରାହାରି ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୩୭୬ ରେ ପହଞ୍ଚିଛି। ଯାହା ଗତ ୫ ବର୍ଷ ମଧ୍ୟରେ ଦୀପାବଳି ଦିନର ସବୁଠୁ ଖରାପ ସ୍ଥିତି। ସୋମବାର ସକାଳ ୧୦ଟା ସୁଦ୍ଧା ଦିଲ୍ଲୀର ଏକ୍ୟୁଆଇ ୩୭୧ ରେକର୍ଡ କରାଯାଇଥିଲା। ଘନକୁହୁଡ଼ି ଓ ଧୂଆଁର ଚାଦରରେ ରାଜଧାନୀ ଆଚ୍ଛାଦିତ ହୋଇ ରହିଥିଲା। ଫଳରେ ଅନେକ ସ୍ଥାନରେ ଦୃଶ୍ୟମାନତା ମଧ୍ୟ ହ୍ରାସ ପାଇଥିଲା।

କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ତଥ୍ୟ ଅନୁଯାୟୀ, ୫୧ଟି ମନିଟରିଂ ଷ୍ଟେସନ୍ ମଧ୍ୟରୁ ୧୪ଟିରେ ବାୟୁ ପ୍ରଦୂଷଣ ସ୍ତର ସାଂଘାତିକ ବର୍ଗରେ ରହିଥିବାବେଳେ ୩୩ଟିରେ ଅତି ଖରାପ ଓ ୪ଟିରେ ଖରାପ ସ୍ତର ରେକର୍ଡ ହୋଇଛି। ଦିଲ୍ଲୀ ଟେକ୍ନୋଲୋଜିକାଲ୍ ୟୁନିଭର୍ସିଟି (ଡିଟିୟୁ) ଅଞ୍ଚଳରେ ସର୍ବାଧିକ ଏକ୍ୟୁଆଇ ୪୩୯ ରେକର୍ଡ ହୋଇଥିଲା। ଦୀପାବଳି ପରେ ଘନ କୁହୁଡ଼ି ସ୍ଥିତିକୁ ଆହୁରି ଜଟିଳ କରିଛି। ବାୱାନା, ବୁରାଡ଼ି, ଜାହାଙ୍ଗୀରପୁରୀ, ରୋହିଣୀ ଓ ଓଖଲା ଭଳି ଅଞ୍ଚଳ ସର୍ବାଧିକ ପ୍ରଭାବିତ ହୋଇଛି। ଏୟାର କ୍ୱାଲିଟି ଆର୍ଲି ୱାର୍ଣ୍ଣିଂ ସିଷ୍ଟମ୍‌ର ଆକଳନ ଅନୁଯାୟୀ, ଆଗାମୀ କିଛିଦିନ ଦିଲ୍ଲୀରେ ବାୟୁ ପ୍ରଦୂଷଣ ସ୍ଥିତି ଗମ୍ଭୀର ରହିବାର ଆଶଙ୍କା ରହିଛି।

କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଲାଇଭ୍ ଡ୍ୟାସବୋର୍ଡ ଅନୁଯାୟୀ, ସୋମବାର ସକାଳ ୪ଟାରେ ଦିଲ୍ଲୀ ଏକ୍ୟୁଆଇ ସ୍ତର ୪୦୪କୁ ବୃଦ୍ଧି ପାଇଥିଲା। ସଫଦରଜଙ୍ଗ ଅଞ୍ଚଳରେ ସକାଳ ସାଢ଼େ ୬ଟାରେ ଦୃଶ୍ୟମାନତା ମାତ୍ର ୫୦ ମିଟର ରହିଥିଲା। ସ୍ୱିଜରଲ୍ୟାଣ୍ଡର ବାୟୁ ନିରୀକ୍ଷଣ ପ୍ଲାଟଫର୍ମ ସୋମବାର ସକାଳେ ଆଇକ୍ୟୁ ଏୟାର ଦିଲ୍ଲୀର ବାୟୁକୁ ଅସ୍ୱାସ୍ଥ୍ୟକର ବର୍ଗରେ ରଖିଛି। ବିଶେଷଜ୍ଞଙ୍କ ମତରେ ପବନ ନବହିବା, ଶୁଷ୍କ ପାଣିପାଗ, ଯାନବାହନରୁ ନିର୍ଗତ ଧୂଆଁ, ଦୀପାବଳିରେ ବାଣ ଫୁଟାଇବା ଓ ପଡ଼ୋଶୀ ରାଜ୍ୟଗୁଡ଼ିକରେ ନଡ଼ା ଜଳାଇବା ଭଳି କାରଣ ପ୍ରଦୂଷଣ ବୃଦ୍ଧିରେ ଭୂମିକା ନେଇଛି।

ପଞ୍ଜାବରେ ନଡ଼ା ଜାଳିବା ମାମଲାରେ ରେକର୍ଡ ବୃଦ୍ଧି



ଚଣ୍ଡିଗଡ଼,୯।୧୧(ଏଜେନ୍ସି): ଦୀପାବଳିରେ ପଞ୍ଜାବରେ ନଡ଼ା ପୋଡ଼ିବା ଘଟଣାରେ ବୃଦ୍ଧି ଘଟିଛି। ଦୀପାବଳିରେ ରେକର୍ଡ ସଂଖ୍ୟକ ୧୧୫୨ ନଡ଼ା ପୋଡ଼ିବା ଘଟଣା ରିପୋର୍ଟ କରାଯାଇଛି। ଏହି ସଂଖ୍ୟା ଗତ ତିନି ବର୍ଷ ମଧ୍ୟରେ ସର୍ବାଧିକ ଥିବା କୁହାଯାଉଛି। ପଞ୍ଜାବରେ ସର୍ବାଧିକ ନଡ଼ା ପୋଡ଼ିବା ଘଟଣା ସଙ୍ଗରୁର ଜିଲ୍ଲାରେ ଘଟିଛି। ଯେଉଁଠାରେ ଗୋଟିଏ ଦିନରେ ୧୯୪ଟି ଘଟଣା ରେକର୍ଡ କରାଯାଇଛି। ସେହିପରି ରୂପନଗରରେ ସବୁଠାରୁ କମ୍ ସଂଖ୍ୟକ ଅର୍ଥାତ୍ ଗୋଟିଏ ଘଟଣା ରେକର୍ଡ କରାଯାଇଛି।

ପଞ୍ଜାବ ରିମୋଟ୍ ସେନ୍ସିଂ ସେଣ୍ଟରର ସରକାରୀ ତଥ୍ୟ ଅନୁଯାୟୀ, ସାରା ରାଜ୍ୟରେ ସାଟେଲାଇଟ୍ ଦ୍ୱାରା ନଡ଼ା ଜାଳିବା ଘଟଣା ରେକର୍ଡ କରାଯାଇଛି। ନଭେମ୍ବର ୭ରେ ମାତ୍ର ୧୬୩ଟି ମାମଲା ରିପୋର୍ଟ ହୋଇଥିଲା। ଏହା ସହିତ ଚଳିତ ଋତୁରେ ଏପର୍ଯ୍ୟନ୍ତ ମୋଟ ମାମଲା ସଂଖ୍ୟା ୪୪୫୯ରେ ପହଞ୍ଚିଛି।

୨୦୨୪ ମସିହା ନଭେମ୍ବର ୮ରେ ୭୩୦ଟି ଘଟଣା ରେକର୍ଡ କରାଯାଇଥିଲା। ୨୦୨୫ ମସିହାରେ ଏହି ସଂଖ୍ୟା ଯଥେଷ୍ଟ କମ୍ ଥିଲା। ଚଳିତ ବର୍ଷ ଗୋଟିଏ ଦିନରେ ଏହି ସଂଖ୍ୟା ସର୍ବାଧିକ ରହିଛି। ରାଜ୍ୟ ସରକାର ଘଟଣାରେ ହ୍ରାସ ଘଟୁଥିବା ଦାବି କରିବା ସତ୍ତ୍ୱେ ପଞ୍ଜାବରେ ପ୍ରତିବର୍ଷ ଧାନ ଅମଳ ଋତୁରେ ନଡ଼ା ପୋଡ଼ିବା ଘଟଣାରେ ହଠାତ୍ ବୃଦ୍ଧି ଘଟୁଛି। ଏହା ବାୟୁ ପ୍ରଦୂଷଣ ପାଇଁ ଏକ ଚିନ୍ତାଜନକ ପ୍ରସଙ୍ଗ। ଏକ ମାନକ ପ୍ରୋଟୋକଲର ଅଂଶ ଭାବରେ ସାଟେଲାଇଟ୍ ରିମୋଟ୍ ସେନ୍ସିଂ ବ୍ୟବହାର କରି ବାୟୁ ଗୁଣବତ୍ତା ପରିଚାଳନା କମିଶନଙ୍କ ନିର୍ଦ୍ଦେଶରେ ରିମୋଟ୍ ସେନ୍ସିଂ ସେଣ୍ଟର ଦ୍ୱାରା ତଥ୍ୟ ସଂଗ୍ରହ କରାଯାଉଛି। ନଡ଼ା ପୋଡ଼ିବାର ବର୍ଦ୍ଧିତ ଘଟଣାର ମୁକାବିଲା ପାଇଁ ପଞ୍ଜାବ ପ୍ରଶାସନ ଅନେକ କଠୋର ପଦକ୍ଷେପ ଗ୍ରହଣ କରୁଛନ୍ତି। ଏପର୍ଯ୍ୟନ୍ତ ଉଲ୍ଲଂଘନକାରୀଙ୍କଠାରୁ ମୋଟ ୬୨ ଲକ୍ଷରୁ ଅଧିକ ଜରିମାନା ଲାଗୁ କରାଯାଇଛି।

ଡିଭାଇଡ଼ରରେ ପିଟିହେଲା କାର୍
ମହିଳାଙ୍କ ସମେତ ୬ ମୃତ

ମୁଜାଫରନଗର,୯।୧୧(ଏଜେନ୍ସି): ଉତ୍ତରପ୍ରଦେଶର ମୁଜାଫରନଗରରେ ସୋମବାର ସକାଳେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ପାଣିପତ୍-ଖଟିମା ଜାତୀୟ ରାଜପଥରେ ଏକ ଦ୍ରୁତଗାମୀ କାର୍ ନିୟନ୍ତ୍ରଣ ହରାଇ ପ୍ରଥମେ ବିଦ୍ୟୁତ୍ ଖୁଣ୍ଟରେ ପିଟି ହେବା ପରେ ଡିଭାଇଡର୍ ଭାଙ୍ଗି ଅନ୍ୟ ଲେନକୁ ଯାଇ ଓଲଟି ପଡ଼ିଥିଲା। ଦୁର୍ଘଟଣା ପରେ କାର୍‌ରେ ନିଆଁ ଲାଗିଯିବାରୁ ଜଣେ ମହିଳାଙ୍କ ସମେତ ୬ ଜଣଙ୍କ ମୃତ୍ୟୁ ହୋଇଛି।

ଖବର ମୁତାବକ, ମୁଜାଫରନଗର ଜିଲ୍ଲାର ତିତାବି ଥାନା ଅନ୍ତର୍ଗତ ଜଗ୍‌ଗାହେଡ଼ି ନିକଟରେ ଏହି ଦୁର୍ଘଟଣା ଘଟିଛି । କାର୍‌ଟି ହରିୟାଣାରୁ ମୁଜାଫରନଗର ଆସୁଥିବା ବେଳେ ସ୍ପିଡ୍ ଅଧିକ ରହିଥିଲା। ଏହି ସମୟରେ ଚାଳକ କାର୍ ଉପରୁ ନିୟନ୍ତ୍ରଣ ହରାଇବା ପରେ କାର୍‌ଟି ରାସ୍ତାକଡ଼ରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ଜୋରରେ ପିଟି ହୋଇଥିଲା। ଦୁର୍ଘଟଣା ପରେ କାର୍‌ରେ ହଠାତ୍ ନିଆଁ ଲାଗିଯାଇଥିଲା। କାର୍ ଭିତରେ ଥିବା ଲୋକମାନେ ବାହାରକୁ ଆସିବାର ସୁଯୋଗ ପାଇନଥିଲେ। ଫଳରେ ଜଣେ ମହିଳାଙ୍କ ସମେତ କାରରେ ଥିବା ସମସ୍ତ ୬ ଜଣଙ୍କ ମୃତ୍ୟୁ ହୋଇଛି। ଖବର ପାଇ ପୋଲିସ ଓ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଦୁର୍ଘଟଣାର କାରଣ ନେଇ ପୋଲିସ ତଦନ୍ତ ଜାରି ରଖିଛି। ପ୍ରାଥମିକ ଭାବେ ଅତ୍ୟଧିକ ବେଗ ଓ ଚାଳକଙ୍କ ନିୟନ୍ତ୍ରଣ ହରାଇବା ଯୋଗୁ ଏହି ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଛି।

ମହିଳା ଟିଭି ଆଙ୍କରଙ୍କୁ ଗୁଳି କରି ହତ୍ୟା

ଇସଲାମାବାଦ,୯।୧୧(ଏଜେନ୍ସି): ପାକିସ୍ତାନର ରାୱଲପିଣ୍ଡିରେ ଜଣେ ମହିଳା ଟିଭି ଆଙ୍କରଙ୍କୁ ତାଙ୍କ ଘରେ ଗୁଳିକରି ହତ୍ୟା କରାଯାଇଛି। ମୃତ ମହିଳା ଜଣକ ହେଉଛନ୍ତି ରାବିୟା ଅହସାନ। ସେ ଏକ ସ୍ଥାନୀୟ ଘରୋଇ ଟିଭି ଚ୍ୟାନେଲର ଜଣେ ଆଙ୍କର ଏବଂ ପ୍ରୋଗ୍ରାମ ହୋଷ୍ଟ ଥିଲେ। ସହରର ଗୁଲଶାନାବାଦ ଅଞ୍ଚଳରେ ଏହି ଘଟଣା ଘଟିଛି। ପୋଲିସ ତାଙ୍କ ସ୍ୱାମୀଙ୍କୁ ଅଟକ ରଖିଛି ଏବଂ ସନ୍ଦିଗ୍ଧ ଅସ୍ତ୍ରଶସ୍ତ୍ର ଜବତ କରିଛି। ପୋଲିସର ସୂଚନା ଅନୁଯାୟୀ, ଭୁଲ୍‌ରେ ଗୁଳି ଫୁଟିଯାଇଥିଲା ବୋଲି ସ୍ୱାମୀ କହିଛନ୍ତି। ତଦନ୍ତ ଆଧାରରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଡନ୍ ଖବରକାଗଜର ଏକ ରିପୋର୍ଟ ଅନୁଯାୟୀ, ସିଟି ପୋଲିସ ଅଧିକାରୀ ହସନ ମୁସ୍ତାକ ସୁଖେରା କହିଛନ୍ତି, ସିପିଓ, ଏସଏସପି ଅପରେସନ୍ସ ଏବଂ ଏସଏସପି ତଦନ୍ତ ସହିତ ମାମଲାର ତଦନ୍ତ ପାଇଁ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ପଞ୍ଜାବ ଫୋରେନସିକ୍ ସାଇନ୍ସ ଏଜେନ୍ସିର ବିଶେଷଜ୍ଞଙ୍କର ଏକ ଦଳ ମଧ୍ୟ ଉପସ୍ଥିତ ରହି ଘଟଣାସ୍ଥଳରୁ ପ୍ରମାଣ ସଂଗ୍ରହ କରୁଛନ୍ତି। ମୃତଦେହକୁ ପୋଷ୍ଟମର୍ଟମ ପାଇଁ ହସ୍ପିଟାଲକୁ ପଠାଯାଇଛି। ଏକ ମାମଲା ପଞ୍ଜିକୃତ ହୋଇଛି।

ଦୀପାବଳି ପରେ ବିଗିଡ଼ିଲା ମୁମ୍ବାଇର ସ୍ଥିତି
ଏକ୍ୟୁଆଇ ୪୮୦ ପାର୍

ମୁମ୍ବାଇ,୯।୧୧(ଏଜେନ୍ସି): ଦିଲ୍ଲୀ ପରେ ବିଗିଡିଲା ମୁମ୍ବାଇ ଅବସ୍ଥା। ଦୀପାବଳି ପରେ ମୁମ୍ବାଇ ଓ ଦିଲ୍ଲୀରେ ବଢ଼ିଥିବା ବାୟୁ ପ୍ରଦୂଷଣକୁ ନେଇ ଲୋକଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ଦୀପାବଳି ପରେ ବାଣ ଫୁଟାର ପ୍ରଭାବ ଏବେ ଦେଶର ବଡ଼ ବଡ଼ ସହରର ବାୟୁମାନ ଉପରେ ପଡ଼ିଛି। ମୁମ୍ବାଇରେ ବାୟୁ ପ୍ରଦୂଷଣ ସ୍ଥିତି ଗମ୍ଭୀର ହୋଇପଡ଼ିଛି। ରାତି ସମୟରେ ଅନ୍ଧେରୀ, ମାନଖୁର୍ଦ ଓ ଦେବନାର ଭଳି ଅଞ୍ଚଳରେ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୪୮୦ ଅତିକ୍ରମ କରିଛି। ସେହିପରି ଚେମ୍ବୁର, କୁର୍ଲା, ଖେରୱାଡ଼ି ଓ ବାନ୍ଦ୍ରା ଅଞ୍ଚଳରେ ଏକ୍ୟୁଆଇ ୨୨୦ରୁ ଅଧିକ କରାଯାଇଛି। ପ୍ରଦୂଷଣ ବଢ଼ିବା ଯୋଗୁ ସକାଳୁ ମର୍ଣ୍ଣିଂ ୱାକ୍ କରିବାକୁ କମ୍ ସଂଖ୍ୟାରେ ଆସିଥିଲେ। ଲୋକଙ୍କ ମତରେ, ବାୟୁ ପ୍ରଦୂଷଣକୁ ଦୃଷ୍ଟିରେ ରଖି ସରକାର ବାଣ ଫୁଟା ଉପରେ କଟକଣା ଲଗାଇବା ଉଚିତ। ଦୀପାବଳି ବର୍ଷକୁ ଥରେ ଆସୁଥିବାରୁ ପର୍ବ ସମୟରେ ଗୋଟିଏ କିମ୍ବା ଦୁଇ ଦିନର ଅସୁବିଧାକୁ ସହ୍ୟ କରାଯାଇପାରିବ। ତେଣୁ ଲୋକଙ୍କୁ ବାଣ ଫୁଟାଇବାରୁ ସମ୍ପୂର୍ଣ୍ଣ ରୋକିବା ଠିକ୍ ନୁହେଁ ବୋଲି ସେମାନେ ମତ ଦେଇଛନ୍ତି।



ମୁମ୍ବାଇରେ ବିଏମସିର କଡ଼ା ନିର୍ଦ୍ଦେଶ
୨୫ ନଭେମ୍ବର ଯାଏ ଉପରକୁ ଉଠୁଥିବା ବାଣ ବ୍ୟାନ୍

ମୁମ୍ବାଇ,୯।୧୧(ଏଜେନ୍ସି): ୨୫ ନଭେମ୍ବର ଯାଏ ମୁମ୍ବାଇରେ ବାଣ ବ୍ୟାନ୍। ସିଧା ଉପରକୁ ଉଠୁଥିବା ଆତସବାଜି ଫୁଟାଇବା ଉପରେ ଶକ୍ତ କଟକଣା ଲଗାଇଛି ବିଏମସି। ବାଣରୁ ଅଗ୍ନିକାଣ୍ଡ ଓ ବିସ୍ଫୋରଣ ଘଟଣା ବଢୁଥିବାରୁ ଏପରି ନିର୍ଦ୍ଦେଶନାମା ଜାରି କରିଛି ବିଏମସି। ସାଧାରଣତଃ ରକେଟ୍ ଜଳାଇଲାବେଳେ କାହା ଘର ଛାତ, ବାଲ୍‌କୋନୀ ଏବଂ ଝରକା ଦେଇ ଘରକୁ ପଶିଥିବାରୁ ଅଗ୍ନିକାଣ୍ଡ ଘଟୁଛି। ମୁମ୍ବାଇରେ ଜନସଂଖ୍ୟା ଅନୁସାରେ ଉଚ୍ଚ କୋଠା ଓ ଛୋଟ ବସ୍ତିରେ ଏପରି ଘଟଣା ଘଟିବା ସମ୍ଭାବନା ଥିବାରୁ ରକେଟରେ କଟକଣା ଲଗାଯାଇଛି। ସୋମବାର ମଧ୍ୟରାତ୍ରି ୧୨ଟାରୁ ଏହି ପ୍ରତିବନ୍ଧକ ଲାଗୁ ହୋଇଛି। ନିର୍ଦ୍ଦେଶ ପାଳନ ପାଇଁ ପୋଲିସକୁ ଦାୟିତ୍ୱ ଦିଆଯାଇଛି। ବିଏମସିର ବିଭାଗୀୟ ସହାୟକ ଓ ଅଗ୍ନିଶମ ବାହିନୀଙ୍କୁ ଏହି ଗୁରୁଦାୟିତ୍ୱ ଦିଆଯାଇଛି। ବାଣ ଫୁଟିବା ସମୟରେ ମୁମ୍ବାଇର ଅନେକ ସ୍ଥାନରେ ଅଗ୍ନିକାଣ୍ଡ ଘଟଣା ସାମ୍ନାକୁ ଆସିଛି। ସେସବୁର ପୁନରାବୃତ୍ତି ନହେବା ପାଇଁ ମେୟର ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି। ଜନସାଧାରଣ ସ୍ଥାନ, ଗଳିକନ୍ଦି, ଫୁଟପାଥରେ ବାଣ ନଫୁଟାଇବାକୁ ଅନୁରୋଧ କରିଛନ୍ତି। ରକେଟ୍ ଏବଂ ଆକାଶରେ ଉଡୁଥିବା ବାଣରୁ ବଞ୍ଚିବାକୁ ଅନୁରୋଧ କରିଛନ୍ତି।

ସରକାରୀ କର୍ମଚାରୀଙ୍କୁ ସୁପ୍ରିମ୍ ଛାଟ
୪୮ ଘଣ୍ଟାରୁ ଅଧିକ ଜେଲ୍‌ରେ ରହିଲେ ସ୍ୱତଃ ହେବେ ସସ୍‌ପେଣ୍ଡ

ନୂଆଦିଲ୍ଲୀ,୯।୧୧(ଏଜେନ୍ସି): ଜଣେ ସରକାରୀ କର୍ମଚାରୀ ୪୮ ଘଣ୍ଟାରୁ ଅଧିକ ସମୟ ନ୍ୟାୟିକ ହାଜତରେ ରହିଲେ, ତାଙ୍କୁ ନିଲମ୍ବିତ ବୋଲି ଧରାଯିବ। ଏଥିପାଇଁ କୌଣସି ପୃଥକ୍ ଆଦେଶର ଆବଶ୍ୟକତା ନାହିଁ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି।

ବିହାରର ସମସ୍ତିପୁରସ୍ଥିତ ସଦର ହସପିଟାଲର ପ୍ରଶାସକ ବିଶ୍ୱଜିତ ସିଂହଙ୍କ ଜାମିନ କାଏମ ରଖିବା ଅବସରରେ ଜଷ୍ଟିସ ଜେବି ପାର୍ଡିୱାଲ। ଏବଂ ଜଷ୍ଟିସ ମନମୋହନଙ୍କ ନ୍ୟାୟପୀଠ ଏହି ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ଲାଞ୍ଚ ନେବା ଅଭିଯୋଗରେ ବିଶ୍ୱଜିତ ଗିରଫ ହୋଇଥିଲେ। ଜଣେ ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ୩୬,୪୨୧ ଟଙ୍କାର ବକେୟା ଦରମା ଛାଡ଼ିବା ପାଇଁ ସେ ୪,୦୦୦ ଟଙ୍କା ଦାବି କରିଥିଲେ। ଉକ୍ତ ମାମଲାରେ ଦୌରା କୋର୍ଟ ଦେଇଥିବା ଜାମିନକୁ ପାଟଣା ହାଇକୋର୍ଟ ପ୍ରାୟ ବର୍ଷକ ପରେ ରଦ୍ଦ କରିଥିଲେ। ସୁପ୍ରିମକୋର୍ଟ ହାଇକୋର୍ଟଙ୍କ ସେହି ଆଦେଶକୁ ରଦ୍ଦ କରି ଜାମିନ ବଜାୟ ରଖିଛନ୍ତି। ଶୀର୍ଷ ଅଦାଲତ କହିଛନ୍ତି ଯେ ଲାଞ୍ଚ ଅର୍ଥର ପରିମାଣ ଜାମିନ ଆବେଦନ ବିଚାର କରିବାର ନିର୍ଣ୍ଣାୟକ ନୁହେଁ।

ଏହା ସହିତ ଅଦାଲତ ବିଶ୍ୱଜିତଙ୍କ କାର୍ଯ୍ୟକଳାପକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ସୁପ୍ରିମକୋର୍ଟ। ସେ ପ୍ରାୟ ୧୫ ଦିନ ହାଜତରେ ରହିବା ପରେ ବି ତାଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇ ପୁନର୍ବାର ସମାନ ଡାକ୍ତରଖାନା ଓ ସମାନ ପଦବୀରେ ଅବସ୍ଥାପିତ କରାଯାଇଥିଲା। ଏହାକୁ ନ୍ୟାୟପୀଠ ଉଦ୍‌ବେଗଜନକ ବୋଲି କହିବା ସହ ତୁରନ୍ତ ତଦନ୍ତ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୫ରେ ବିଶ୍ୱଜିତଙ୍କ ବିରୋଧରେ ଦୁର୍ନୀତି ନିବାରଣ ଆଇନର ଧାରା ୭(ବି) ଅଧୀନରେ ମାମଲା ରୁଜୁ ହୋଇଥିଲା। ସାଧାରଣତଃ ଏହିପରି ମାମଲାରେ ଗୁରୁତର ଅପରାଧିକ ରେକର୍ଡ ନ ଥିଲେ ଜାମିନ ମିଳିବା ଉଚିତ ବୋଲି କୋର୍ଟ କହିଛନ୍ତି।



ଦୀପାବଳି ରାତିରେ ୨ ସ୍ଥାନରେ ଭୟଙ୍କର ଅଗ୍ନିକାଣ୍ଡ, ୧୨ ମୃତ

ଭୋପାଳ,୯।୧୧(ଏଜେନ୍ସି): ମଧ୍ୟପ୍ରଦେଶର ସିଓନୀ ଓ କଟନୀ ଜିଲ୍ଲାରେ ଦୀପାବଳି ରାତିରେ ଭୟଙ୍କର ଅଗ୍ନିକାଣ୍ଡ ଘଟି ଦୁଇଟି ବ୍ୟବସାୟୀ ପରିବାରର ୧୨ଜଣ ଲୋକଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଜଣେ ୨ ମାସର ନବଜାତକ ଶିଶୁ ଅଛନ୍ତି। ଗୋଟିଏ ଘଟଣା କଟନୀର ବରହି ଓ ଅନ୍ୟଟି ସିଓନୀର ଛାପ୍ରାରେ ଘଟିଛି। ଅନ୍ୟ ଏକ ଘଟଣାରେ ଉଜ୍ଜୟିନୀରେ ଏକ ଦୁଇ ମହଲା କୋଠା ତଳେ ଥିବା ଦୁଇଟି ଦୋକାନରେ ହଠାତ୍ ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିକାଣ୍ଡ ଯୋଗୁ ଶ୍ୱାସରୁଦ୍ଧ ହୋଇ ଜଣେ ୧୦୭ ବର୍ଷୀୟ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ଏହି ତିନିଟି ଘଟଣାରେ ୫ ମହିଳା, ୪ ପୁରୁଷ ଓ ୪ ଶିଶୁ ଅଛନ୍ତି।

ବରହିରେ ଏକ ତିନି ମହଲା କୋଠାରେ ଅଗ୍ନିକାଣ୍ଡ ଘଟି ଗୋଟିଏ ପରିବାରର ୬ ଜଣ ସଦସ୍ୟଙ୍କ ମୃତ୍ୟୁ ଘଟିଛି। ଏଥିରେ ଜଣେ ଦୁଇ ମାସର ନବଜାତକ, ଦୁଇ ଜଣ ଶିଶୁ (ଜଣେ ୧୪ ବର୍ଷ ପୁଅ ଓ ଅନ୍ୟ ଜଣେ ୬ ବର୍ଷର ଝିଅ), ସେମାନଙ୍କ ମାଆ, ଜେଜେମାଆ ଓ ଜେଜେବାପା ଅଛନ୍ତି। ଦୁଇ ମାସର ଶିଶୁଟି ମୃତ୍ୟୁବେଳକୁ ନିଜ ମା' କୋଳରେ ଥିଲା। ସେମାନଙ୍କ ଘରର ସବୁଠୁ ତଳ ମହଲାରେ ଚିନାମାଟି ପାତ୍ର ଓ ପ୍ଲାଷ୍ଟିକ ଦୋକାନ ଥିଲା। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି, ସେଠାରେ ରଖାଯାଇଥିବା ଏକ ଜଳନ୍ତା ମାଟି ଦୀପରୁ ନିଆଁ ଅନ୍ୟ ଆଡ଼େ ବ୍ୟାପି ଯାଇଥିଲା। ଘରେ ନିଆଁ ଲାଗିବା ପରେ ମାତ୍ର ଦୁଇଜଣ କୌଣସି ମତେ ବାହାରକୁ ବାହାରି ପାରିଥିଲେ କିନ୍ତୁ ଅନ୍ୟମାନେ ନିଆଁରେ ପୋଡ଼ି ହୋଇଯାଇଥିଲେ। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ ୪ଟି ଦମକଳ ଗାଡ଼ି ନିଆଁ ଲିଭାଇବାକୁ ନିୟୋଜିତ କରାଯାଇଥିଲେ ମଧ୍ୟ ଯାନ୍ତ୍ରିକ ତ୍ରୁଟି ଯୋଗୁ ନିଆଁ ଲିଭାଇବାରେ ବିଳମ୍ବ ହୋଇଥିଲା। ସ୍ଥାନୀୟ ଲୋକମାନେ ନିଆଁ ଲିଭାଇବାରେ ସହାୟତା କରିଥିଲେ ମଧ୍ୟ ନିଆଁକୁ ଆୟତ୍ତ କରିପାରିନଥିଲେ ଓ ଏତେ ବଡ଼ ବିପଦ ଘଟିଥିଲା।

ଅନ୍ୟପକ୍ଷରେ କଟନୀଠାରୁ ୨୭୦ କିମି ସେଓନି ଛାପ୍ରା ସହରରେ ରାତି ୪ଟା ୩୦ରେ ଜଣେ ସୁନା ବ୍ୟବସାୟୀଙ୍କ ତିନି ମହଲା ଘରେ ଅଗ୍ନିକାଣ୍ଡ ଘଟି ୬ ଜଣଙ୍କର ମୃତ୍ୟୁ ହୋଇଛି। ପୋଡ଼ି ହୋଇ ଓ ଶ୍ୱାସରୁଦ୍ଧ ହୋଇ ୬ ଜଣ ଲୋକଙ୍କର ମୃତ୍ୟୁ ହୋଇଥିଲା। ଘରେ ୧୦ ଜଣ ଲୋକ ଥିବାବେଳେ ୪ ଜଣଙ୍କୁ ଅଗ୍ନିଶମ ବାହିନୀ ଉଦ୍ଧାର କରିଥିଲା।

ଇସ୍ରାଏଲ ଯୋଗୁ ରିପବ୍ଲିକାନ ପାର୍ଟି ଆମେରିକା ନିର୍ବାଚନରେ ହାରିଲା



ୱାଶିଂଟନ,୯।୧୧(ଏଜେନ୍ସି): ଗତ ସପ୍ତାହରେ ଅନୁଷ୍ଠିତ ହୋଇଥିବା ଆମେରିକା ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦଳ ରିପବ୍ଲିକାନ ପାର୍ଟି ବହୁତ ଖରାପ ପ୍ରଦର୍ଶନ କରିଛି। ଏହି ଖରାପ ପ୍ରଦର୍ଶନ ପାଇଁ ଟ୍ରମ୍ପ ଇସ୍ରାଏଲକୁ ଦାୟୀ କରିଛନ୍ତି। ଟ୍ରମ୍ପ କହିଛନ୍ତି, ରିପବ୍ଲିକାନ୍ ପାର୍ଟିର ଖରାପ ପ୍ରଦର୍ଶନର ଗୋଟିଏ କାରଣ ହେଉଛି, ଆମେରିକୀୟମାନେ ଇସ୍ରାଏଲକୁ ପସନ୍ଦ କରନ୍ତି ନାହିଁ। ଭୋଟରମାନେ କିଛି